# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-240 ◆WEDNESDAY ◆25 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୪୦ ◆ବୁଧବାର ◆୨୫ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




## ଭାରତକୁ ଜିତାଇଲେ ଶିବୁନା ନନ୍ଦ

▶ପୃଷ୍ଠା ୧୨ ଦେଖନ୍ତୁ...








CELEBRATING 33 Years

- Where legacy meets modern majesty
- 50+ acre villa township
- Vaastu Compliant

YOUR ROYAL WORLD
A kingdom wrapped in green
70% landscaped greens
Sand Pit | Jogging Track | Sit-out Zones
Sculpture Garden | Swing Garden | Yoga Zone
Basketball Court | Half Basketball Court

YOUR ROYAL THRONE
A club that deserves its own crown
Club Costa spread across 50,000 sq. ft
Miniplex | Gymnasium | Karaoke Room | Swimming Pool
Jacuzzi | Spa & Salon | Indoor Kids' Play Area
Library | Banquet Hall | Cafèteria | Restaurant
Food Court | Conference Rooms

YOUR ROYAL LIFE
A treasury of experiences, every hour
50+ lifestyle privileges
Mini Indoor Stadium | Lawn Tennis Court
Mini Cricket Ground | Pickle Ball Court
Jogging & Cycling Track | Badminton Court | BBQ Zone

The Oasis by Metro Kings Court
RERA: RP/19/2026/01424 | Phase1_MP/19/2022/00770 | rera.odisha.gov.in
Developed by : CITY TRADE ARCADE PVT. LTD. | Site Address: The Oasis by Metro Kings Court, Sandhapur, Jatni, Khordha, Odisha - 752050

SOUTH BHUBANESWAR 97777 36222

Disclaimer: This is a proposed development, and all information contained in this advertisement is purely conceptual in nature. It is issued solely for general informational purposes and does not constitute an offer, invitation to offer, advertisement, marketing, or sale of any unit or property, nor does it create any contractual obligation on the part of the developer. The developer expressly disclaims any intent to solicit bookings or sales through this advertisement. All prospective transactions shall be subject to the terms and conditions of a duly executed agreement for sale, in accordance with applicable laws. It is hereby expressly clarified that the amenities and facilities referred to or depicted in any marketing, promotional, or informational material are common/shared amenities forming part of the larger Metro Kings Court Development and are not exclusive to this Project alone. The usage of such amenities and facilities shall be subject to payment of applicable usage, maintenance, or subscription charges, as may be determined by the Promoter/Management from time to time, and shall further be governed by the terms and conditions prescribed by the promoter/Management/Maintenance agency. This project is being developed and promoted by M/s City Trade Arcade Private Limited.

# ପ୍ରତିଶ୍ରୁତି 'ମଦମୁକ୍ତ'; କାମ 'ମଦଯୁକ୍ତ'

## ନିଷ୍ପତ୍ତି ପ୍ରତ୍ୟାହାର ନହେଲେ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୨୪।୨ (ସମିସ): ଆଗାମୀ ଦିନରେ ରାଜ୍ୟରେ ଟେଟ୍ରା ପ୍ୟାକରେ ମଦ ଉପଲବ୍ଧ ସଂକ୍ରାନ୍ତ ସରକାରୀ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି ନବୀନ ପଟ୍ଟନାୟକ। ଟେଟ୍ରା ପ୍ୟାକରେ ମଦ ବିକ୍ରି କରି ବିଜେପି ସରକାର 'ମଦମୁକ୍ତ ଓଡ଼ିଶା' ନା 'ମଦଯୁକ୍ତ ଓଡ଼ିଶା' ଗଠନ କରୁଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ନବୀନ କହିଛନ୍ତି ଯେ ଓଡ଼ିଶାକୁ ମଦମୁକ୍ତ କରିବା ପାଇଁ ନିର୍ବାଚନ ସମୟରେ ବଡ଼ ବଡ଼ ପ୍ରତିଶ୍ରୁତି ଦେଇ ବିଜେପି ସରକାର କ୍ଷମତାକୁ ଆସିଥିଲା। ହେଲେ କ୍ଷମତାକୁ ଆସିବା ପରେ ମଦର ପ୍ରସାର ଓ ସହଜ ଉପଲବ୍ଧ କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ଅଧିକ ମଦ ଦୋକାନ ଖୋଲିବା, କାଚ ବୋତଲ ବଦଳରେ ଟେଟ୍ରା ପ୍ୟାକରେ ମଦ ବିକ୍ରି କରିବାକୁ ନିଷ୍ପତ୍ତି ନେଇ ବିଜେପି ସରକାର ଓଡ଼ିଶାବାସୀଙ୍କୁ ହତାଶ ଓ ନିରାଶ କରିଛି। ଓଡ଼ିଶାରେ ମହିଳା, ଶିଶୁଙ୍କ ସୁରକ୍ଷା ତଥା ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ସରକାରଙ୍କ ଏପରି ପଦକ୍ଷେପ ପରିସ୍ଥିତିକୁ ଆହୁରି ସଂକଟଜନକ କରିଦେବ। ଏହା ଓଡ଼ିଶାର ମା'ଭଉଣୀଙ୍କ ସୁରକ୍ଷାକୁ ଆହୁରି ବିପନ୍ନ କରିବା ସହ ଯୁବସମାଜ ଓ କୋମଳମତି ଛାତ୍ରଙ୍କ ମନକୁ ବିକୃତ କରିବ। ବିଜେପି ସରକାର ଏହି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରୁ। ନଚେତ ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଜୋରଦାର କରିବ ବୋଲି ନବୀନ ଚେତାବନୀ ଦେଇଛନ୍ତି।



# ଆଳୁ ଉତ୍ପାଦନ ତଥ୍ୟ ଦେବାକୁ ସରକାର ନାରାଜ

ଭୁବନେଶ୍ୱର, ୨୪।୨(ସମିସ): ଓଡ଼ିଶା ପାଇଁ ବର୍ଷକୁ ପାଖାପାଖି ୧୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଦରକାର; ମାତ୍ର ରାଜ୍ୟରେ ଉତ୍ପାଦିତ ହେଉଛି ପ୍ରାୟ ୩ ଲକ୍ଷ ମେଟ୍ରିକ୍ ଟନ୍। ନିଜସ୍ୱ ଚାହିଦା ମେଣ୍ଟାଇବା ପାଇଁ ଓଡ଼ିଶା ଅନ୍ୟ ରାଜ୍ୟରୁ ବର୍ଷକୁ ପ୍ରାୟ ଦେଢ଼ ହଜାରରୁ ଦୁଇ ହଜାର କୋଟି ଟଙ୍କାର ଆଳୁ ଆମଦାନୀ କରୁଛି। ଅନେକ ସମୟରେ ପଶ୍ଚିମବଙ୍ଗ ସହ ତିକ୍ତତା ପାଇଁ ଓଡ଼ିଶାରେ କୃତ୍ରିମ ଆଳୁ ସଙ୍କଟ ଦେଖାଦେଉଛି। ଏହାକୁ ପୂରଣ କରିବାକୁ ସରକାର ରାଜ୍ୟରେ ବ୍ୟାପକ ଆଳୁଚାଷ ପାଇଁ ପ୍ରୋତ୍ସାହିତ କରୁଛନ୍ତି। ୨୦୨୩-୨୪ରେ ପ୍ରାୟ ୬୦ ହଜାର କୁଇଣ୍ଟାଲ ଆଳୁ ବିହନ ପ୍ରଦାନ କରାଯାଇଥିବାବେଳେ ୨୦୨୫-୨୬ ବା ଚଳିତ ରବି ଋତୁ ପାଇଁ ୧ଲକ୍ଷ ୮୦ ହଜାର କ୍ୱିଣ୍ଟାଲରୁ ଅଧିକ ଆଳୁ ବିହନ ପ୍ରଦାନ କରାଯାଇଛି ବୋଲି ସରକାର ଦାବି କରୁଛନ୍ତି । ମାତ୍ର ରାଜ୍ୟରେ କେତେ ଆଳୁ ଉତ୍ପାଦନ ହେଉଛି, ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବାକୁ ସରକାର ନାରାଜ। ବିଧାନସଭାରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଏ ସଂକ୍ରାନ୍ତରେ କରିଥିବା ପ୍ରଶ୍ନରେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିଛନ୍ତି । ସରକାର ଗୃହରେ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ରାଜ୍ୟରେ ଆଳୁଚାଷ ପାଇଁ ୨୦୨୪-୨୫ରେ ୧,୬୦,୧୩୭ କ୍ୱିଣ୍ଟାଲ ବିହନ ଚାଷୀଙ୍କୁ ଯୋଗାଇଛନ୍ତି। ୨୦୨୫-୨୬ ରବି ଋତୁରେ ୧,୮୨,୯୬୭ କ୍ୱିଣ୍ଟାଲ ବିହନ ବଣ୍ଟନ କରାଯାଇଛି। କୋରାପୁଟ୍ ଜିଲ୍ଲାରେ ସର୍ବାଧିକ ୭୬୦ ହେକ୍ଟରରେ ଆଳୁଚାଷ ପାଇଁ ୧୧,୪୦୪ କ୍ୱିଣ୍ଟାଲ ବିହନ ପ୍ରଦାନ କରାଯାଇଥିବାବେଳେ ଯାଜପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ୧୦ହଜାରରୁ ଅଧିକ କ୍ୱିଣ୍ଟାଲ ବିହନ ଦିଆଯାଇଛି। ମାତ୍ର ରାଜ୍ୟରେ କେତେ ପରିମାଣରେ ଆଳୁ ଉତ୍ପାଦନ ହେଉଛି ବୋଲି ପ୍ରଶ୍ନର ଉତ୍ତର ସରକାର ଦେଇନାହାନ୍ତି । ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜ୍ୟକୁ ଆଳୁ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ପୂର୍ବ ସରକାର ଆଳୁ ମିଶନ ହାତକୁ ନେଇଥିଲେ। ନୂଆ ସରକାର ଆସିବା ପରେ ଆଳୁ ମିଶନ ଅବଧି ବୃଦ୍ଧି କରିଛନ୍ତି। ଅଧିକ ପରିମାଣର ବିହନ ପ୍ରଦାନ କରିଛନ୍ତି। ମାତ୍ର ଉତ୍ପାଦନ ତଥ୍ୟ ମନ୍ତ୍ରୀ ପ୍ରକାଶ କରି ନ ଥିବାରୁ ବିହନ ଚାଷ ହେଉଛି ନା ଚୁଲିକୁ ଯାଉଛି ତାହା ସମୀକ୍ଷା ଯୋଗ୍ୟ ବୋଲି ବିଧାୟକ ଶ୍ରୀ ଦାସ କହିଛନ୍ତି।

# 'ମୁଲତବୀ'କୁ ନେଇ କଂଗ୍ରେସ ବିଧାୟକ ଦଳ ଦୁଇ ଫାଳ

## କଳା ଟି-ଶାର୍ଟ ପିନ୍ଧିଲେନି ଅଧା ବିଧାୟକ, ଗାନ୍ଧୀମୂର୍ତ୍ତି ତଳେ ଧାରଣାରେ ଅଧେ ଅନୁପସ୍ଥିତ

ଭୁବନେଶ୍ୱର,୨୪।୨(ସମିସ): ଓଡ଼ିଶା ବିଧାନସଭାରେ ବର୍ତ୍ତମାନ ୧୪ ଜଣ କଂଗ୍ରେସ ବିଧାୟକ ରହିଛନ୍ତି। ମାତ୍ର କଂଗ୍ରେସ ବିଧାୟକ ଦଳ ବିଭିନ୍ନ ସମୟରେ ଆପଣେଉଥିବା ରଣନୀତି ଓ କାର୍ଯ୍ୟକଳାପକୁ ଦେଖିଲେ, ଦଳର ବିଧାୟକମାନେ ଏକାଠି ଥିବା ମନେ ହେଉନାହିଁ। ଅତୀତରେ ଗୋଷ୍ଠୀବାଦରେ ବିଭାଜିତ କଂଗ୍ରେସ ଲୋକଙ୍କର ଆସ୍ଥାଭାଜନ କଂଗ୍ରେସ ଗୋଷ୍ଠୀବାଦକୁ ନେଇ ଅନେକ ବଦନାମ ସହିଛି। ଏବେ ୧୪ ଜଣିଆ ବିଧାୟକ ଦଳରେ ଚାଲିଥିବା ମତଭେଦ ଦଳ ପାଇଁ ମହଙ୍ଗା ପଡ଼ିପାରେ ବୋଲି ଆଲୋଚନା ହେଉଛି ।




ମଙ୍ଗଳବାର କଂଗ୍ରେସ ବିଧାୟକ ସାଗର ଦାସ, ନୀଳମାଧବ ହିକକା, କାଡ୍ରାକା ଆପାଲା ସ୍ୱାମୀ, ମଙ୍ଗୁ ଖିଲ, ପ୍ରଫୁଲ୍ଲ ପ୍ରଧାନ ଓ ଦାସରଥି ଗମାଙ୍ଗୋ ପ୍ରମୁଖ କଳା ଟି-ଶାର୍ଟ ପିନ୍ଧି ବିଧାନସଭାକୁ ଆସିଥିଲେ। ଏଥିରେ ମହାତ୍ମା ଗାନ୍ଧୀଙ୍କ ଫଟୋ ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ୍ ଲେଖାଯାଇଲା। ଏହି ବିଧାୟକମାନେ ଦଳର ଜାତୀୟ ପ୍ରସଙ୍ଗକୁ ଆଧର କରି ବିଜେପି ସରକାର ବିରୋଧ ପ୍ରଦର୍ଶନ କରିଥିଲେ। ଏଆଇସିସି ଯୁବ କଂଗ୍ରେସ ସଭାପତିଙ୍କ ଗିରଫଦାରୀକୁ ମଧ୍ୟ ବିଧାୟକମାନେ ବିରୋଧ କରିଥିଲେ । ମାତ୍ର ଆଉ କିଛି ବିଧାୟକ ଏଥିରୁ ନିଜକୁ ଦୂରେଇ ରଖିଥିଲେ। କେବଳ ବିଧାନସଭା ନୁହେଁ, ବିଧାନସଭା ପରିସରରେ ଗାନ୍ଧୀମୂର୍ତ୍ତି ତଳେ ଦଳୀୟ ବିଧାୟକଙ୍କ ଧାରଣା ସମୟରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ୧୪ ଜଣିଆ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କ ନେତୃତ୍ୱରେ ସନ୍ଧ୍ୟାରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିବାବେଳେ ସାଗରଙ୍କ ନେତୃତ୍ୱରେ ଅନ୍ୟ କିଛି ବିଧାୟକ ଏଥିରେ ସାମିଲ ହୋଇ ନ ଥିଲେ। ଯାହାକୁ ନେଇ କଂଗ୍ରେସ ବିଧାୟକ ଦଳ ଭିତରେ ସବୁ କିଛି ଠିକ୍ ଚାଲି ନ ଥିବା ଚର୍ଚ୍ଚା ସୃଷ୍ଟି ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସମସ୍ତ ବିଧାୟକ ଏହି ରଣନୀତିରେ ବିଧାନସଭା ଆସିବେ ବୋଲି ନିଷ୍ପତ୍ତି ହୋଇଥିଲା ଓ ଏଥିପାଇଁ ଟି-ଶାର୍ଟ ମଧ୍ୟ ଅଣାଯାଇଥିଲା। ମାତ୍ର କେଉଁ କାରଣ ଯୋଗୁଁ ଅନ୍ୟ ବିଧାୟକମାନେ ଏହି ରଣନୀତିରୁ ନିଜକୁ ଦୂରେଇ ରଖିଥିଲେ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ପୂର୍ବରୁ କୌଣସି ସୂଚନା ନ ଥାଇ ମଙ୍ଗଳବାର କଂଗ୍ରେସ ଦଳ ବିଧାନସଭାରେ ଚାଷୀ ପ୍ରସଙ୍ଗରେ ମୁଲତବୀ ନୋଟିସ ଆଣିବା ଓ ଏହା ଉପରେ ଆଲୋଚନାରେ ସାମିଲ ହେବାକୁ ନେଇ ଦଳର ଅଧିକାଂଶ ବିଧାୟକ ଏବେ ବି ସନ୍ଦେହରେ ଅଛନ୍ତି। ବିଧାନସଭା ଆରମ୍ଭରୁ ଚାଷୀ ସମସ୍ୟାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହ ଭିତରେ ସରକାରଙ୍କ ଉପରେ ପ୍ରବଳ ଚାପ ପକାଉଥିଲେ। ସରକାରଙ୍କୁ ଅଡୁଆ ପରିସ୍ଥିତିରେ ପକାଇବାରେ ସଫଳ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ବିଜେଡି ଚାଷୀ ସୁରକ୍ଷା ସମାବେଶ କରିବା ସହ ବିଧାନସଭା ବର୍ଜନ କରିଥିବାବେଳେ କଂଗ୍ରେସ ଦଳ ମୁଲତବୀ ଆଲୋଚନାରେ କିପରି ସରକାରଙ୍କ ସହ ସାମିଲ ହେଲା ତାହା ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି। ଏମିତି କି ଦଳର ଅଧିକାଂଶ ବିଧାୟକ ଏହି ନୋଟିସ୍ ସମ୍ପର୍କରେ ଜାଣି ନ ଥିବାରୁ ବିଧାୟକ ସାଗର ଦାସ ଏହି ଆଲୋଚନାରୁ ନିଜକୁ ଦୂରେଇ ରଖିଥିବା ସୂଚନା ମିଳିଛି। ଏହି ଆଲୋଚନା ସମୟରେ ସେ ବିଧାନସଭା ଲବିରେ ବସି ରହିଥିଲେ ମଧ୍ୟ ଗୃହ ଭିତରକୁ ଆସି ଆଲୋଚନାରେ ଅଂଶଗ୍ରହଣ କରିନାହାନ୍ତି। ବିଜେଡିର ଚାଷୀ ସମାବେଶକୁ କାଉଣ୍ଟର କରିବା ପାଇଁ କଂଗ୍ରେସ କାନ୍ଧରେ ବନ୍ଧୁକ ରଖି ଶାସକ ଦଳ ସଫଳ ହୋଇଥିବା ଆଲୋଚନା ହେଉଛି।

ବ୍ୟବସ୍ଥା ଅନୁଯାୟୀ କୌଣସି ଅଧିବେଶନରେ ଗୋଟିଏ ପ୍ରସଙ୍ଗରେ ଥରେ ମାତ୍ର ଆଲୋଚନା ହୋଇପାରିବ। ଧାନ କିଣା ପ୍ରସଙ୍ଗରେ ବିରୋଧୀ ବିଜେଡି ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ସହ ମୁଖ୍ୟମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା ଦାବି କରି ଆସୁଥିଲା। ହେଲେ ଆଜି ବିଜେଡି ସଦସ୍ୟମାନଙ୍କ ଅନୁପସ୍ଥିତିରେ ଗୃହରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଛି। ତେଣୁ ବିଜେଡି ବିଧାୟକ ପ୍ରତାପ କେଶରୀ ଦେବ ଗୃହ ବାହାରେ କଂଗ୍ରେସର ଭୂମିକାକୁ ନେଇ ସମାଲୋଚନା କରିଛନ୍ତି। ବିଜେପି ଯାହା ଚାହୁଁଥିଲା କଂଗ୍ରେସ ସେଥିରେ ସହଯୋଗ କରିଛି ଓ କଂଗ୍ରେସର ସହଯୋଗ ନେଇ ସରକାର ବୈତରଣୀ ପାର କରିବାକୁ ଉଦ୍ୟମ କରିଛନ୍ତି ବୋଲି ପ୍ରତାପ ଦେବ ଅଭିଯୋଗ କରିଛନ୍ତି ।

# ଆଇଆର୍‌ଏସ୍‌ଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗରେ ନୂଆ ମୋଡ଼

ଭୁବନେଶ୍ୱର, ୨୪।୨(ସମିସ): ଆଇଆର୍‌ଏସ୍ ଅଧିକାରୀଙ୍କ ବିରୋଧରେ ଦୁଷ୍କର୍ମ ମାମଲାରେ ଆସିଛି ନୂଆ ମୋଡ଼ । ଆଇଆର୍‌ଏସ୍ ଅଧିକାରୀଙ୍କ ସମ୍ପର୍କୀୟା ଭଉଣୀ ତାଙ୍କର ତଥାକଥିତ ବାନ୍ଧବୀ ତଥା ପୀଡ଼ିତା କୁହାଯାଉଥିବା ମହିଳାଙ୍କ ବିରୋଧରେ ଆଣିଛନ୍ତି ସାଂଘାତିକ ଅଭିଯୋଗ। ତାଙ୍କ ଭାଇ ନିର୍ଦ୍ଦୋଷ ଓ ତାଙ୍କୁ ଫସାଇ ଦିଆଯାଇଥିବା ଅଭିଯୋଗ କରିବା ସହ ତାଙ୍କ ସ୍ୱାମୀ (ଆଇଆର୍‌ଏସ୍‌ଙ୍କ ଭିଣୋଇ)ଙ୍କ ସହ ସମ୍ପୃକ୍ତ ମହିଳା ଅଭିଯୋଗକାରିଣୀଙ୍କ ଶାରୀରିକ ସମ୍ପର୍କ ଥିବା ଅଭିଯୋଗ କରିଛନ୍ତି ।

ଦୁଷ୍କର୍ମ ଅଭିଯୋଗରେ ସମ୍ପୃକ୍ତି ଅଭିଯୋଗ ଆଧାରରେ ସମ୍ପୃକ୍ତ ଆଇଆର୍‌ଏସ୍ ଅଧିକାରୀଙ୍କ ଭଉଣୀଙ୍କୁ ଆଜି ତଦନ୍ତ ପାଇଁ ପୁଲିସ ଥାନାକୁ ଡ଼କାଇଥିଲା। କାହିଁକି ସମ୍ପୃକ୍ତ ମହିଳାଙ୍କୁ ସେ ଇନ୍‌କମ୍ ଟ୍ୟାକ୍ସ କଲୋନୀସ୍ଥିତ ଭାଇଙ୍କ ସରକାରୀ ବାସଭବନକୁ ଆଣିଥିଲେ ବୋଲି ପଚରାଉଚରା କରିଥିଲା। ସେ ଘଟଣା ସମ୍ପର୍କରେ ପୁଲିସକୁ ସବୁ ତଥ୍ୟ ପ୍ରଦାନ କରିଥିଲେ। ତେବେ ଥାନାରୁ ବାହାରିବା ପରେ ଗଣମାଧ୍ୟମକୁ ଯେଉଁ ତଥ୍ୟ ଆଇଆର୍‌ଏସ୍‌ଙ୍କ ଭଉଣୀ ଦେଇଛନ୍ତି, ତାହା ସମସ୍ତଙ୍କୁ ଆଚମ୍ବିତ କରିଛି। ଅଭିଯୋଗକାରିଣୀଙ୍କୁ ସେ ଇନ୍‌କମ୍ ଟ୍ୟାକ୍ସ କଲୋନୀ ସ୍ଥିତ ସରକାରୀ କ୍ୱାର୍ଟର୍ସକୁ ଆଣିଥିଲେ ବୋଲି ଆଇଆର୍‌ଏସ୍‌ଙ୍କ ଭଉଣୀ ସ୍ୱୀକାର କରିଛନ୍ତି।

■ ବାନ୍ଧବୀଙ୍କ ବିରୋଧରେ ଅଭିଯୋଗ କଲେ ଆଇଆର୍‌ଏସ୍‌ଙ୍କ ଭଉଣୀ
■ ତାଙ୍କ ସ୍ୱାମୀଙ୍କ ସହ ସମ୍ପୃକ୍ତ ମହିଳାଙ୍କ ସମ୍ପର୍କ ଥିବା ନେଇ ଅଭିଯୋଗ

ମାମୁଁ ମାଇଁଙ୍କ ଦେହ ଖରାପ ଥିବାରୁ ତାଙ୍କୁ ଦେଖିବା ପାଇଁ ସେ ଆସିଥିଲେ ଓ ଏହି ସମୟରେ ସମ୍ପୃକ୍ତ ମହିଳାଙ୍କୁ ସାଥୀରେ ଆଣିଥିଲେ। ତାଙ୍କ ଭାଇର ବୟସ ଠାରୁ ସେହି ମହିଳାଙ୍କ ବୟସ ଢ଼େର ଅଧିକ ଓ ତାଙ୍କ ଭାଇକୁ ସେ ଫସାଇ ଦେଇଥିବା ଆଇଆର୍‌ଏସଙ୍କ ଭଉଣୀ ଅଭିଯୋଗ କରିଛନ୍ତି ।

ଏହି ଅବସରରେ ସେ ଗଣମାଧ୍ୟମ ନିକଟରେ ଆହୁରି ଏକ ସାଂଘାତିକ ଅଭିଯୋଗ କରିଛନ୍ତି । ମୁଁ ଜଣେ ଓସିଡି ରୋଗୀ; ମୋତେ ନିଦ ବଟିକା ଦେଇ ମୋତେ ସେ ଶୁଆଇ ଦେଲା; ଏହାପରେ ମୋ ମୋବାଇଲ ଖୋଲି ନିଜ ଫଟୋ ନିଜେ ଭାଇରାଲ୍ କରି ଥାନାରେ ଅଭିଯୋଗ କରିଥିଲା । ମୋ ସ୍ୱାମୀଙ୍କ ସହ ବି ସେ ଶାରୀରିକ ସମ୍ପର୍କ ରଖିଛି । ମୋତେ ଓ ମୋର ପରିବାରକୁ ଅସୁବିଧାରେ ପକାଇବା ପାଇଁ ସେ ନିଜ ଫଟୋ ନିଜେ ଭାଇରାଲ କରିଛି। ପୁଲିସ ସମ୍ପୃକ୍ତ ମହିଳାଙ୍କ ମୋବାଇଲ୍ ସିଲ କରି ଫରେନ୍‌ସିକ ଯାଞ୍ଚ କରିବାକୁ ପଠାଉ । ସବୁ କଥା ସ୍ପଷ୍ଟ ହୋଇଯିବ । କିଛିଦିନ ତଳେ ଏହି ମାମଲା ରଫାଦଫା କରିବାକୁ ମୋତେ ସେ ଟଙ୍କା ମାଗିଥିଲା । ମାତ୍ର ମୁଁ ସଫାସଫା ମନା କରି ଦେଇଥିଲି । ଯେଉଁଥିପାଇଁ ଏତେ ସବୁ ନାଟକ। ପୁଲିସ ଏହି ଘଟଣାର ଉପଯୁକ୍ତ ତଦନ୍ତ କଲେ ସବୁ କଥା ଜଣାପଡ଼ିବ।

## ପ୍ରେମ ପାଇଁ ପିଶାଚୀ ସାଜିଲା ଝିଅ

# ପ୍ରେମିକ ସହ ମିଶି ମା' ଓ ଭାଇକୁ ହତ୍ୟା

କୋରାପୁଟ/ବୋରିଗୁମ୍ମା, ୨୪।୨ (ସମିସ): ପ୍ରେମ ପାଇଁ ପିଶାଚୀ ସାଜିଲା ଝିଅ। ପ୍ରେମିକ ସହ ମିଶି ମାଆ ଓ ଭାଇକୁ ମାରିଦେଲା। କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମହକୁମାରେ ଏଭଳି ଏକ ଜଘନ୍ୟକାଣ୍ଡ ଘଟିଛି। ହତ୍ୟାର ଶିକାର ମା'-ପୁଅ ହେଲେ, ବୋରିଗୁମ୍ମା ମୁଖ୍ୟ ରାସ୍ତାରେ ରହୁଥିବା ଅନୁଷ୍କା ପରିଡ଼ା (୪୫) ଓ ତାଙ୍କ ପୁଅ ଏହେମ ପରିଡ଼ା (୧୪)। ଗତକାଲି ପୁଲିସ କୋଟପାଡ଼ ଥାନା ଅନ୍ତର୍ଗତ ଅଣ୍ଡିରା ମୁଣ୍ଡା କେନାଲରୁ ଅଖାରେ ଭର୍ତ୍ତି ହୋଇଥିବା ଏହେମର ଗଳାକଟା ଶବ ଜବତ କରିଥିବା ବେଳେ ଆଜି ଜୟନ୍ତୀଗିରି କେନାଲରୁ ଅନୁଷ୍କାଙ୍କ ମୃତଦେହ ଉଦ୍ଧାର ହୋଇଛି। ଦୁଇ ଦିନ ହେବ ମା'-ପୁଅ ନିଖୋଜ ଥିଲେ। ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ ଅନୁଷ୍କାଙ୍କ ନାବାଳିକା ଝିଅ, ତା' ପ୍ରେମିକ ଓ ଅନ୍ୟ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଆଜି ଅପରାହ୍ଣରେ ପୁଲିସ ଅଭିଯୁକ୍ତ ପ୍ରେମିକ ଓ ଅନ୍ୟ ଅଭିଯୁକ୍ତକୁ ଘଟଣାସ୍ଥଳକୁ ନେଇ ସିନ୍-ରିକ୍ରିଏସନ୍ କରାଇଛି।



କେନାଲରୁ ମିଳିଲା ମା'-ପୁଅଙ୍କ ଶବ
ନାବାଳିକା, ପ୍ରେମିକ ଓ ଅନ୍ୟ ଜଣେ ଅଟକ
ସିନ୍-ରିକ୍ରିଏସନ୍ କରାଇଲା ପୁଲିସ

ସୂଚନାନୁସାରେ, ବୋରିଗୁମ୍ମା ମୁଖ୍ୟ ରାସ୍ତାରେ ଅନୁଷ୍କା ନିଜ ପୁଅ-ଝିଅଙ୍କ ସହ ରହୁଥିଲେ। ତାଙ୍କ ନାବାଳିକା ଝିଅ ସ୍ଥାନୀୟ ଅଞ୍ଚଳର ଜଣେ ପୁଅକୁ ଭଲ ପାଉଥିଲା। ଅନୁଷ୍କା ଏହାକୁ ବିରୋଧ କରିଆସୁଥିଲେ। ଏହାକୁ ନେଇ ଅଧିକାଂଶ ସମୟରେ ପରିବାରରେ ଅଶାନ୍ତି ଦେଖାଦେଉଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସବୁଦିନ ପାଇଁ ମା'କୁ ରାସ୍ତାରୁ ହଟାଇବା ପାଇଁ ପ୍ରେମିକ ସହ ମିଶି ଝିଅ ଯୋଜନା କରିଥିଲା ବୋଲି ଅଭିଯୋଗ ହୋଇଛି। ଗତ ୨୦ ତାରିଖରେ ମା'-ପୁଅ କୁଆଡ଼େ ନିଖୋଜ ହୋଇଯାଇଥିଲେ। ଅନୁଷ୍କାଙ୍କ ମୋବାଇଲ ବନ୍ଦ ଥିବାରୁ କିଛି ଅଘଟଣ ଘଟିଥିବା ସନ୍ଦେହ କରି ୨୧ ତାରିଖରେ ଅନୁଷ୍କାଙ୍କ ଭାଇ ସତ୍ୟବାନ ପାତ୍ର ବୋରିଗୁମ୍ମା ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚାରିଆଡ଼େ ଖୋଜାଖୋଜି କରି ମଧ୍ୟ ପୁଲିସ ସେମାନଙ୍କୁ ପାଇନଥିଲା। ତେବେ ସୋମବାର ଦିନ କୋଟପାଡ଼ ଥାନା ଅନ୍ତର୍ଗତ ଅଣ୍ଡିରା ମୁଣ୍ଡା କେନାଲରେ ଏକ ଅଖାରେ ଶବ ଭାସୁଥିବା ଦେଖି କିଛି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଏବଂ ସାଇଣ୍ଟିଫିକ ଟିମ୍ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ଉଦ୍ଧାର ହେବା ପରେ ତାହା ନିଖୋଜ ଏହେମର ବୋଲି ଚିହ୍ନଟ ହୋଇଥିଲା। କେହି ଦୁର୍ବୃତ୍ତ ଏହେମର ହାତ ଗୋଡ଼ ବାନ୍ଧିବା ସହ ଗଳା କାଟି ଅତି ନିର୍ମମ ଭାବେ ହତ୍ୟା କରି କେନାଲକୁ ଫିଙ୍ଗି ଦେଇଥିଲା। ସେହିପରି, ମଙ୍ଗଳବାର ଜୟନ୍ତୀଗିରି କେନାଲରୁ ଅନୁଷ୍କାଙ୍କ ମୃତଦେହ ଉଦ୍ଧାର ହୋଇଛି।

# ନାବାଳିକା ଗଣଦୁଷ୍କର୍ମ ମାମଲାରେ ୪ ଗିରଫ

ବାରିପଦା, ୨୪।୨(ସମିସ): ନାବାଳିକା ଗଣଦୁଷ୍କର୍ମ ଘଟଣାରେ ସୋମବାର ବାଙ୍ଗିରିପୋଷି ଥାନାରେ ମାମଲା ରୁଜୁ ହେବା ପରେ ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ବାଙ୍ଗିରିପୋଷି ଥାନା ସୋରିଷପାଳ ଗ୍ରାମର ନବ ହାଁସଦା, ବିରୁଡ଼ି ଗ୍ରାମର ସାଲଖାନ ଟୁଡୁ, କଦମଡିହା ଗ୍ରାମର ସୁରାରି ହାଁସଦା ଓ ମଝିଗାଁର ଡମନ ହେମ୍ବ୍ରମ। ଅଭିଯୋଗ ଅନୁସାରେ, ଏହି ୪ ଅଭିଯୁକ୍ତ ୪/୫ମାସ ତଳେ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଏହାସହ ଏ ସଂପର୍କରେ କାହାରିକୁ କହିଲେ, ଜୀବନରୁ ମାରି ଦେବାକୁ ତାକୁ ଧମକ ଦେଇଥିଲେ। ନାବାଳିକାଜଣଙ୍କ ଭୟଭୀତ ହୋଇ ଚୁପ୍ ରହିଥିଲେ। ହେଲେ କିଛି ଦିନ ହେବ, ତାଙ୍କ ଶରୀରରେ ପରିବର୍ତ୍ତନ ଦେଖାଦେବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ତାକୁ ପଚରାଉଚୁରା କରିବାରୁ ସେ ସବୁ କଥା କହିଥିଲା।

# ଜେଲ୍ ଫେରନ୍ତାକୁ ପିଟିପିଟି ହତ୍ୟା

ରକୁଆମରା, ୨୪।୨ (ସମିସ): କୋର୍ଟରେ ସାକ୍ଷୀ ଦେବା କାଳ ହେଲା। ଗାଁ ଦାଣ୍ଡରେ ଯୁବକଙ୍କୁ ପିଟିପିଟି ମାରିଦେଲେ ଆସାମୀଙ୍କ ସଂପର୍କୀୟ। ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଞ୍ଚଳରେ ଏପରି ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଗଡ଼ିଗାଁର କାହ୍ନୁ ମଢ଼େଇ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ନମ୍ବର ୫୦/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ବିଶିପୁର ଗ୍ରାମର ଦୁଲାରାମ ମୁର୍ମୁଙ୍କୁ ଗିରଫ କରିଛି। ଏହି ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର୍ ରହିଛନ୍ତି। ପୁଲିସ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଛାଡ଼ି ଯାଇଥିବା ଏକ ବାଇକ୍‌କୁ ଜବତ କରିଛି ପୁଲିସ। ମୃତ କାହ୍ନୁ ଜଣେ ପେସାଦାର ଅପରାଧୀ। ଏକ ଚୋରି ମାମଲାରେ ସେ ଜେଲ୍ ଯାଇଥିଲା। ଗତ କିଛି ଦିନ ତଳେ ସେ ଜାମିନ୍‌ରେ ଫେରିଥିଲା ବୋଲି ପୁଲିସ କହିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

**କୋର୍ଟରେ ସାକ୍ଷୀ ଦେବା ହେଲା କାଳ**

ସୂଚନାନୁଯାୟୀ, ଗତ ନଭେମ୍ବର ମାସରେ ଉଦଳା ଥାନା ଅନ୍ତର୍ଗତ ଧାନଘେରା ଗ୍ରାମରେ ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିବା ବେଳେ କାହ୍ନୁ ଓ ତା'ର ସହଯୋଗୀ ବାପି କୋହ୍ଲାରକୁ ଗାଁ ଲୋକେ ଧରି ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ବାପିର ମୃତ୍ୟୁ ଘଟିଥିବା ବେଳେ କାହ୍ନୁ ଗୁରୁତର ଆହତ ହୋଇଥିଲା। ଏହି ଘଟଣାକୁ ନେଇ ଉଦଳା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ୧୧ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। କାହ୍ନୁକୁ ଚୋରି ମାମଲାରେ ଜେଲ୍ ପଠାଇଥିଲା ପୁଲିସ। କିଛି ଦିନ ଜେଲରେ ରହିବା ପରେ କାହ୍ନୁ ଜାମିନରେ ଆସିଥିଲା। ତେବେ ବାପି କୋହ୍ଲାର ହତ୍ୟା ଘଟଣାର କାହ୍ନୁ ଏକମାତ୍ର ପ୍ରତ୍ୟକ୍ଷଦର୍ଶୀ ଥିବାରୁ ଉକ୍ତ ଘଟଣାରେ ସାକ୍ଷୀ ଦେବାକୁ ସୋମବାର ସେ ଉଦଳା କୋର୍ଟକୁ ଯାଇଥିଲା। କାମ ସାରି ସନ୍ଧ୍ୟାରେ ଫେରିବା ପରେ ଜଣେ ହତ୍ୟା ଅଭିଯୁକ୍ତଙ୍କ ସଂପର୍କୀୟଙ୍କୁ ଭେଟିବାକୁ ଯାଇଥିଲା। ସେଠାରେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ଏତେ ଉଗ୍ରରୂପ ନେଇଥିଲା ଯେ ସେଠାକାର ୪ଜଣ ଯୁବକ କାହ୍ନୁକୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଜୀବନ ବିକଳରେ କାହ୍ନୁ ସେଠାକାର ଜଣେ ବ୍ୟକ୍ତିଙ୍କ ଘର ଭିତରକୁ ପଶିଯାଇଥିଲା। କିନ୍ତୁ, ଆକ୍ରମଣକାରୀମାନେ ମଧ୍ୟ ଘର ଭିତରେ ପଶି ତାକୁ ବାହାରକୁ ଘୋଷାଡ଼ି ଆଣି ନିସ୍ତୁକ ପିଟିଥିଲେ। ଏଥିରେ ତା'ର ମୃତ୍ୟୁ ହୋଇଯାଇଥିଲା।

## ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତତ୍ପରତା

# ରତ୍ନ ଅଳଙ୍କାର ଗଣତିମଣତି ଏସ୍‌ଓପିକୁ ଅନୁମୋଦନ

ପୁରୀ, ୨୪।୨ (ସମିସ): ୩ ମାସ ମଧ୍ୟରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ଶେଷ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତତ୍ପରତା ପ୍ରକାଶ ପାଇଛି। ଗଣତିମଣତି ପାଇଁ ପୂର୍ବରୁ ପ୍ରସ୍ତୁତ ମାର୍ଗଦର୍ଶିକା ତଥା ଏସ୍‌ଓପିକୁ ଅନୁମୋଦନ କରିଛନ୍ତି ରାଜ୍ୟ ସରକାର। ଏହି ମାର୍ଗଦର୍ଶିକା ଅନୁଯାୟୀ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି କରାଯିବ। ଏ ସମ୍ପର୍କିତ ଏକ ବୈଠକ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗଣତିମଣତି କେଉଁ ପ୍ରକ୍ରିୟାରେ ହେବ, ତାହା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସେହିପରି ଗଣତିମଣତିରେ କେଉଁ ଅଧିକାରୀଙ୍କ କ'ଣ ଦାୟିତ୍ୱ ରହିବ, ସେନେଇ ମଧ୍ୟ ଦାୟିତ୍ୱ ବଣ୍ଟନ କରାଯାଇଛି। ଆସନ୍ତା ସପ୍ତାହରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସି କେବେ ଏବଂ କେଉଁ ତିଥିରେ ଗଣତିମଣତି କରାଯିବ, ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ରତ୍ନଭଣ୍ଡାରକୁ ପ୍ରବେଶ ପାଇଁ ଶୁଭ ମୁହୂର୍ତ୍ତ ଓ ଦିନ ନିର୍ଦ୍ଧାରଣ କରାଯିବ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ରତ୍ନ ଅଳଙ୍କାର ଗଣତିମଣତି ପାଇଁ ଦୁଇଟି ଟିମ୍ ଗଠନ ହେବ। ଗୋଟିଏ ତତ୍ତ୍ୱାବଧାରକ ବା ସୁପରଭାଇଜିଂ ଏବଂ ଅନ୍ୟଟି କାର୍ଯ୍ୟନିର୍ବାହୀ ବା ହ୍ୟାଣ୍ଡଲିଂ ଟିମ୍। ତତ୍ତ୍ୱାବଧାରକ ଟିମ୍‌ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦଳପତି ଏବଂ ୩ ଜଣ ସଦସ୍ୟ ରହିବେ। ସେହିପରି କାର୍ଯ୍ୟନିର୍ବାହୀ ଦଳରେ ୧୦ ଜଣ ସଦସ୍ୟ ରହିବେ। ସୁପରଭାଇଜିଂ ଟିମ୍‌ରେ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟିର ୨ ସଦସ୍ୟଙ୍କ ସହିତ ରତ୍ନଭଣ୍ଡାର ସବ୍-କମିଟିର ଜଣେ ସେବକ ପ୍ରତିନିଧି ରହିବେ। କାର୍ଯ୍ୟନିର୍ବାହୀ ଦଳରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବା ଉପ-ମୁଖ୍ୟ ପ୍ରଶାସକ ଏବଂ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧକ୍ଷ ଦଳପତି ରହିବେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସେବାୟତ ପ୍ରତିନିଧି, ରାଷ୍ଟ୍ରାୟତ୍ତ ବ୍ୟାଙ୍କର ୨ ଜଣ ବଣିଆ, ଶ୍ରୀମନ୍ଦିରର ଜଣେ ବଣିଆ, ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ଦେଉଳକରଣ, ତଢ଼ଉକରଣ ଏହି ଦଳରେ ରହିବେ।

■ ଶୁଭ ମୁହୂର୍ତ୍ତ ଓ ଦିନ ଧାର୍ଯ୍ୟ କରିବ ପରିଚାଳନା କମିଟି
■ ୧୯୭୮ ମସିହା ତାଲିକା ସହ ହେବ ମେଳକ
■ ୨ଟି ଟିମ୍ ତତ୍ତ୍ୱାବଧାରକ ଓ କାର୍ଯ୍ୟବାହୀ ଦଳ ଗଠିତ

ଉଭୟ ଦଳ ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟ ସମ୍ପାଦନ କରିବେ। ମହାପ୍ରଭୁଙ୍କର ଅନେକ ମୋତି ମାଣିକ୍ୟ ରହିଥିବାରୁ ତାହାର ଯାଞ୍ଚ ପାଇଁ ମଧ୍ୟ ୨ଜଣ ଏକ୍ସପର୍ଟଙ୍କୁ ନିୟୋଜିତ କରାଯିବ। ଆର୍‌ବିଆଇର ୨ ଜଣଙ୍କ ମଧ୍ୟରୁ ପ୍ରକ୍ରିୟାରେ ଜଣେ ଅଧିକାରୀ ରହିବେ। ଦୁଇଜଣ ଏକ୍ସପର୍ଟ ଫଟୋଗ୍ରାଫର୍ ଏବଂ ଭିଡିଓଗ୍ରାଫର୍ ଉପସ୍ଥିତ ରହି ଗଣତିମଣତି କାର୍ଯ୍ୟକୁ ଫଟୋଗ୍ରାଫି କରିବା ସହିତ ଭିଡିଓଗ୍ରାଫି କରିବେ। ସମସ୍ତ ରତ୍ନ ଅଳଙ୍କାରକୁ ନେଇ ଏକ ଡିଜିଟାଲ କ୍ୟାଟ୍‌ଲଗ୍ ତିଆରି କରାଯିବ, ଯାହାକି ଆଗାମୀ ଦିନରେ ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟରେ ବେଶ୍ ସହାୟକ ହେବ।

୧୯୭୮ ମସିହାରେ ପାଖାପାଖି ୭୨ଦିନ ଗଣତିମଣତି ଚାଲିଥିଲା। ୧୯୮୨ ଓ ୧୯୮୫ ମସିହାରେ ରତ୍ନଭଣ୍ଡାରରୁ ଯାହା ବାହାରିଥିଲା, ତା'ର ତାଲିକା ମଧ୍ୟ ରହିଛି। ୧୯୭୮ ମସିହାରେ ପ୍ରସ୍ତୁତ ତାଲିକା ସହ ମେଳକ କରାଯିବ। ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର, ପରେ ବାହାର ରତ୍ନଭଣ୍ଡାର ଓ ଶେଷରେ ଭିତର ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତିମଣତି କରାଯିବ। ଭିତର ରତ୍ନଭଣ୍ଡାରର ଚାବି ପ୍ରତ୍ୟେକ ଦିନ ଗଣତିମଣତି ପରେ ଜିଲ୍ଲା ଟ୍ରେଜେରୀରେ ରଖାଯିବ। ରତ୍ନ ଅଳଙ୍କାରର ସମ୍ପୂର୍ଣ୍ଣ ତଥ୍ୟ ଗୋପନୀୟତା ରହିବ। ଯେଭଳି ବାହାରେ ପ୍ରକାଶ ନ ହୁଏ, ସେଥିପାଇଁ ସମସ୍ତେ ଅଙ୍ଗୀକାରବଦ୍ଧତା ସାର୍ଟିଫିକେଟ୍ ଦେବେ। କୌଣସି ପ୍ରକାର ନିୟମ ବିଚ୍ୟୁତି କାମ କରିବେ ନାହିଁ।

ଗଣତିମଣତି ପରେ ଏହାକୁ ଡିଜିଟାଇଜେସନ କରାଯିବ। ସୁନା, ରୁପା, ମୋତି, ମାଣିକ ରଖିବା ପାଇଁ ଅଲଗା ଅଲଗା ସିନ୍ଦୂକ ମଧ୍ୟ କରାଯାଇଛି। ପ୍ରତ୍ୟେକ ଦିନ ଗଣତିମଣତି ପରେ ଉପସ୍ଥିତ ଥିବା ସଦସ୍ୟମାନେ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏକ ଦସ୍ତାବିଜ୍‌ରେ ଦସ୍ତଖତ କରିବେ। ଗଣତିମଣତି ସମୟରେ ସିସିଟିଭି ଲଗାଯିବ। ଏସ୍‌ଓପି ଅନୁଯାୟୀ, ଯେଉଁ ଦିନ ରତ୍ନ ଅଳଙ୍କାର ଗଣତିମଣତି କରାଯିବ, ସେଦିନ ଭକ୍ତମାନେ କେବଳ ବାହାର କାଠ ନିକଟରେ ମହାପ୍ରଭୁଙ୍କ ଦର୍ଶନ କରିବେ। ମହାପ୍ରଭୁଙ୍କ ନୀତି ଥିବା ସମ୍ପୃକ୍ତ ପାଳିଆ ସେବକ କେବଳ ମନ୍ଦିରରେ ପ୍ରବେଶ କରିବେ। ଗଣତିମଣତି ବେଳେ ଉପସ୍ଥିତ ଥିବା ସମସ୍ତ ସଦସ୍ୟଙ୍କ ପାଇଁ ଏସ୍‌ପି ପରିଚୟପତ୍ର ପ୍ରଦାନ କରିବେ। ପ୍ରତ୍ୟେକ ସଦସ୍ୟ ପାରମ୍ପରିକ ପୋଷାକ ପରିଧାନ କରି ପ୍ରବେଶ କରିବା ସହ ସାଙ୍ଗରେ କୌଣସି ପ୍ରକାର ଜିନିଷ ନେଇପାରିବେ ନାହିଁ। ସେହିପରି, ଠାକୁରଙ୍କ ବିଭିନ୍ନ ନୀତି ବହୁଳ ଦିନ, ବିଭିନ୍ନ ପର୍ବପର୍ବାଣୀ, ଶନିବାର, ରବିବାର ଏବଂ ଭକ୍ତଙ୍କ ଭିଡ଼ ଦିନରେ ଗଣତିମଣତି ବନ୍ଦ ରଖାଯିବ। ଆଗାମୀ ନୀଳାଦ୍ରିବିଜେ ପୂର୍ବରୁ ସମସ୍ତ ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟ ଶେଷ ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

■ ଦଣ୍ଡ ଅବଧି କୋହଳ ପୂର୍ବକ ଜେଲରୁ ମୁକ୍ତି ପ୍ରସଙ୍ଗ

# ଦଣ୍ଡ ସମୀକ୍ଷା ବୋର୍ଡରେ ବିଚାରାଧୀନ ମାମଲା ସମ୍ପର୍କରେ ହାଇକୋର୍ଟଙ୍କ ରିପୋର୍ଟ ତଲବ

କଟକ, ୨୪।୨ (ସମିସ): ଦଣ୍ଡ କୋହଳ କରିବା ତଥା ଦଣ୍ଡ ଅବଧି ପୂର୍ବରୁ ବନ୍ଦୀଙ୍କ ମୁକ୍ତି ପ୍ରସଙ୍ଗରେ ହାଇକୋର୍ଟ ନିଜଆଡ଼ୁ ରୁଜୁ କରିଥିବା ମାମଲାର ଆଜି ଶୁଣାଣି କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଥିବା ବେଳେ ଏବେ ଦଣ୍ଡ ଅବଧି ଶେଷ ହେବା ପୂର୍ବରୁ ଜେଲରୁ ମୁକ୍ତି ପାଇଁ ୨୪୬ ଜଣ ଆଜୀବନ ବନ୍ଦୀଙ୍କ ମାମଲା ମୂଲ୍ୟାଙ୍କନ ପାଇଁ ରହିଛି ବୋଲି କୁହାଯାଇଛି। ତେବେ, ବର୍ତ୍ତମାନ କେଉଁ କେଉଁମାନଙ୍କ ମାମଲା ଦଣ୍ଡ ସମୀକ୍ଷା ବୋର୍ଡ ନିକଟରେ ବିଚାରାଧୀନ ରହିଛି, ସେ ନେଇ ରାଜ୍ୟ ସରକାରଙ୍କୁ ରିପୋର୍ଟତଲବ କରିଛନ୍ତି ହାଇକୋର୍ଟ। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ରେଜିଷ୍ଟ୍ରାର୍ (ଜୁଡିସିଆଲ)ଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାର୍ଚ୍ଚ ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ସୁପ୍ରିମକୋର୍ଟ ଗତ ୨୦୨୫ ନଭେମ୍ବର ୪ରେ ଏହି ପ୍ରସଙ୍ଗରେ ଶୁଣାଣି କରି ଦେଶର ବିଭିନ୍ନ ହାଇକୋର୍ଟଙ୍କୁ ନିଜ ଆଡ଼ୁ ମାମଲା ରୁଜୁ କରି ତଦାରଖ କରିବାକୁ କହିଥିଲେ। ଦଣ୍ଡ କ୍ଷମା ବା କୋହଳ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ରହିଥିବା ନୀତି ଓ ସୁପ୍ରିମକୋର୍ଟଙ୍କ ଏହି ପ୍ରସଙ୍ଗରେ ରହିଥିବା ପୂର୍ବ ନିର୍ଦ୍ଦେଶ ଅନୁପାଳନ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରାଯାଇଥିଲା।

**୨୪୬ଜଣ ଆଜୀବନ ବନ୍ଦୀ ରହିଥିବା ନେଇ ସରକାରଙ୍କ ଜବାବ ଦାଖଲ**



ରଣଜୀରେ ଶୁଭମ୍‌ଙ୍କ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-240 ♦WEDNESDAY ♦25 FEBRUARY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୪୦ ♦ବୁଧବାର ♦୨୫ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଲୋକେ ସେବା ଚାହାନ୍ତି; ପ୍ରବଚନ ନୁହେଁ: ନବୀନ

## ସରକାରଙ୍କ ସ୍ଲୋଗାନ 'ଜୟ କିସାନ', କାମରେ 'ଭାଗୋ କିସାନ'

- ଚାଷୀ ସୁରକ୍ଷା ସମାବେଶରେ ସରକାରଙ୍କୁ ନବୀନଙ୍କ କଟାକ୍ଷ
- ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, କେହି ବି ନିରାପଦ ନୁହନ୍ତି
- ସରକାର କାହାଣୀରେ ଚାଲେନି, ରାଜ୍ୟବାସୀଙ୍କୁ କାମ ଦରକାର
- ନିର୍ବାଚନ ବେଳେ ଲମ୍ବା ପ୍ରତିଶ୍ରୁତି, ରାଜ୍ୟବାସୀଙ୍କୁ କିଛି ମିଳିଲାନି




■ ଭୁବନେଶ୍ୱର, ୨୪।୨ (ସମିସ): ଏ ସରକାର 'ଜୟ କିସାନ' ସ୍ଲୋଗାନ ଦେଉଛି, ମାତ୍ର ସରକାରଙ୍କ କାମ 'ଭାଗୋ କିସାନ' ପରି ହୋଇଛି। କୌଣସି ସରକାର କାହାଣୀରେ ଚାଲେନି, ଲୋକଙ୍କୁ କାମ ଦରକାର। ଲୋକ ସେବା ଚାହାନ୍ତି, ନେତାଙ୍କ ପ୍ରବଚନ ନୁହେଁ। ଚାଷୀଙ୍କ ପାଇଁ ଲମ୍ବା ଲମ୍ବା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ସରକାର ଏବେ ଚାଷୀଙ୍କୁ ହଇରାଣ କରୁଛନ୍ତି। ଅଭିଯୋଗ କଲେ ସରକାର ଚାଷୀଙ୍କୁ ମିଛୁଆ କହୁଛି। ମଙ୍ଗଳବାର ଭୁବନେଶ୍ୱରର ଲୋୟର ପିଏମଜି(ଗାନ୍ଧୀ ମାର୍ଗ)ରେ ଅନୁଷ୍ଠିତ ଚାଷୀ ସୁରକ୍ଷା ସମାବେଶରେ ରାଜ୍ୟ ବିଜେପି ସରକାରଙ୍କୁ ଏମିତି ଢଙ୍ଗରେ କଡ଼ା ସମାଲୋଚନା କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହା ସହ ଚାଷୀଙ୍କ ସମସ୍ୟା ସମାଧାନ ତୁରନ୍ତ ନ କଲେ ବିଜେଡି ସରକାରଙ୍କ କୁମ୍ଭକର୍ଣ୍ଣ ନିଦ ହଜେଇଦେବ ବୋଲି ନବୀନ ଚେତାବନୀ ଦେଇଛନ୍ତି।

ସମାବେଶରେ ନବୀନ କହିଛନ୍ତି ଯେ ଖୁବଶୀଘ୍ର ଏ ସରକାର ଦୁଇ ବର୍ଷ ପୂରଣ କରିବ। ଏ ସରକାର ନା ଠିକ ନିଷ୍ପତ୍ତି ନେଇ ପାରୁଛି ନା କାର୍ଯ୍ୟକାରୀ କରି ପାରୁଛି। ନିର୍ବାଚନ ବେଳେ ରାଜ୍ୟ ସରକାର ବହୁତ ବଡ଼ ବଡ଼ କଥା କହୁଥିଲେ। ଲମ୍ବା ଲମ୍ବା ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ କିଛି ରାଜ୍ୟବାସୀଙ୍କୁ କିଛି ବି ମିଳିଲା ନାହିଁ। ବିଜେଡି ସରକାର ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ କରିଥିଲା। କାଳିଆ ଯୋଜନା କାର୍ଯ୍ୟକାରୀ କରିବା ସହ ଋଣ ସୁବିଧା ବି ଯୋଗାଇଥିଲା। କ୍ଷେତକୁ ଜଳସେଚନ ସୁବିଧା କରିଥିଲା। ମାତ୍ର ଏ ଡବଲ ଇଞ୍ଜିନ ସରକାର କଣ କରିଛି ବୋଲି ନବୀନ ପ୍ରଶ୍ନ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଚାଷ ସମୟରେ ଚାଷୀକୁ ସାର ମିଳିଲାନି। ଅମଳ ପରେ ଧାନ ବି ସରକାର କିଣୁନାହାନ୍ତି। କଟନୀ ଛଟନୀ ବଢ଼ି ଚାଲିଛି; ଚାଷୀ ଠିକ ସମୟରେ ପଇସା ପାଉନାହିଁ। ଚାଷୀଙ୍କ ସମସ୍ୟା ନେଇ ସରକାରଙ୍କୁ ମୁଁ ଚିଠି ଲେଖିଥିଲି। ନିର୍ବାଚନ ପ୍ରତିଶ୍ରୁତି ଆନ୍ତରିକତା ସହ ପାଳନ କରିବାକୁ ଅନୁରୋଧ କରିଥିଲି। କଟ୍‌ନୀଛଟ୍‌ନୀ ବନ୍ଦ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ସହ ମିଲର ଓ ସରକାରୀ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଭାଙ୍ଗିବାକୁ ପ୍ରସ୍ତାବ ଦେଇଥିଲି। ଇନପୁଟ ସବସିଡିରୁ ୧୫କୁଇଣ୍ଟାଲ ସିଲିଂ ଉଠାଇବା ସହ ୪୮ ଘଣ୍ଟାରେ ଡିବିଟିରେ ଚାଷୀକୁ ଟଙ୍କା ପ୍ରଦାନ ସହ ଖୋଲାରେ ପଡ଼ିଥିବା ଧାନକୁ ୭୨ ଘଣ୍ଟାରେ କିଣାଯାଉ ବୋଲି ଦାବି କରିଥିଲି। ମାତ୍ର ୧୫ ଦିନ ବିତିଗଲା, କିନ୍ତୁ କିଛି ହେଲାନାହିଁ। ▶ପୃଷ୍ଠା-୧୦

### ଟ୍ୱିଟ୍‌ରେ ଧମକ ଦେଲେ ଟ୍ରମ୍ପ

# ଲାଗିବ ଅଧିକ ଶୁଳ୍କ



## ବାଣିଜ୍ୟ ଚୁକ୍ତି ଟାଳିଛି ନୂଆଦିଲ୍ଲୀ

■ ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱବ୍ୟାପୀ ଲଗାଇଥିବା ଶୁଳ୍କକୁ ସୁପ୍ରିମକୋର୍ଟ ଅବୈଧ ଘୋଷଣା କରିବା ପରେ ଟ୍ରମ୍ପ୍ ନୂଆ ରଣନୀତି ଆପଣେଇଛନ୍ତି। ପୁନଶ୍ଚ ଅଧିକ ଶୁଳ୍କ ଲଗାଇବା ଉପରେ ସେ ଜୋର୍ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି ଯେ ଯେଉଁ ଦେଶ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ବ୍ୟବହାର କରି ଆମେରିକା ସହିତ ଖେଳ ଖେଳିବାକୁ ଚେଷ୍ଟା କରିବ, ସେ ତାହା ଉପରେ ଅଧିକ ଟାରିଫ୍ ଲଗାଇବେ। ଯଦିଓ ସେ ଏଥିରେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାମ ନେଇ ନାହାନ୍ତି, ତଥାପି ବିଶେଷଜ୍ଞମାନେ କହିଛନ୍ତି ଯେ ଟ୍ରମ୍ପ୍ ଭାରତକୁ ଟାର୍ଗେଟ କରିପାରନ୍ତି। ତାଙ୍କର ଉକ୍ତି ଏପରି ସମୟରେ ଆସିଛି ଯେତେବେଳେ ଭାରତ ଆମେରିକା ସହ ବାଣିଜ୍ୟ ଚୁକ୍ତିକୁ ଟାଳିଦେଇଛି। ଏମିତିକି ଭାରତୀୟ ପ୍ରତିନିଧିମଣ୍ଡଳ ଏକ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ପାଇଁ ଆମେରିକା ଗସ୍ତକୁ ସ୍ଥଗିତ ରଖିଛି।

ଟ୍ରମ୍ପ୍ ବିଶ୍ୱର ବିଭିନ୍ନ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲାଗୁ କରିଥିଲେ ଏବଂ ସେମାନଙ୍କ ସହିତ ବାଣିଜ୍ୟ ଚୁକ୍ତି ଆଲୋଚନା ପାଇଁ ସେମାନଙ୍କୁ ବ୍ୟବହାର କରୁଥିଲେ। କିନ୍ତୁ ବର୍ତ୍ତମାନ ଏହି ଅସ୍ତ୍ର ତାଙ୍କ ହାତରୁ କାଢ଼ି ନିଆଯାଇଛି। ଟ୍ରମ୍ପ୍ ଭୟ କରୁଛନ୍ତି ଯେ ବିଭିନ୍ନ ଦେଶ ଏବେ ବାଣିଜ୍ୟ ଚୁକ୍ତି ଉପରେ ପୁନର୍ବିଚାର କରିପାରନ୍ତି। ସୋସିଆଲ ମିଡିଆ ପୋଷ୍ଟରେ ସେ ଲେଖିଛନ୍ତି ।।ଯେ ସୁପ୍ରିମକୋର୍ଟଙ୍କ ଏହି ଅବାନ୍ତର ନିଷ୍ପତ୍ତି ପରେ ଆମେରିକା ସହ ଯେଉଁ ଦେଶ ଖେଳ ଖେଳିବାକୁ ଚେଷ୍ଟା କରିବ, ସେମାନଙ୍କୁ ବହୁତ ଅଧିକ ଶୁଳ୍କ ଦେବାକୁ ପଡିବ, ଯାହା ସେମାନେ ବର୍ତ୍ତମାନ ରାଜି ହୋଇଥିବା ଟାରିଫ୍‌ଠାରୁ ବି ଅଧିକ ହେବ। ବିଶେଷକରି ଯେଉଁ ଦେଶମାନେ ବର୍ଷ ବର୍ଷ ଧରି ▶ପୃଷ୍ଠା-୧୦

### ରାଜଧାନୀରେ ଅଘଟଣ; ଅକାଳରେ ଗଲା ୪ ଜୀବନ

# ପାଚେରି ଭୁଶୁଡ଼ି ୨ ଓ ହୋର୍ଡିଂ ପଡ଼ି ୨ ମୃତ



■ ଭୁବନେଶ୍ୱର, ୨୪।୨ (ସମିସ): ରାଜଧାନୀରେ ଦିନକରେ ଦୁଇଟି ବଡ଼ ଧରଣର ଅଘଟଣ ଘଟିଛି। ଡ୍ରେନ୍ ନିର୍ମାଣ ବେଳେ ପାଚେରି ଭୁଶୁଡ଼ି ଦୁଇଜଣ ଶ୍ରମିକ ପ୍ରାଣ ହରାଇଥିବା ବେଳେ ହୋର୍ଡିଂ ପଡ଼ି ଅନ୍ୟ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ଗଞ୍ଜାମ ଜିଲ୍ଲାର ଗାଙ୍ଗପୁର ଥାନା ଅଞ୍ଚଳର ସନ୍ନ୍ୟାସୀ ମହାରଣା, ଦୁର୍ଯ୍ୟୋଧନ ଗୌଡ଼, ଟୁନା ଗୌଡ଼ ଓ ସଚ୍ଚିଦାନନ୍ଦ ପ୍ରଧାନ। ଏହି ଦୁଇଟି ଘଟଣାରେ ୪ଜଣ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ, ବିକାଶୀ ସେଠୀ, ଛାୟା ସେଠୀ, ଉର୍ମିଳା ବେହେରା ଓ ମୌସୁମୀ ପ୍ରିୟଦର୍ଶିନୀ ନାୟକ।

ସୂଚନାନୁସାରେ, ଭୁବନେଶ୍ୱର ମହାନଗର ନିଗମ ଅଧୀନ ୪୪ ନଂ ୱାର୍ଡର ବଡ଼ଗଡ଼ ଭୋଇସାହିରେ ଡ୍ରେନ୍ ଖୋଳା ହେଉଥିଲା। ତାରିଣୀ ବସ୍ତିର ସନ୍ନ୍ୟାସୀ, ଦୁର୍ଯ୍ୟୋଧନ, ବିକାଶୀ, ଛାୟା ଓ ଉର୍ମିଳା ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ। ଏକ ବେସରକାରୀ ପାଚେରିକୁ ଲାଗି ଡ୍ରେନ୍ ଖୋଳା ହେଉଥିବା ବେଳେ ହଠାତ୍ ପାଚେରିଟି ଡ୍ରେନ୍ ଭିତରକୁ ଭୁଶୁଡ଼ି ପଡ଼ିଥିଲା। ୫ଜଣ ଯାକ ଶ୍ରମିକ କାନ୍ଥ ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ଲାଗିପଡ଼ି ଚାପି ହୋଇଥିବା ଶ୍ରମିକମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ହେଲେ ଡାକ୍ତର ▶ପୃଷ୍ଠା-୧୦

### ପଶ୍ଚିମବଙ୍ଗ ଏସ୍‌ଆଇଆର୍‌କୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଯାଞ୍ଚ କରିବେ ଓଡ଼ିଶା, ଝାଡ଼ଖଣ୍ଡ ଜଜ୍



## ୨୮ରେ ଚୂଡ଼ାନ୍ତ ଭୋଟର ସୂଚୀ

■ ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ପଶ୍ଚିମବଙ୍ଗରେ ଜାରି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସୁପ୍ରିମକୋର୍ଟ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ୮୦ ଲକ୍ଷ ଦାବିର ସମାଧାନ ଲାଗି ଦୁଇ ପଡ଼ୋଶୀ ରାଜ୍ୟର ସହାୟତା ନେବାକୁ ଅନୁମତି ପ୍ରଦାନ କରିଛନ୍ତି। ଏସ୍‌ଆଇଆର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ଏବଂ ଝାଡ଼ଖଣ୍ଡର ସିଭିଲ ଜଜ୍‌ଙ୍କ ସହାୟତା ନେବା ପାଇଁ କଲିକତା ହାଇକୋର୍ଟଙ୍କୁ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଚାରପିତଙ୍କ ସମସ୍ତ ଖର୍ଚ୍ଚ ନିର୍ବାଚନ କମିସନ ବହନ କରି।।ବେ ବୋଲି କହିଛନ୍ତି। ସେହିପରି ୨୮ ତାରିଖରେ ରାଜ୍ୟର ଚୂଡ଼ାନ୍ତ ଏସଆଇଆର ତାଲିକା ଜାରି କରିବାକୁ ଇସିଙ୍କୁ କହିଛନ୍ତି। ପରେ ଅତିରିକ୍ତ ତାଲିକା ଜାରି କରିପାରିବେ ବୋଲି ସ୍ପଷ୍ଟ କରିଛନ୍ତି।

ଏହାପୂର୍ବରୁ କଲ୍‌କତା ହାଇକୋର୍ଟର ମୁଖ୍ୟ ବିଚାରପତି ସୁପ୍ରିମକୋର୍ଟଙ୍କୁ ଚିଠି ଲେଖି କହିଥିଲେ ଯେ ୮୦ ଲକ୍ଷ ଲୋକଙ୍କ ଦାବିର ସମାଧାନ ପାଇଁ ୨୫୦ ଜଣ ଜିଲ୍ଲା ଜଜ୍‌ଙ୍କୁ ପ୍ରାୟ ୮୦ ଦିନ ସମୟ ଲାଗିପାରେ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସିଜେଆଇ ସିଭିଲ୍ ଜଜ୍‌ମାନଙ୍କ ସାହାଯ୍ୟ ନେବାକୁ ଅନୁମତି ଦେଇଛନ୍ତି।

କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ପ୍ରକ୍ରିୟା ପାଇଁ ସେ ଝାଡ଼ଖଣ୍ଡ ଏବଂ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସେଠାକାର ବିଚାର ବିଭାଗୀୟ ଅଧିକାରୀଙ୍କୁ ପଠାଇବା ପାଇଁ ଅନୁରୋଧ କରିପାରିବେ। ଏହି ଅଧିକାରୀମାନଙ୍କର ଖର୍ଚ୍ଚ ଇସି ବହନ କରିବେ। ସୁପ୍ରିମକୋର୍ଟ ଧାରା ୧୪୨ରେ ମିଳିଥିବା ସ୍ୱତନ୍ତ୍ର କ୍ଷମତାର ବ୍ୟବହାର କରି ନିର୍ଦ୍ଦେଶ ଦେଇଛନ୍ତି ଯେ ପଶ୍ଚିମବଙ୍ଗର ଅତିରିକ୍ତ ଚିଠା ତାଲିକାରେ ଥିବା ଭୋଟର ଚୂଡ଼ାନ୍ତ ତାଲିକାରେ ଅନ୍ତର୍ଭୁକ୍ତ ବୋଲି ଧରାଯିବ। ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁଯାୟୀ କୋର୍ଟଙ୍କୁ ଏହି ବିଶେଷ କ୍ଷମତା ମିଳିଛି।

### ପଞ୍ଚାୟତ ନିର୍ବାଚନ

# ଦଳ-ସରକାରରେ ନାହିଁ ତାଳମେଳ

■ ଭୁବନେଶ୍ୱର, ୨୪।୨ (ସମିସ): ରାଜ୍ୟରେ ଆଗୁଆ ପଞ୍ଚାୟତ ନିର୍ବାଚନ ହେବ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କିଛିଦିନ ତଳେ ଏ ସଂକ୍ରାନ୍ତରେ ଇଙ୍ଗିତ ଦେଇଥିଲେ। ଏଥିପାଇଁ ଦଳର କର୍ମୀ ଓ ନେତାଙ୍କୁ ପ୍ରସ୍ତୁତ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ ଦଳୀୟ କାର୍ଯ୍ୟାଳୟରେ ଏକାଧିକ ବୈଠକ ମଧ୍ୟ ହୋଇଛି। ଯାହାକୁ ନେଇ ରାଜ୍ୟରେ ରାଜନୈତିକ ପାଣିପାଗ କ୍ରମଶଃ ଉଷ୍ମ ହେବାରେ ଲାଗିଛି। ଏହି ସମୟରେ ଅଦିନିଆ ବର୍ଷା ପରି ପଞ୍ଚାୟତ ରାଜନୀତିକୁ ଥଣ୍ଡା କରିଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ। ଆଗୁଆ ପଞ୍ଚାୟତ ନିର୍ବାଚନ ପାଇଁ ସରକାରଙ୍କ ପକ୍ଷରୁ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ଉଲ୍ଲେଖ କରି ସବୁ କଳ୍ପନାଜଳ୍ପନାକୁ ଶୀତଳ କରି ଦେଇଛନ୍ତି ମନ୍ତ୍ରୀ ଶ୍ରୀ ନାୟକ।

## ମନମୋହନଙ୍କ 'ହଁ', ରବିନାରାୟଣଙ୍କ 'ନା'

ମଙ୍ଗଳବାର ବିଧାନସଭାରେ ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି ଯେ, ରାଜ୍ୟରେ ନିର୍ଦ୍ଧାରିତ ସମୟ ୨୦୨୭ ଫେବୃୟାରୀ ପୂର୍ବରୁ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବା ପାଇଁ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି। ଏହାସହିତ ବ୍ଲକ୍ ଓ ପଞ୍ଚାୟତ ପୁନର୍ଗଠନ ନେଇ ମଧ୍ୟ ସରକାର ପ୍ରଶାସନିକ ସ୍ତରରେ କୌଣସି ନିୟମାବଳୀ ପ୍ରସ୍ତୁତ କରି ନାହାନ୍ତି। ମନ୍ତ୍ରୀଙ୍କ ଉତ୍ତର ପରେ ଅନ୍ତତଃପକ୍ଷେ ଆଗୁଆ ପଞ୍ଚାୟତ ନିର୍ବାଚନ ଚର୍ଚ୍ଚା ଉପରେ ବିରାମ ଲାଗିଛି।

ଗତମାସରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦଳୀୟ କର୍ମୀମାନଙ୍କୁ ପାର୍ଟି ଅଫିସରେ ଆଗୁଆ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଜନଗଣନା ▶ପୃଷ୍ଠା-୧୦

# କେରଳରୁ କେରଳମ୍

## ସେବାତୀର୍ଥରେ ପ୍ରଥମ ବୈଠକ

## ନାମ ପରିବର୍ତ୍ତନକୁ ଥରୁରଙ୍କ କଟାକ୍ଷ

■ ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂଆ ଅଫିସ ସେବା ତୀର୍ଥରେ ମଙ୍ଗଳବାର କେନ୍ଦ୍ର ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକ ବସିଛି। ଏଥିରେ କେରଳର ନାମ ପରିବର୍ତ୍ତନ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି। କେରଳ ସରକାର ଏ ନେଇ ପ୍ରସ୍ତାବ ଦେଇଥିଲେ। କେରଳ ଏବେ କେରଳମ୍ ହୋଇଯିବ। ଏପ୍ରିଲ-ମେରେ କେରଳ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ କେନ୍ଦ୍ର ସରକାର ତା ପୂର୍ବରୁ ଏହି ନିଷ୍ପତ୍ତି ନେଇଛନ୍ତି। କ୍ୟାବିନେଟ୍ ମଞ୍ଜୁରୀ ପରେ ଏବେ ରାଷ୍ଟ୍ରପତି ସମ୍ବିଧାନର ଅନୁଚ୍ଛେଦ ୩ ଅନୁଯାୟୀ କେରଳ (ନାମ ପରିବର୍ତ୍ତନ) ବିଲ୍-୨୦୨୬କୁ କେରଳ ବିଧାନସଭାର ମତ ▶ପୃଷ୍ଠା-୧୦



## ଧାନ କିଣାକୁ ନେଇ ସରକାରଙ୍କୁ ଘେରିଲେ ଉଭୟ ବିରୋଧୀ

## ବଜେଟ ଉପରେ ସାଧାରଣ ଆଲୋଚନାକୁ ବିରୋଧୀଙ୍କ ବର୍ଜନ

## ଗୃହ ଅଚଳକୁ ନେଇ ଶାସକ ଓ ବିରୋଧୀ ଦୋଷ ଲଦାଲଦି

### ମାର୍ଚ୍ଚ ୯ ଯାଏ ବିଧାନସଭା ମୁଲତବୀ

# ଧୋଇଗଲା ପ୍ରଥମ ପର୍ଯ୍ୟାୟ

■ ଭୁବନେଶ୍ୱର, ୨୪।୨ (ସମିସ): ମଙ୍ଗଳବାର ଶେଷ ହୋଇଛି ବିଧାନସଭାର ଷଷ୍ଠ ତଥା ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ। ବାଚସ୍ପତି ଆସନ୍ତା ମାର୍ଚ୍ଚ ୯ ତାରିଖ ଯାଏ ଗୃହକୁ ମୁଲତବୀ ରଖିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନରେ ଗୃହ ଆଦୌ ସ୍ୱାଭାବିକ ହୋଇପାରି ନାହିଁ। ଶେଷଦିନରେ ବିଜେଡି ମଣ୍ଡି ଅବ୍ୟବସ୍ଥା ଏବଂ ଧାନ କିଣା ବିଭ୍ରାଟକୁ ନେଇ ଗୃହକାର୍ଯ୍ୟରେ ଆଦୌ ଭାଗ ନେଇନଥିବା ବେଳେ କଂଗ୍ରେସ ଅପରାହ୍ନରେ ଗାନ୍ଧୀ ମୂର୍ତ୍ତି ତଳେ ନିଜର ପ୍ରତିବାଦ ଜଣାଇଛି।

ପ୍ରଥମ ପର୍ଯ୍ୟାୟରେ ମୋଟ ୭ ଦିନ ଗୃହ ଚାଲିଥିବା ବେଳେ ପ୍ରଥମ ଦିନ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ନିଜର ଅଭିଭାଷଣ ରଖିଥିଲେ। ଏହି ଦିନକୁ ଛାଡ଼ିଦେଲେ ବାକି ୬ ଦିନ ଗୃହରେ ପୂରା ଅଚଳାବସ୍ଥା ଦେଖା ଦେଇଥିଲା। ୬ ଦିନ ଯାକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକାଳରେ ବିରୋଧୀ ସରକାରଙ୍କ ବିରୋଧ କରି ଗୃହକୁ ଅଚଳ କରିଛନ୍ତି। ସେହିପରି ଶେଷଦିନରେ ଗୋଟିଏ ମାତ୍ର ମୁଲତବୀ ଆଲୋଚନା ହୋଇଥିବା ବେଳେ ଏଥିରେ ମୁଖ୍ୟ ବିରୋଧୀ ଦଳ ବିଜେଡି ଅଂଶଗ୍ରହଣ କରିନଥିଲା। ରାଜ୍ୟର ଧାନକିଣାରେ ଚରମ ଅବ୍ୟବସ୍ଥାକୁ ନେଇ ମୁଖ୍ୟ ବିରୋଧୀ ବିଜେଡି କଡ଼ା ପ୍ରତିବାଦ କରିବା ସହ ତୁରନ୍ତ ସମାଧାନ ଦାବିରେ ଅଡ଼ି ବସିଥିଲା। ଦଳର ବିଧାୟକମାନେ ଅବିନବ ଉପାୟରେ ଗୃହରେ ଥିବା ରିପୋର୍ଟର ଟେବୁଲ ଉପରେ ଧାନ ଢାଳି ପ୍ରତିବାଦ କରିବା ସହ ଟେବୁଲ ଉପରେ ଚଢ଼ି ପୋଷ୍ଟର, ବ୍ୟାନର ପ୍ରଦର୍ଶନ କରିଥିଲେ। କହିଥିଲ ଠନ୍ ଠନ୍, ଦେଖାଇ ଦେଲ ଲଣ୍ଠନ ନାରା ଦେଇ ବିଜେଡି ବିଧାୟକମାନେ ଗୃହ କମ୍ପାଇଥିଲେ। କଂଗ୍ରେସ ମଧ୍ୟ ଗୃହରେ ପୋଷ୍ଟର, ବ୍ୟାନର ପ୍ରଦର୍ଶନ କରି ରାଜ୍ୟରେ ଧାନକିଣାକୁ ନେଇ ଥିବା ଅବ୍ୟବସ୍ଥା ସମ୍ପର୍କରେ ନିଜର ଅସନ୍ତୋଷ ଜାହିର୍ କରିଥିଲା।

ଅପରପକ୍ଷେ ଗୃହରେ ଦେଖାଦେଇଥିବା ଅଚଳାବସ୍ଥାକୁ ନେଇ ଉଭୟ ଶାସକ ଓ ବିରୋଧୀ ପରସ୍ପର ଉପରେ ▶ପୃଷ୍ଠା-୧୦


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



## ସୁପର୍ ମାର୍ଟ ବିଲ୍ଡିଂରେ ଅଗ୍ନିକାଣ୍ଡ

# ୨୪ ଘଣ୍ଟା ଧରି ନିଆଁ ସହ କସରତ





ଭୁବନେଶ୍ୱର, ୨୪।୨(ସମିସ): ରାଜଧାନୀ ଧଉଳି ଥାନା ଅନ୍ତର୍ଗତ ନୂଆଗାଁ ଛକ ନିକଟସ୍ଥ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଏସପି ଗ୍ରୁପ୍ ସୁପର ମାର୍ଟରେ ଘଟିଥିବା ଅଗ୍ନିକାଣ୍ଡ ରାଜଧାନୀର ସବୁଠାରୁ ଦୀର୍ଘସମୟ ବ୍ୟାପୀ ଅଗ୍ନିକାଣ୍ଡ। ୨୪ ଘଣ୍ଟା ପରେ ମଧ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ କରାଯାଇ ପାରି ନ ଥିବା ଜଣାପଡ଼ିଛି।

- **ନିଆଁ ଲିଭାଇବାକୁ ନାକେଦମ୍ ଅଗ୍ନିଶମ ବିଭାଗ**
- **କୋଠାରେ ନ ଥିଲା ଝରକା, ପ୍ରସ୍ଥାନ-ପ୍ରବେଶ ଦ୍ୱାର ଗୋଟିଏ**

ଖବର ଲେଖାହେବା ଦମକଳ ବାହିନୀପର୍ଯ୍ୟନ୍ତ ନିଆଁ ଲିଭା କାର୍ଯ୍ୟରେ ଲାଗିଛନ୍ତି। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ କରିବାକୁ ଅବିରତ ପ୍ରୟାସ କରୁଛନ୍ତି। ପାଣି, ଫୋମ୍, ରୋବୋ ସ୍ପ୍ରେ ଠାରୁ ଆରମ୍ଭ କରି ସବୁକିଛି ଅତ୍ୟାଧୁନିକ ଉପକରଣ ବ୍ୟବହାର କରି ସାରିଲେଣି। ଯଦିଓ ନିଆଁ ଅନ୍ୟ କୌଣସି ବିଲ୍ଡିଂ କିମ୍ବା ଦୋକାନକୁ ବ୍ୟାପୀ ନାହିଁ କିନ୍ତୁ ଦହନଶୀଳ ପଦାର୍ଥ ଯୋଗୁଁ ମଲ ଭିତରେ କୁହୁଳି କୁହୁଳି ହୋଇ ଜଳୁଛି। ସେପଟେ ଦୀର୍ଘ ସମୟ ଧରି ନିଆଁ ଜଳୁ ଥିବାରୁ ବିଲ୍ଡିଂ ଦୁର୍ବଳ ହୋଇଗଲାଣି। ଯେକୌଣସି ମୁହୂର୍ତ୍ତରେ ବିଲ୍ଡିଂର ଚତୁର୍ଥ ମହଲା ଭୂଷୁଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ବିଲ୍ଡିଂ ଭିତରକୁ ଯାଇ ନିଆଁ ନ ଲିଭାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି।

ମିଳିଥିବା ସୂଚନା ମୁତାବକ, ସୋମବାର ରାତି ପ୍ରାୟ ୧୦ଟା ବେଳେ ନିଆଁ ଲାଗିଥିଲା। ଦ୍ୱିତୀୟ ମହଲାରେ ଥିବା ପ୍ଲାଷ୍ଟିକ୍ ହୋଲସୋଲ ସାମଗ୍ରୀ ଗଚ୍ଛିତ ଗୋଦାମରେ ଅଗ୍ନକାଣ୍ଡ ଘଟିଥିଲା। ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ସୋମବାର ରାତିରେ ପ୍ରଥମେ ଆଂଶିକ ନିଆଁ ଲାଗିଲା, ପରେ ହୁତୁହୁତୁ ହୋଇ ଜଳିବାରେ ଲାଗିଲା। ଚାହୁଁ ଚାହୁଁ ମଲ୍‌ର ଦ୍ୱିତୀୟ ଏବଂ ଶେଷ ମହଲାକୁ ନିଆଁ ବ୍ୟାପିବାକୁ ଲାଗିଲା। ଏହି ୩ଟି ଯାକ ମହଲାରେ ପ୍ଲାଷ୍ଟିକ୍ ହୋଲ୍‌ସେଲିଂ କରାଯାଉଥିଲା। ଏଣୁ ପ୍ରଚୁର ପରିମାଣରେ ଏଠାରେ ପ୍ଲାଷ୍ଟିକ୍ ସାମଗ୍ରୀ ଗଚ୍ଛିତ ଥିଲା। ପ୍ରାୟ ୫କୋଟି ଟଙ୍କାର ସାମଗ୍ରୀ ଜଳିପୋଡି ପାଉଁଶ ହୋଇଗଲା। ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଁଞ୍ଚି ଥିଲେ। ବାହାରୁ ନିଆଁକୁ ଆୟତ କରିବାକୁ ଚେଷ୍ଟା କଲେ ମଧ ଫଳପ୍ରଦ ହେଉ ନଥିଲା। ବିଲ୍ଡିଂର ଗୋଟିଏ ମାତ୍ର ପ୍ରବେଶ ପଥ ରହିଥିଲା। ଏହାସହ ଭିତରକୁ ପ୍ରବେଶ କରିବାକୁ କୌଣସି ଝରକା କିମ୍ବା ଫାଙ୍କା ସ୍ଥାନ ନଥିଲା। ଏଣୁ ଅଗ୍ନିଶମ ବିଭାଗ ପକ୍ଷରୁ ଭିତରକୁ ପ୍ରବେଶ କରିବାକୁ କୌଣସି ରାସ୍ତା ନଥିଲା। ଶେଷରେ ବିଲ୍ଡିଂ ତାଡି ବାହାରୁ ପାଣି ଏବଂ ଫୋମ୍ ସ୍ପ୍ରେ କରାଯାଇଥିଲା। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଦମକଳ ଗାଡି ନିୟୋଜିତ ହୋଇଥିଲେ ମଧ ଶତାଧିକ କର୍ମଚାରୀ ନିୟୋଜିତ ହୋଇଛନ୍ତି।

## ଜଳିଗଲା ୫ କୋଟିର ସାମଗ୍ରୀ

ଅଗ୍ନିକାଣ୍ଡରେ ୪ରୁ ୫ରୁ କୋଟି ଟଙ୍କା କ୍ଷତି ହୋଇଛି। ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରୁଛୁ ବୋଲି ମାଲିକ ସୁଶାନ୍ତ କୁମାର ବାରିକ କହିଛନ୍ତି। ମାଲିକ ସୁଶାନ୍ତ କୁମାର ବାରିକଙ୍କ ଠାରୁ ୫ ବର୍ଷ ହେବ କୋଠାକୁ ଭଡ଼ା ନେଇଛି। ସାଢେ ୪ବର୍ଷ ହେବ ସୁପର ମାର୍ଟ କରି ବ୍ୟବସାୟ କରୁଛି। କୋଠା ପାଇଁ ମାସିକ ୩ଲକ୍ଷ ଟଙ୍କା ଭଡ଼ା ଦେଉଛି। ମାଲିକ ସୁବାସଙ୍କ ପୈତୃକ ଘର ଯାଜପୁରରେ ହୋଇଥିବା ବେଳେ ସେ ଭୁବନେଶ୍ୱର ପଳାଶପଲ୍ଲୀରେ ପରିବାର ସହ ରୁହନ୍ତି।

### ନଥିଲା ଫାୟର ସେଫ୍‌ଟି

ଏହି ମଲ୍‌ରେ ବହୁ ସଂଖ୍ୟାରେ କର୍ମଚାରୀ କାମ କରୁଛନ୍ତି। ଶହ ଶହ ସଂଖ୍ୟାରେ ଲୋକେ ଯାତାୟତ କରୁଛନ୍ତି। ଦିନରେ ଏଭଳି ଅଗ୍ନିକାଣ୍ଡ ଘଟିଥିଲେ ବହୁ ଜନଜୀବନ କ୍ଷତିଗ୍ରସ୍ତ ହୋଇଥାନ୍ତା। ତେବେ ଅଗ୍ନିକାଣ୍ଡ ପରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଏହି ବିଲ୍ଡିଂର ଫାୟାର ସେଫ୍‌ଟି ଅନୁମତି ନାହିଁ। ବିନା ଫାୟାର ସେଫ୍‌ଟି ଅନୁମତିରେ କିଭଳି ଏହି ମଲ୍ ଏତେ ଦିନ ହେବ ଚାଲିଲା ତାହାକୁ ନେଇ ପ୍ରଶ୍ନ ଉଠିଛି।

### ଫସିଥିବା ୨ କର୍ମଚାରୀ ଉଦ୍ଧାର

ଉପର ମହଲରେ ଦୁଇ ଜଣ କର୍ମଚାରୀ ଫସି ରହିଥିଲେ। ସେମାନଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲେ। ଦୁଇ କର୍ମଚାରୀଙ୍କୁ ଅଗ୍ନିଶମ ଟିମ୍ ଉଦ୍ଧାର କରିଥିଲା ବୋଲି ମାର୍ଟ ମାଲିକ ସୁବାସ କହିଛନ୍ତି। କୋଠାର ପ୍ରଥମ ମହଲାରେ ତେଜରାତି, ଷ୍ଟିଲ ଓ କପ ସାମଗ୍ରୀ ବ୍ୟବସାୟ ହେଉଛି। ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହଲା ପ୍ଲାଷ୍ଟିକ ହୋଲସୋଲ ଗୋଦାମ। ଚର୍ତୁର୍ଥ ମହଲାରେ ୪ଜଣ କର୍ମଚାରୀ ରାତିରେ ରୁହନ୍ତି। ଅପରପକ୍ଷେ ଡେପୁଟି ଫାୟାର ଅଫିସର (ଡିଏଫଓ) ନାରାୟଣ ଦାସ କହିଛନ୍ତି, କୋଠାରେ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଗୋଟିଏ। ଏପରିକି କୋଠାରେ କୌଣସି ଝରକା ମଧ ନାହିଁ। ଯାହା ଫଳରେ କୋଠାର ଧୂଆଁ ବାହାରକୁ ଆସିପାରି ନ ଥିଲା। ଯେଉଁ ଦ୍ୱାର ଦେଇ ଆମେ ନିଆଁ ଲିଭାଇବାକୁ ଯାଉଥିଲୁ। ସେହି ଦ୍ୱାର ଦେଇ ଧୂଆଁ ବାହାରୁଥିଲା। ଏଥିପାଇଁ ଆମକୁ ବହୁତ କଷ୍ଟ କରିବାକୁ ପଡୁଛି। କୋଠାଟି ପ୍ଲାଷ୍ଟିକ ସାମଗ୍ରୀରେ ଭର୍ତ୍ତି ଥିଲା। ଫାୟାର ସେଫଟି ସାର୍ଟିଫିକେଟ୍ ଅଛି କି ସେନେଇ ତଦନ୍ତରେ ଯାଞ୍ଚ କରିବୁ।

ସୁପର ମାର୍ଟରେ କ୍ରେନ ଜରିଆରେ କୋଠାର ତୃତୀୟ ଓ ଚତୁର୍ଥ ମହଲା କାନ୍ଥ ଖୋଳି ନିଆଁ ଆୟତ୍ତ କରିବାକୁ ପ୍ରୟାସ କରାଯାଇଥିଲା। ବ୍ରୁଣ୍ଟୋ ଜରିଆରେ ଅଗ୍ନିଶମ କର୍ମଚାରୀମାନେ ଉଚ୍ଚକୁ ଯାଇ ପାଣି ପକାଇ ନିଆଁ ଲିଭାଉଥିଲେ। କେବଳ ପାଣି ନୁହେଁ, ପାଣି ସହ ଫୋମ ମିଶିଯାଇ ନିଆଁ ଲିଭା କାର୍ଯ୍ୟ ଜାରି ରହିଥିଲା। ଏପରିକି ଫାୟାର ଫାଇଟିଂ ରୋବର୍ଟ ମଧ ବ୍ୟବହାର କରାଯାଇଥିଲା।

### ଟ୍ରାଫିକ ଜାମରେ ଫସିଲେ ଲୋକେ

ସୁପର ମାର୍ଟରେ ନିଆଁଲିଭା କାର୍ଯ୍ୟ ଚାଲୁଥିବାରୁ ଲୁଇସ୍ ରୋଡର ଗୋଟିଏ ପାର୍ଶ୍ୱକୁ ପୁଲିସ ପକ୍ଷରୁ ବନ୍ଦ କରିଦିଆଯାଇଥିଲା। ଫଳରେ ଗୋଟିଏ ପାର୍ଶ୍ୱରେ ଯାତାୟାତ ହୋଇଥିଲା। ଏଥିପାଇଁ ସେହି ଗୋଟିଏ ପାର୍ଶ୍ୱର ରାସ୍ତାରେ ପ୍ରବଳ ଟ୍ରାଫିକ ଜାମ ହୋଇଥିଲା। ଆମ ବସ୍, ଘରୋଇ ବସ୍, ଦୁଇଚକିଆ ଯାନ ଏବଂ ଅନ୍ୟ ଗାଡ଼ି ଗୋଟିଏ ପଟରେ ହିଁ ଚାଲୁଥିଲା। ପୁଲିସ କର୍ମଚାରୀମାନେ ରାସ୍ତାରେ ମୁତୟନ ହୋଇ ଗାଡି ଚଳାଚଳ ସ୍ୱଭାବିକ କରୁଥିଲେ।

ଧଉଳି ଥାନା ନୂଆଗାଁସ୍ଥିତ ସୁପରମାର୍ଟ ବିଲ୍ଡିଂରେ ଅଗ୍ନିକାଣ୍ଡ ରାତିରେ ଘଟିଥିଲା। ସୌଭାଗ୍ୟ ବସତଃ କୌଣସି ଲୋକେ ଏହି ବିଲ୍ଡିଂରେ ନ ଥିଲେ। ଏହାସହ ବିଲ୍ଡିଂରେ ଗୋଟିଏ ଦ୍ୱାର ରହିଥିଲା ଭିତରକୁ ଯିବାକୁ କୌଣସି ଝରକା ମଧ୍ୟ ନଥିଲା। ଏଣୁ ଅଗ୍ନିଶମ ବିଭାଗ ନିଜେ ସୁରକ୍ଷିତ ରଖି ନିଆଁକୁ ଆୟତ କରିବା ଯୋଜନା ଉପରେ କାମ ଆରମ୍ଭ କରିଥିଲା। ଯଦି ଏଠାରେ ଲୋକେ କେହି ଫସି ରହିଥାନ୍ତେ ତେବେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ଏହା ଭିତରେ ପଶି ଉଦ୍ଧାର କାର୍ଯ୍ୟ କରିଥାନ୍ତେ। କେବଳ ପ୍ଲାଷ୍ଟିକ୍ ସାମଗ୍ରୀ ପାଇଁ ଆମ କର୍ମଚାରୀ ଭିତରେ ପଶି ନିଆଁ ଲିଭାଇବା ଯୋଜନାକୁ ଲାଗୁ କରାଗଲା ନାହିଁ। ଆମର କେବଳ ଫୋକସ୍ ରହିଲା ନିଆଁ କିପରି ବାହାରକୁ ନ ବ୍ୟାପିବ, ଧୀରେ ଧୀରେ ନିଆଁକୁ ଆୟତ କରାଯିବ।

### ଭଙ୍ଗାଯିବ ବିଲ୍ଡିଂ!

ବିଲ୍ଡିଂଟି ନିଆଁ ଯୋଗୁଁ ସମ୍ପୂର୍ଣ୍ଣ ଭାବେ ଦୁର୍ବଳ ହୋଇଯାଇଛି। ଏହାର ଛଡ୍ ଗୁଡ଼ିକ ତରଳି ଯାଇଛି। ଏଣୁ ଚତୁର୍ଥ ମହଲାକୁ ଅଗ୍ନିଶମ କର୍ମଚାରୀଙ୍କୁ ନ ଯିବା ପାଇଁ କୁହାଯାଇଛି। ତେବେ ୨ଦିନ ପରେ ଇଞ୍ଜିନିୟରିଂ ବିଭାଗକୁ ଯାଞ୍ଚ କରିବାକୁ ଯିବ। ବିଲ୍ଡିଂର ସୁରକ୍ଷା ଠିକ୍ ନ ଥିଲେ ଏହାକୁ ଭଙ୍ଗାଯିବ।

● ବେଆଇନ ମାଟି ଚାଲାଣ ଅଭିଯୋଗ

## ଦୁଇ ଟ୍ରାକ୍ଟର ସମେତ ଜେସିବି ଜବତ; ୩ ଗିରଫ

ବାଲିଅନ୍ତା, ୨୪।୨(ସମିସ): ବେଆଇନ ମାଟି ଚାଲାଣ ଅଭିଯୋଗରେ ବାଲିଅନ୍ତା ଥାନା ପୁଲିସ ୩ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲ୍ଲା ନାନେକେରା ଥାନା ଅଞ୍ଚଳର ସୁଧିର ହରିଚନ୍ଦନ (୩୫), ପ୍ରତାପରୁଦ୍ରପୁର ଗ୍ରାମର ରମେଶ ଭୋଇ (୪୦) ଏବଂ ପାରିବାସୁଦେଇପୁର ଗ୍ରାମର ବାବୁଲି ମଲ୍ଲିକ (୨୩)। ତେବେ କୋର୍ଟରେ ସେମାନଙ୍କ ଜାମିନି ଖାରଜ ହେବାରୁ ଝାରପଡ଼ା ହାଜତକୁ ପଠାଇ ଦିଆଯାଇଛି। ଘଟଣା ସ୍ଥଳରୁ ପୁଲିସ ୨ଟି ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ମେସିନ ଜବତ କରିଛି।

ଥାନା ଏସ୍.ଆଇ ଅରୂପାନନ୍ଦ ନାୟକ (୩୨) ଘଟଣାସ୍ଥଳରୁ ମାଟି ବୋଝେଇ ଟ୍ରାକ୍ଟର ଏବଂ ଖନନ କାର୍ଯ୍ୟରେ ବ୍ୟବହୃତ ଜେସିବି ମେସିନ ଜବତ କରିଥିଲେ। ଶ୍ରୀ ନାୟକଙ୍କ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ ହୋଇଥିଲା। ସହ ଚାଳକମାନଙ୍କୁ ଗିରଫ କରିଥିଲେ। ଆଜି ଦିନ ସାଢେ ୧ଟା ବେଳେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ, ପରିବାସୁଦେଇପୁର ଅଞ୍ଚଳର ବନ ବିହାରୀ ମଠ ନିକଟସ୍ଥ ଏକ ଧାନ କ୍ଷେତରୁ ବେଆଇନ ଖନନ ଏବଂ ଉପର ମାଟିର ଚୋରା ଚାଲାଣ ସମ୍ପର୍କରେ ବିଶ୍ୱସ୍ତ ସୂଚନା ପାଇଥିଲେ।

ସୂଚନା ଅନୁଯାୟୀ, ଗୋଟିଏ ଜେସିବି ମେସିନ ଦ୍ୱାରା ଦୁଇଟି ଟ୍ରାକ୍ଟର ଟ୍ରଲିରେ ଉପର ମାଟି ଖନନ କରାଯାଉଥିଲା। ପୋଲିସକୁ ଦେଖି ସୌମ୍ୟରଞ୍ଜନ ଜେନା ଓ ରାକେଶ ସ୍ୱାଇଁ ନାମକ ଦୁଇଜଣ ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇଯାଇଥିବା ବେଳେ ଘଟଣାସ୍ଥଳରୁ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଯାଞ୍ଚ ସମୟରେ, ଗିରଫ ଅଭିଯୁକ୍ତମାନେ ସେମାନଙ୍କର ପରିଚୟ ସୁଧୀର ହରିଚନ୍ଦନ, ରମେଶ ଚନ୍ଦ୍ର ଭୋଇ ଓ ବାବୁଲ ମଲ୍ଲିକ ବୋଲି ପ୍ରକାଶ କରିଥିଲେ




ଏବଂ ବେଆଇନ ଭାବରେ ମାଟି ଖନନ କରି ଇଟା ଭାଟିକୁ ବିକ୍ରୟ ଉଦ୍ଦେଶ୍ୟରେ ପରିବହନ କରୁଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତମାନଙ୍କ ହେପାଜତରୁ ଗୋଟିଏ ଜେସିବି ମେସିନ ଓ ଉପର ମାଟି ବୋଝେଇ ଦୁଇଟି ଟ୍ରାକ୍ଟର-ଟ୍ରଲି ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ କୋର୍ଟକୁ ଚାଲାଣ କରାଯାଇଛି।

## ୧୬ ବର୍ଷରେ ଆସିଲା ରାୟ

# ହତ୍ୟାକାରୀ ପ୍ରେମିକକୁ ଆଜୀବନ ଜେଲ୍

ଭୁବନେଶ୍ୱର, ୨୪।୨ (ସମିସ): ପ୍ରେମିକାକୁ କଟୁରିରେ ହାଣି ହତ୍ୟା ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଚତୁର୍ଥ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ଶୁଭଞ୍ଜନ ମହାନ୍ତି ଖାରବେଳ ନଗର ଥାନା ଅଞ୍ଚଳରେ ଘଟିଥିବା ଏହି ହତ୍ୟାକାଣ୍ଡର ବିଚାରକରି ଅଭିଯୁକ୍ତ ରାଜେଶ କୁମାର ସେଠୀକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ଅଭିନ ଚନ୍ଦ୍ର ମେଡିକାଲ କଲେଜରେ ନର୍ସ ଭାବେ ଚାକିରି କରୁଥିବା ନିବେଦିତା ସାମନ୍ତରାୟ ଓ ତାଙ୍କ ସ୍ୱାମୀ ଗୋପାଳ ଚରଣ ସିଂ ସାମନ୍ତ କ୍ୟାମ୍ପସ ପରିସରରେ ଥିବା କ୍ୱାର୍ଟର୍ସରେ ରହୁଥିଲେ। ନିବେଦିତାଙ୍କ ଭଉଣୀର ଝିଅ ତଥା ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ଅଞ୍ଚଳର ରୋଜାଲିନ ପଟେଲ ମଧ ସେହି କ୍ୱାଟରରେ ରହି ଏକ ଘରୋଇ କଲେଜରେ ବିଟେକ୍ ପଢୁଥିଲେ। କଲେଜର ସହପାଠୀ ତଥା ବାପୁଜୀ ନଗରର କୁମାର ସେଠୀ ଓ ରୋଜାଲିନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅଶୋକାଷ୍ଟମୀ ତଥା ୨୦୧୦ ମସିହା ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟାରେ ଗୋପାଳ ଓ ନିବେଦିତା ତିନିମୁଣ୍ଡିଆ ଛକକୁ ଯାଇଥିବା ବେଳେ ରୋଜାଲିନ ଘରେ ଥିଲେ। ସେହି ସମୟରେ ରାଜେଶ ତାଙ୍କୁ ଭେଟିବାକୁ ଘରକୁ ଆସିଥିଲେ। କୌଣସି କାରଣକୁ ନେଇ ରୋଜାଲିନ ଓ ରାଜେଶ ମଧ୍ୟରେ ବଚସା ହୋଇଥିଲା। ରାଜେଶ ଉତକ୍ଷିପ୍ତ ହୋଇ ରୋଜାଲିନଙ୍କୁ କଟୁରିରେ ହାଣି ଦେଇଥିଲା। ସେ ମୃତ୍ୟୁବରଣ କରିବା ପରେ ରାଜେଶ ଫେରାର ହୋଇ ଯାଇଥିଲା। ସେପଟେ ରାତି ପ୍ରାୟ ୯ଟା ସମୟରେ ଗୋପାଳ ଓ ନିବେଦିତା ଫେରି କବାଟ ଖୋଲିବାକୁ ଡାକିଥିଲେ ମଧ ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ଏହାପରେ ନିବେଦିତା ସିଡ଼ି ପାର୍ଶ୍ୱ ଦେଇ ଘର ଭିତରକୁ ପ୍ରବେଶ କରିବା ପରେ ବାହାର ଦ୍ୱାର ବନ୍ଦ ଥିବା ଦେଖିଥିଲେ। କବାଟ ଖୋଲି ଭିତରକୁ ପଶିବା ବେଳକୁ ରୋଜାଲିନଙ୍କ ମୁହଁ

- **ଜରିମାନା ରାଶି ସହ ପୀଡ଼ିତାଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ**

ଓ କାନ୍ଧରେ ଗଭୀର ଆଘାତ ଲାଗିଥିବା ବେଳେ ସେ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଦେଖିଥିଲେ।

ଗୋପାଳଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୁଲିସ କେସ୍ ନଂ - ୭୯/୧୦ ରେ ଦଫା ୩୨୦ ଓ ୨୦୧ ଆଇପିସି ଲଗାଇ ମାମଲା ରୁଜୁ କରିଥିଲା। ପ୍ରଥମେ ତତ୍କାଳୀନ ଥାନା ଅଧିକାରୀ ଉତ୍କଳ କେଶରୀ ଦାସ ଓ ତତ୍କାଳୀନ ଏସିପି ନିହାର ରଞ୍ଜନ ଦାସ ତଦନ୍ତ କରି ଅଭିଯୁକ୍ତ ରାଜେଶକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ସିଡିଆର୍ (କଲ୍ ଡିଟେଲ୍ସ ରିପୋର୍ଟ), ଭାରତୀୟ ସାକ୍ଷ୍ୟ ବିଧି ଆଇନ୍ ଧାରା ୨୭ ଅନୁସାରେ ରେକର୍ଡ ହୋଇଥିବା ଅଭିଯୁକ୍ତର ବୟାନ, ୨୦ ଜଣ ସାକ୍ଷୀ, ପ୍ରତିପକ୍ଷର ଜଣେ ସାକ୍ଷୀ ଓ ୩୫ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଆସାମୀ ରାଜେଶ କୁମାର ସେଠୀଙ୍କୁ ଆଇପିସି ଧାରା ୩୦୨ ଅନୁଯାୟୀ ଆଜୀବନ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହିତ ଆଇପିସି ଧାରା ୨୦୧ ଅନୁଯାୟୀ ୩ ବର୍ଷର କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜୋରିମନା ଦେବାକୁ ଆଦେଶ ଦେଇଛନ୍ତି ଓ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସ୍ କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ଯଦି ଜୋରିମନା ରାଶି ପ୍ରଦାନ କିମ୍ବା ଆଦାୟ କରାଯାଏ, ତେବେ ଉକ୍ତ ରାଶିକୁ ମୃତକଙ୍କ ଆଇନଗତ ସତ୍ତ୍ୱାଧିକାରୀମାନଙ୍କୁ ପ୍ରଦାନ କରିବାକୁ ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ମୃତକଙ୍କ ସତ୍ତ୍ୱାଧିକାରୀମାନଙ୍କୁ ଓଡ଼ିଶା ପୀଡ଼ିତ କ୍ଷତିପୂରଣ ଯୋଜନା ଅନୁଯାୟୀ କ୍ଷତିପୂରଣ ପ୍ରଦାନ ନିମନ୍ତେ ଜିଲ୍ଲା ଆଇନଗତ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଡ଼ଃ ସୁରେଶ କୁମାର ବାରିକ ସଫଳତାର ସହ ଏହି ମାମଲାକୁ ପରିଚାଳନା କରିଥିଲେ।

## ହାବିଲଦାରଙ୍କୁ ଆକ୍ରମଣ କରି ଗିରଫ

ଭୁବନେଶ୍ୱର, ୨୪।୨ (ସମିସ): ହାବିଲଦାରଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଡୁମୁଡୁମା ଫେଜ ୨ ରେ ରହୁଥିବା ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ବାଙ୍କ ଗ୍ରାମର ସୁଶାନ୍ତ କୁମାର ମହାନ୍ତି (୪୧)।

ପୁଲିସ ସୂଚନାନୁସାରେ, ଗତ ୩ ତାରିଖ ଅପରାହ୍ଣରେ ହାବିଲଦାର ରାକେଶ ଜେନା ପିସିଆର୍ ୧୭ରେ କାର୍ଯ୍ୟରତ ଥିବାବେଳେ ଡୁମୁଡୁମା ଅଞ୍ଚଳରେ ଘରୋଇ ବିବାଦ ନେଇ କଣ୍ଟ୍ରୋଲ ରୁମରୁ ଖବର ପାଇଥିଲେ। ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସୁଶାନ୍ତ ଉନ୍ମୁକ୍ତ କାଣ୍ଡ ଘଟାଇବା ସହ ସାଧାରଣ ଲୋକ ମାନଙ୍କୁ ଗାଳିଗୁଲଜ କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ଦେଖିବାକୁ ପାଇଥିଲେ। ହାବିଲଦାର ରାକେଶ ହସ୍ତକ୍ଷେପ କରିବାରୁ ସୁଶାନ୍ତ ତାଙ୍କୁ ଆକ୍ରମଣ କରିବା ସହ ଠେଲି ଦେଇଥିଲା। ଫଳରେ ସେ ତଳେ ପଡ଼ି ଆହତ ହୋଇଥିଲେ। ରାକେଶଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆଜି ସୁଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ସୁଶାନ୍ତ ହଇରାଣ କରିବା ସହ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଉଥିବା ନେଇ ପତ୍ନୀ ଗତକାଲି ଖଣ୍ଡଗିରି



ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଆଉ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଜୀବନ ନେଉଛି ରାଜପଥ କଡ଼ ହୋର୍ଡିଂ

ଭୁବନେଶ୍ୱର, ୨୪।୨ (ସମିସ): ଜାତୀୟ ରାଜପଥ କଡ଼ରେ ବେଆଇନ ହୋର୍ଡିଂ ସଂଖ୍ୟା ଢେର୍ ବୃଦ୍ଧି ପାଇଛି। ରାଜପଥ କଡ଼ରେ ଲାଗୁଥିବା ଏହି ହୋର୍ଡିଂରୁ ବିଜ୍ଞାପନ ସଂସ୍ଥା ଓ ଜମି ମାଲିକ ଟଙ୍କା ରୋଜଗାର କରୁଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ଏହା ବିପଦ ସାବ୍ୟସ୍ତ ହୋଇଛି। ବର୍ଷା ପବନ ସମୟରେ ହୋର୍ଡିଂରୁ ପୋଷ୍ଟର ଉଡ଼ି ଆସି ଗାଡ଼ିରେ ଲାଗିବାରୁ ଦୁର୍ଘଟଣା ଘଟୁଥିବା ବେଳେ ହୋର୍ଡିଂ ଷ୍ଟାଣ୍ଡ ଭୁଷୁଡ଼ି ମୂଲ୍ୟବାନ ଜୀବନ ଯାଉଛି। ହୋର୍ଡିଂ ଯୋଗୁଁ ବାରମ୍ବାର ଅଘଟଣ ଘଟୁଥିଲେ ମଧ ଏଥିରେ ନିୟନ୍ତ୍ରଣ ଲାଗି ପାରିନାହିଁ।

ମଙ୍ଗଳବାର ଅପରାହ୍ଣରେ ବର୍ଷା ଓ ପବନ ଯୋଗୁଁ ପୁଲିସ କର୍ମଚାରୀ ସନ୍ତୋଷ ପ୍ରଧାନଙ୍କ ପୁଅ ସଚ୍ଚିଦାନନ୍ଦ, ଅଧ୍ୟାପିକା ମୌସୁମୀ ପ୍ରିୟଦର୍ଶିନୀ ନାୟକ ଓ ଶ୍ରମିକ ଟୁନା ଗୌଡ଼ ଆଇଗିଣିଆ ଦୁର୍ଗାମଣ୍ଡପ ଛକରେ ଛିଡ଼ା ହୋଇଥିଲେ। ନିକଟରେ ଥିବା ହୋର୍ଡିଂ ଷ୍ଟାଣ୍ଡ ଭୁଷୁଡ଼ି ପଡ଼ିବାରୁ ଟୁନା ମୃତ୍ୟବରଣ କରିଥିଲେ। ଅନେକ ସମୟରେ ହୋର୍ଡିଂ ତଳୁ ସଚ୍ଚିଦାନନ୍ଦଙ୍କୁ ଉଦ୍ଧାର କରାଯାଇଥିଲେ ମଧ ତାଙ୍କ ଜୀବନ ଚାଲି ଯାଇଥିଲା। ଇଏ କେବଳ ଆଜିର ଅଘଟଣ ନୁହେଁ, ପୂର୍ବରୁ ହୋର୍ଡିଂ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଏକାଧିକ ଜୀବନ ଯାଇଥିବା ବେଳେ



ଅନେକ ଲୋକ ଆହତ ହୋଇଛନ୍ତି। ଗତବର୍ଷ ଜୁନ୍ ୬ ତାରିଖ ଦିନ ଏକ ଆଇଚର୍ ଟ୍ରକ୍ ଖୋର୍ଦ୍ଧାରୁ ଭୁବନେଶ୍ୱର ଆଡ଼କୁ ଆସୁଥିଲା। ସେ ଯାଁଳା ନିକଟରେ ପାଇଥିବା ବେଳେ ରାଜପଥ କଡ଼ରେ ଲାଗିଥିବା ଏକ ହୋର୍ଡିଂ ବର୍ଷା ପବନରେ ଉଡ଼ି ଆସି ଟ୍ରକ୍ କାଚରେ ଲାଗିଥିଲା। କିଛି ଦେଖା ନ ଯିବାରୁ ଡ୍ରାଇଭର ଭାରସାମ୍ୟ ହରାଇଥିଲେ ମଧ ଗାଡ଼ିକୁ ରାସ୍ତା କଡ଼ରେ ଲଗାଇ ହୋର୍ଡିଂ କାଢୁଥିଲେ। ସେହି ସମୟରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିବା ଏକ ସ୍କୁଟି ଚାଳକ ଧକ୍କା ସିଧାସଳଖ ଆଇଚର୍ ଟ୍ରକ ପଛରେ ପିଟି ହୋଇ ମୃତ୍ୟୁବରଣ କରିଥିଲେ।

ସେହିପରି ଜଣେ ବାଇକ୍ ଆରୋହୀ ଡିଏନ୍ ରିଗାଲିଆ ଠାରୁ ତମାଣ୍ଡୋ ଆଡ଼କୁ ଯାଉଥିଲେ। ସେ ପାଟଶାଣୀ ହୋଟେଲ ଅତିକ୍ରମ କରୁଥିବା ବେଳେ ଏକ ହୋର୍ଡିଂ ଆସି ତାଙ୍କ ଦେହରେ ଗୁଡ଼ାଇ ହୋଇ ଯାଇଥିଲା। ଫଳରେ ସେ ଗାଡ଼ିରୁ ତଳେ ପଡ଼ି ଆହତ ହୋଇଥିଲେ।

ଭୁବନେଶ୍ୱର ଦେଇ ଜାତୀୟ ଯାଇଥିବା ରାଜପଥର ଦୁଇ ପାର୍ଶ୍ୱରେ ବେଆଇନ ହୋର୍ଡିଂ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଘରୋଇ ଜମି ମାଲିକମାନେ ଜମିକୁ ଭଡ଼ା ସୂତ୍ରରେ ଦେଉଛନ୍ତି। ବିଜ୍ଞାପନ କମ୍ପାନୀ ଜମିକୁ ବାର୍ଷିକ ଭଡ଼ାରେ ନେଇ ଲୁହା ଟାୱାର ବା ହୋର୍ଡିଂ ଷ୍ଟାଣ୍ଡ ନିର୍ମାଣ କରୁଛି। ସେଥିରେ ବିଭିନ୍ନ କମ୍ପାନୀର ବିଜ୍ଞାପନ ପୋଷ୍ଟର ମାରୁଛି। କେବଳ ବେସରକାରୀ ନୁହଁ, କିଛି ଦଲାଲ ରାଜପଥ କଡ଼ରେ ଖାଲି ପଡ଼ିଥିବା ସରକାରୀ ଜମିକୁ କବଜାକୁ ନେଉଛନ୍ତି। ପରବର୍ତ୍ତୀ ସମୟରେ ସେହି ଜମିକୁ ବିଜ୍ଞାପନ କମ୍ପାନୀ ହାତକୁ ଟେକି ଦେଉଛନ୍ତି। କମ୍ପାନୀ ମଧ ସେଥିରେ ବହୁ ଉଚ୍ଚର ବିଜ୍ଞାପନ ଟାୱାର ଛିଡ଼ା କରୁଛି। ଏହି କ୍ରମରେ ଭୁବନେଶ୍ୱର-ଖୋର୍ଦ୍ଧା ରାସ୍ତାର ଉଭୟ ପାର୍ଶ୍ୱରେ ୫୦୦ରୁ ଅଧିକ ହୋର୍ଡିଂ ଟାୱାର ଛିଡ଼ା ହୋଇଛି। ଏହିସବୁ ହୋର୍ଡିଂ ପାଇଁ ବିଭିନ୍ନ ସମୟରେ ଅଘଟଣ ଘଟି ଧନଜୀବନ ହାନୀ ହେଉଥିଲେ ମଧ ବେଆଇନ ହୋର୍ଡିଂ ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି।

# ଏହି ବଜେଟ ଓଡିଶାବାସୀଙ୍କ ଭବିଷ୍ୟତର ବଜେଟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୨(ସମିସ): ଆର୍‌ଥିକ ୨୦୨୬-୨୭ ପାଇଁ ପ୍ରସ୍ତୁତ ହୋଇଥିବା ବଜେଟ କେବଳ ଆସନ୍ତା ବର୍ଷ ପାଇଁ ଆୟବ୍ୟୟ ଲେଖାଯୋଖାର ଏକ ହିସାବ ନୁହେଁ, ଏହି ବଜେଟ ହେଉଛି ସାଢେ ଚାରିକୋଟି ଓଡିଶାବାସୀଙ୍କ ଆଶା ଆକାଂକ୍ଷାର ପ୍ରତିଫଳନ। ଏହି ବଜେଟ ଓଡିଶାବାସୀଙ୍କ ଭବିଷ୍ୟତର ବଜେଟ ଓ ସାଢେ ଚାରିକୋଟି ଲୋକଙ୍କ ଭବିଷ୍ୟତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମଙ୍ଗଳବାର ୨୦୨୬-୨୭ ବଜେଟର ସାଧାରଣ ଆଲୋଚନାରେ ଭାଗ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚଳିତ ବଜେଟରେ ଆକଳନ କରାଯାଇଥିବା ୭୨ ହଜାର୧୦୦ କୋଟି ଟଙ୍କାର ପୁଞ୍ଜି ବ୍ୟୟଅଟକଳ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଜିଏସଡିପି) ର ୬.୫ ପ୍ରତିଶତ, ଯାହାକି ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମାନଙ୍କ ମଧ୍ୟରେ ସର୍ବାଧିକ ।ବଜେଟରେ କେତେକ ନୂତନ ଏକ୍ସପ୍ରେସ ୱେ ନିର୍ମାଣ ପାଇଁ ପୁଞ୍ଜି ବିନିଯୋଗ ବ୍ୟବସ୍ଥା କରିଛୁ। ଭୁବନେଶ୍ୱର ସ୍ଥିତ ଅନେକ ପ୍ରମୁଖ ସରକାରୀ ପ୍ରତିଷ୍ଠାନ ଯଥା ନୂତନ ଲୋକସେବା ଭବନ, ବିଧାନସଭା ସୌଧ, ବିଭିନ୍ନ କାର୍ଯ୍ୟରେ ରାଜ୍ୟ ରାଜଧାନୀକୁ ଆସୁଥିବା ଲୋକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଜନ ଆଶ୍ରୟ ଭବନ, ବିଶ୍ୱସ୍ତରୀୟ ସଂଗ୍ରହାଳୟ ଏବଂ ରାଜ୍ୟ ସମ୍ମିଳନୀ କେନ୍ଦ୍ର ଆଦି ନିର୍ମାଣ କରିବା ପାଇଁ ମଧ୍ୟ ବଜେଟ ପ୍ରସ୍ତାବ କରାଯାଇଛି।



ସେ ପୁଣି କହିଛନ୍ତି ଯେ ଚଳିତ ବର୍ଷ ସରକାର ୭୦ଲକ୍ଷ ୮୦ ହଜାର ମେଟ୍ରିକ ଟନ୍ ଧାନ କିଣି ସାରିଲେଣି ଓ ଚାଷୀ ମାନଙ୍କଠାରୁ ସମସ୍ତ ଧାନ କିଣାଯାଇ ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରାଯିବ ।ସେହିପରି ସହର ରୂପାନ୍ତରଣ କ୍ଷେତ୍ରରେ ନୂତନ ପଦକ୍ଷେପ ଯଥା 'ଲିଭେବଲ୍ ସିଟି ମିଶନ' ଅଧୀନରେ ସହରୀ ବିକାଶ ପାଇଁ ୩୭୩ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରଖାଯାଇଛି। ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ 'ଡାଲଖାଇ' ନାମକ ଏକ ନୂତନ ପ୍ରୟାସର ପ୍ରସ୍ତାବ ରହିଛି। ଓଡିଶା ଆଗାମୀ ଦିନରେ "ସେମିକଣ୍ଡକ୍ଟର କ୍ୟାପିଟାଲ' ହେବାକୁ ଯାଉଛି। କେବଳ ସେମିକଣ୍ଡକ୍ଟର ନୁହେଁ, ବର୍ତ୍ତମାନ ଓଡିଶାରେ ଏକ ପ୍ରକାର ଶିଳ୍ପ ବିପ୍ଳବ ଚାଲିଛି। ଏହି ବଜେଟରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ରହିଛି। ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଉପଲବ୍ଧ ସମ୍ବଳର ସୁବିନିଯୋଗ ନିମନ୍ତେ ଏ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଧାନ କିଣା ପ୍ରସଙ୍ଗରେ ପୁଣି ଗୃହ ଅଚଳ

- ■ ମୁଖ୍ୟ ବିରୋଧୀଦଳ ଅନୁପସ୍ଥିତିରେ ମୁଲତବୀ ଆଲୋଚନା
- ■ ଅପରାହ୍ନରେ ଗାନ୍ଧୀମୂର୍ତ୍ତି ତଳେ କଂଗ୍ରେସର ବିରୋଧ ପ୍ରଦର୍ଶନ
- ■ ଆଲୋଚନା ନ କରିବାକୁ କଂଗ୍ରେସ କାନ୍ଧରେ ବନ୍ଧୁକ : ବିଜେଡି

ଭୁବନେଶ୍ୱର,୨୪।୨(ସମିସ): ବଜେଟ ଅଧିବେଶନର ଶେଷ ଦିନରେ ମଧ୍ୟ ଗୃହରେ ହଟ୍ଟଗୋଳ କରିଛନ୍ତି ବିରୋଧୀ। ଧାନକିଣା ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ କାରଣରୁ ପ୍ରଶ୍ନକାଳ ଚାଲିପାରିନଥିବା ବେଳେ କଂଗ୍ରେସ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇନାହିଁ ବିଜେଡି। ଏପରିକି ଗୃହରେ ସ୍ୱାଭାବିକ ଅବସ୍ଥା ଫେରାଇ ନ ଆଣି ମୁଲତବୀ ମୁଲତବୀ ଆଲୋଚନା କରିବାକୁ ନେଇ ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ଗୃହରେ କ୍ଷୋଭ ପ୍ରକାଶ କରିଛନ୍ତି। ଅପରାହ୍ନରେ କଂଗ୍ରେସ ଧାନକିଣା ପ୍ରସଙ୍ଗକୁ ନେଇ ଗୃହରେ ହଟ୍ଟଗୋଳ କରିବା ସହ ଗାନ୍ଧୀମୂର୍ତ୍ତି ତଳେ ଧାରଣାରେ ବସିଛି ବିନା ବିରୋଧୀଙ୍କ ଅଂଶଗ୍ରହଣରେ ଗୃହରେ ବଜେଟ ଉପରେ ସାଧାରଣ ଆଲୋଚନା ସମ୍ପନ୍ନ ହୋଇଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ମାର୍ଚ୍ଚ ୯ ତାରିଖ ଅପରାହ୍ନ ୧୦ଟା ୩୦ ମିନଟ ଯାଏଁ ମୁଲତବୀ ରଖିଛନ୍ତି।

ମଙ୍ଗଳବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୧ଟା ୩୦ ଯାଏଁ ମୁଲତବୀ ରଖିଥିଲେ। ଶୂନ୍ୟକାଳ ଆରମ୍ଭ ହେବା କ୍ଷଣି ପୁନର୍ବାର ବିଜେଡି ବିଧାୟକମାନେ ଧାନ କିଣା ପ୍ରସଙ୍ଗକୁ ନେଇ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। ସେହିସମୟରେ କଂଗ୍ରେସ ସଦସ୍ୟ ନିଜ ନିଜ ଆସନରେ ବସିରହି ଶୂନ୍ୟକାଳ ଆଲୋଚନାରେ ଧାନ କିଣା ପ୍ରସଙ୍ଗ ଉଠାଇଥିଲେ। ତେବେ ବିଜେଡି ସଦସ୍ୟ ନିଜର ହଟ୍ଟଗୋଳ ଜାରି ରଖିବା କାରଣରୁ ବାଚସ୍ପତି ଗୃହକୁ ୧୧ଟା ୪୬ ମିନଟରୁ ୧୨ଟା ୦୫ ଯାଏଁ ମୁଲତବୀ ରଖିଥିଲେ।

ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଗୃହରେ କଂଗ୍ରେସ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭ କରିଥିଲେ। ଏହାକୁ ନେଇ ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ କ୍ଷୋଭ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ଗୃହ ବର୍ତ୍ତମାନ ଚାଲିବା ଅବସ୍ଥାରେ ନାହିଁ। ମାତ୍ର ଆପଣ ଗୃହକୁ ଚଳାଉଛନ୍ତି। କଂଗ୍ରେସ କାନ୍ଧରେ ବନ୍ଧୁକ ରଖି ସରକାର ଚାଷୀ ପ୍ରସଙ୍ଗ ଗୃହରେ ଆଲୋଚନା ନ କରିବାକୁ ଚାହୁଁଛନ୍ତି। ଏହି ଷଡ଼ଯନ୍ତ୍ର ସଫଳ ହେବ ନାହିଁ ବୋଲି ଶ୍ରୀ ଦେବ କହିଥିଲେ। ଏହାସହ ବିଜେଡି କକ୍ଷତ୍ୟାଗ କରିଥିଲା। ଅପରପକ୍ଷେ ମୁଲତବୀ ଆଲୋଚନା ସମାପ୍ତ ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ବିଜେଡି ଆଦୌ ଗୃହକୁ ଆସିନଥିଲା। ସେହିପରି କଂଗ୍ରେସ ସଦସ୍ୟମାନେ ପୁନର୍ବାର ଧାନକିଣା ପ୍ରସଙ୍ଗକୁ ନେଇ ଗୃହରେ ହଟ୍ଟଗୋଳ, ନାରାବାଜି କରିଥିଲେ। ଏହାପରେ ଗୃହରେ ବଜେଟ ଉପରେ ସାଧାରଣ ଆଲୋଚନା ବିନା ବିରୋଧୀଙ୍କ ଅଂଶଗ୍ରହଣରେ ଆରମ୍ଭ ହୋଇଥିଲା। ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖିଥିବା ବେଳେ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିବା ସହ ଗାନ୍ଧୀମୂର୍ତ୍ତି ତଳେ ନିଜର ପ୍ରତିବାଦ ଜଣାଇଥିଲେ।

# ମଣ୍ଡିରୁ ଉଠୁନି ଚାଷୀଙ୍କ ଧାନ, ୧୫ କେଜି ଯାଏ କଟନୀ ଛଟନୀ

- ■ ଧାନ କିଣା ଅବ୍ୟବସ୍ଥାକୁ ନେଇ ସରକାର କାଠଗଡ଼ାରେ: କଂଗ୍ରେସ
- ■ ୩୧୦୦ ଟଙ୍କାରେ ଧାନ କିଣାଯାଉଛି, ଚାଷୀ ଖୁସି ଅଛନ୍ତି: ଶାସକ

ଭୁବନେଶ୍ୱର,୨୪।୨(ସମିସ): ସରକାର କହିଥିଲେ ସବୁଚାଷୀଙ୍କ ଧାନ ଉଠାଇବେ। ମାତ୍ର ଏବେ ମଣ୍ଡିରେ ଚାଷୀଙ୍କର ଧାନ ଉଠୁନାହିଁ। ଧାନ ଯେଉଁଠି ଉଠୁଛି, ସେଠି ୧୫ କେଜି ଯାଏଁ କଟନୀ ଛଟନୀ ହେଉଛି। ଚାଷୀ ଆଜି ତ୍ରାହି ତ୍ରାହି ଡାକୁଛନ୍ତି। ସ୍ଥିତି ଏପରି ହେଲାଣି ଯେ ଚାଷୀ ଆତ୍ମହତ୍ୟା କରିବାକୁ କହିଲେଣି ବୋଲି ମୁତଲବୀ ପ୍ରସ୍ତାବ ଆଲୋଚନାରେ କ୍ଷୋଭ ପ୍ରକାଶ କରିଛି କଂଗ୍ରେସ।

ମୁଲତବୀ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ କେତେ ଧାନ ମଣ୍ଡିରେ ପଡ଼ିଛି, ତାକୁ କେବେ କିଣିବେ ସେ କଥା ମନ୍ତ୍ରୀ କହୁନାହାନ୍ତି । କେନ୍ଦ୍ର ସରକାର ଏମଏସପି ୬୯ ଟଙ୍କା ବୃଦ୍ଧି କଲେ; ମାତ୍ର ରାଜ୍ୟସରକାର ସେ ଅର୍ଥ ଚାଷୀଙ୍କୁ ଦେଉନାହାନ୍ତି । ସରକାର ପ୍ରାୟ ୨୫୦୦ କୋଟି ଟଙ୍କା ସିଧାସଳଖ ଖାଇଦେଲେ। ସରକାର ଚାଷୀଙ୍କ ଠାରୁ ୩୧୦୦ ଟଙ୍କାରେ ଧାନ କିଣୁଥିବା କହୁଛନ୍ତି। ବାସ୍ତବରେ ଅଭାବୀ ବିକ୍ରିର ଶିକାର ହୋଇ ୧୪୦୦ ଟଙ୍କାରେ ଚାଷୀ ନିଜ ଧାନ ବିକୁଛନ୍ତି। ରାଜ୍ୟବ୍ୟାପୀ ମିଲର - ସରକାରଙ୍କ ମଧୁଚନ୍ଦ୍ରିକା ଚାଲିଛି । ଡବଲ ଇଞ୍ଜିନ ସରକାର ଚାଉଳ ଉଠାଉ ନାହାନ୍ତି। ଚାଷୀ ଆତ୍ମହତ୍ୟା କରିବାକୁ ବସିଲେଣି। ଅଖା ବାବଦରେ ଚାଷୀଙ୍କର ଅର୍ଥ ସରକାରୀ ଦଳର ନେତା ଓ ଅଧିକାରୀ ହଡ଼ପ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଦଳର ଅନ୍ୟତମ ବିଧାୟକ ଅଶୋକ ଦାସ କହିଥିଲେ ଯେ ୫ ଏକରରେ ଚାଷୀ ଉତ୍ପାଦନ କରିଛି, ତାଙ୍କୁ ୨ ଏକର ବିକିବାକୁ ଟୋକନ ମିଳିଛି। ମଣ୍ଡିରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଏଯାବତ୍ ଚାଷୀଙ୍କଠାରୁ ମାତ୍ର ୨୯ ପ୍ରତିଶତ ଧାନ ସଂଗ୍ରହ କରାଯାଇଛି। ସରକାର ୮୦୦ ଟଙ୍କା ଇନପୁଟ ସବସିଡି ଦେବେ କହି ମାତ୍ର ୭୩୧ ଟଙ୍କା ଦେଉଛନ୍ତି; ଏପଟେ କଟନୀ ଛଟନୀ ବାବଦରେ ଚାଷୀଙ୍କର ୧୫ କେଜି ଯାଏଁ ଦାନ କାଟି ଦେଉଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ଅନ୍ୟପକ୍ଷରେ ବିଜେପି ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଥିଲେ ଯେ ଆମେ ଯାହା ପ୍ରତିଶ୍ରୁତି ଦେଇଥିଲୁ ପୂରଣ କରିଛୁ । ୩୧୦୦ ଟଙ୍କାରେ ଚାଷୀ ଧାନ ବିକ୍ରି କରି ଚାଷୀ ଖୁସି ଅଛନ୍ତି। କଂଗ୍ରେସ ସରକାର କେନ୍ଦ୍ରରେ ଥିବା ବେଳେ ୨୦୧୪ ବେଳେ ମାତ୍ର ୧୩୧୦ ଟଙ୍କା ଏମଏସପି ଥିଲା; ଏବେ ଅଢେଇ ଗୁଣା ବଢ଼ି ୩୧୦୦ରେ ପହଞ୍ଚିଛି। ୨୦୨୩-୨୪ ଖରିଫରେ ମାତ୍ର ୧୫ ଲକ୍ଷ ଚାଷୀ ଧାନ ବିକ୍ରି କରିଥିଲେ। ମାତ୍ର ୨୦୨୫-୨୬ ଖରିଫରେ ୧୯.୬୮ ଲକ୍ଷ ଚାଷୀ ଦାନ ବିକିବାକୁ ପଞ୍ଜୀକରଣ କରିଛନ୍ତି। ଏଯାବତ୍ ପ୍ରାୟ ୬୪ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଗଲାଣି ବୋଲି ସେ କହିଥିଲେ। ଆଲୋଚନାରେ ସନ୍ତୋଷ ଖଟୁଆ, ପୂର୍ଣ୍ଣଚନ୍ଦ୍ର ସେଠୀ, ନିହାର ମହାନନ୍ଦ ଅଂଶଗ୍ରହଣ କରିଥିଲେ ।

## ମାର୍ଚ୍ଚ ୩୧ ସୁଦ୍ଧା ପଞ୍ଜୀକୃତ ଚାଷୀଙ୍କ ଧାନ କିଣିବେ ସରକାର: ମନ୍ତ୍ରୀ

ଭୁବନେଶ୍ୱର,୨୪।୨(ସମିସ): ରାଜ୍ୟରେ ଗୋଟିଏ ବି ଚାଷୀର ଟୋକନ ଲାପ୍ସ ହେବନାହିଁ। ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଆମେ ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ କିଣିବୁ। ଆମ ସରକାରରେ କୌଣସି ଚାଷୀ ହତାଶ ହେବେ ନାହିଁ ବୋଲି ଆଜି ଗୃହରେ କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। କଂଗ୍ରେସ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଉତ୍ତର ରଖି ମନ୍ତ୍ରୀ ବିରୋଧୀଙ୍କ ଉପରେ ବର୍ଷିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୨୪-୨୫ ଖରିଫ ବିପଣନ ଋତୁରେ ଆମେ ରେକର୍ଡ ୧୯ ଲକ୍ଷ ୭୩ ହଜାର ଚାଷୀଙ୍କ ଠାରୁ ୯୨ ଲକ୍ଷ ୬୪ ହଜାର ମେଟ୍ରିକ୍ ଟନ୍ ଧାନ କ୍ରୟ କରିଥିଲୁ। ଏ ବାବଦରେ ଚାଷୀଙ୍କୁ ୨୮ ହଜାର ୬୧୯ କୋଟି ଟଙ୍କା ଚାଷୀଙ୍କୁ ପ୍ରଦାନ କରିଛୁ। ୨୦୨୫-୨୬ ଖରିଫରେ ୧୯.୬୮ ଲକ୍ଷ ଚାଷୀ ପଞ୍ଜୀକରଣ କରିଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୧୨ ପ୍ରତିଶତ ଅଧିକ। ଏଯାବତ୍ ପ୍ରାୟ ୬୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଚାଷୀଙ୍କ ଠାରୁ କିଣାଯାଇଥିବା ବେଳେ ୧୮ ହଜାର ୫୮୬ କୋଟି ଟଙ୍କା ଚାଷୀଙ୍କୁ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

# ଭିଜିଲାନ୍ସ ଜାଲରେ କଟକ ଖଣି ଉପ-ନିର୍ଦ୍ଦେଶକ

କଟକ, ୨୪।୨(ସମିସ): ଓଡ଼ିଶା ଭିଜିଲାନ୍ସ ଆଜି ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କଟକ ଖଣି ସର୍କଲର ଉପ-ନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କୁ ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଛି। ଜଣେ ବ୍ୟବସାୟୀଙ୍କଠାରୁ ସେ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଛି। ମିଳିଥିବା ସୂଚନା ଅନୁଯାୟୀ, ଜଣେ ଲାଇସେନ୍ସପ୍ରାପ୍ତ କୋଇଲା ବ୍ୟବସାୟୀଙ୍କ କୋଇଲା ଡିପୋକୁ ସୁରୁଖୁରୁରେ ଚଳାଇବା ଏବଂ କୋଇଲା ପରିବହନ ପାଇଁ ଅନୁମତି ପ୍ରଦାନ କରିବା ବଦଳରେ ଶ୍ରୀ ମହାନ୍ତି ୩୦ ହଜାର ଟଙ୍କା ଦାବି କରିଥିଲେ। ଆଜି ସେହି ଟଙ୍କା ଗ୍ରହଣ କରୁଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ତାଙ୍କ ନିକଟରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଗିରଫ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଶ୍ରୀ ମହାନ୍ତିଙ୍କ ତିନୋଟି ଠିକଣାରେ ଏକକାଳୀନ ଚଢ଼ଉ କରାଯାଉଛି। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍‌ରେ ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ ର ଧାରା ୭ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ବର୍ତ୍ତମାନ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

■ ନାବାଳିକା ନିଖୋଜ ଘଟଣା

# ଏସ୍‌ଟିଏଫ୍ ଗଠନ ପାଇଁ ପୁରୀ ଏସ୍‌ପିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୪ ।୨ (ସମିସ): ୨୦୨୩ ମସିହାରୁ ଏକ ନାବାଳିକା ଅପହରଣ ମାମଲା ବିଚାରଧୀନ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ନାବାଳିକାଙ୍କୁ ଉଦ୍ଧାର କରାଯାଇ ନପାରିବା ନେଇ ହାଇକୋର୍ଟ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହ ପୁରୀ ଏସ୍‌ପିଙ୍କୁ ବ୍ୟକ୍ତିଗତ ଭାବେ ତଦନ୍ତର ତଦାରଖ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ପୃକ୍ତ ନାବାଳିକାଙ୍କ ପିତାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂର୍ବରୁ ହାଇକୋର୍ଟ ଅନେକ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପୁଲିସ ନାବାଳିକାଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏକ ସପ୍ତାହ ମଧ୍ୟରେ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ଗଠନ କରିବାକୁ କୁହାଯାଇଛି। ଏସ୍‌ପି ନିଜେ ଏହି ତଦନ୍ତ ପ୍ରକ୍ରିୟାର ଅନୁଧ୍ୟାନ କରିବେ ଏବଂ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିବେ। ତଦନ୍ତରେ କ'ଣ ଅଗ୍ରଗତି ହୋଇଛି, ସେ ସମ୍ପର୍କରେ ଏସପିଙ୍କୁ କୋର୍ଟରେ ଏକ ରିପୋର୍ଟ ଦାଖଲ କରିବାକୁ ପଡ଼ିବ ବୋଲି ହାଇକୋର୍ଟ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୬ ମାର୍ଚ୍ଚ ୧୬ ତାରିଖକୁ ଧାର୍ଯ୍ୟ କରାଯାଇଛି।

# ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ହେଲେ ମିହିର ଦାସ

ଭୁବନେଶ୍ୱର, ୨୪ ।୨(ସମିସ): ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଛି। ଏଥିରେ ଆଗାମୀ ତିନିବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ଡକ୍ଟର ମିହିର ଦାସ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ଡକ୍ଟର ନାରାୟଣ ମହାନ୍ତି, ସାଧାରଣ ସମ୍ପାଦକ ଭାବେ ଡକ୍ଟର କୈଳାଶ ଚନ୍ଦ୍ର ଦାଶ, ଯୁଗ୍ମ ସାଧରଣ ସମ୍ପାଦକ ଭାବେ ଡକ୍ଟର ମଧୁସୂଦନ ମିଶ୍ର, କୋଷାଧ୍ୟକ୍ଷ ଭାବେ ପ୍ରଫେସର୍ ବାଇଧର ପ୍ରଧାନ, ସହଯୋଗୀ କୋଷାଧ୍ୟକ୍ଷ ଭାବେ ପ୍ରଫେସର୍ ରାଜକିଶୋର ଷଡ଼ଙ୍ଗୀ ଏବଂ ପତ୍ରିକା ସମ୍ପାଦକ ରୂପେ ପ୍ରଫେସର୍ ଧନେଶ୍ୱର ସାହୁ ନିର୍ବାଚିତ ହୋଇଛନ୍ତି। ସମସ୍ତ ନୂତନ କାର୍ଯ୍ୟକର୍ତ୍ତା ସପଥ ଗ୍ରହଣ କରିବା ସହ ଶିକ୍ଷାରେ ନୂତନତ୍ୱ ଓ ଶିକ୍ଷକଙ୍କ ଦାବିକୁ ଗୁରୁତ୍ୱାରୋପ କରିବେ ବୋଲି କହିଛନ୍ତି।

# ଦେଢ଼ ବର୍ଷରେ ଯାଇଛି ୧୧୪ ହାତୀଙ୍କ ଜୀବନ

**ପଶୁ-ମଣିଷ ସଂଘର୍ଷ ଯୋଗୁଁ ୫ବର୍ଷରେ ୮୦୯ ମଣିଷଙ୍କ ମୃତ୍ୟୁ**

ଭୁବନେଶ୍ୱର, ୨୪।୨ (ସମିସ): ଗତ ଦେଢ଼ ବର୍ଷରେ ରାଜ୍ୟରେ ୧୧୪ହାତୀଙ୍କ ଜୀବନ ଯାଇଛି। ହାତୀ ମୃତ୍ୟୁର ପ୍ରମୁଖ କାରଣ ଭାବେ ୪୨ଟି ହାତୀ ବିଦ୍ୟୁତ୍ ଆଘାତ ଯୋଗୁଁ ପ୍ରାଣ ହରାଇଛନ୍ତି। ପ୍ରାକୃତିକ କାରଣରୁ ୧୭ ହାତୀ ମୃତ୍ୟୁବରଣ କରିଥିବା ବେଳେ ପାହାଡ଼ରୁ ପଡ଼ି, ନଦୀ ନାଳରେ ପଡ଼ି, ନିଜ ଭିତରେ ଲଢ଼େଇ ଯୋଗୁଁ ୧୩ଟି ହାତୀ ମରିଛନ୍ତି। ସେହିପରି ଶିକାରୀଙ୍କ ଦ୍ୱାରା ୬ଟି ହାତୀଙ୍କ ଜୀବନ ଯାଇଥିବା ବେଳେ ଲୋକଙ୍କ ପ୍ରତିଶୋଧ ପରାୟଣ ପାଇଁ ୩ଟି ହାତୀ ଓ ରେଳ ଦୁର୍ଘଟଣାରେ ୪ଟି ହାତୀ ମୃତ୍ୟୁମୁଖରେ ପଡ଼ିଛନ୍ତି ବୋଲି ମଙ୍ଗଳବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଉତ୍ତର ଦେଇଛନ୍ତି। ମନ୍ତ୍ରୀ ରଖିଥିବା ତଥ୍ୟରେ ଜଣାଇଛନ୍ତି ଯେ ଅପ୍ରାକୃତିକ ହାତୀ ମୃତ୍ୟୁ ପାଇଁ ୯୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ଅନ୍ୟପଟେ, ରାଜ୍ୟରେ ଗତ ୫ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପଶୁ-ମଣିଷ ସଂଘର୍ଷ ଯୋଗୁଁ ୮୦୯ ଜଣ ମଣିଷଙ୍କ ମୃତ୍ୟୁ ଘଟିଛି। ୨୦୬୦ଜଣ ଲୋକ ଆହତ ହୋଇଥିବା ବେଳେ ୧୬୧୯ ଗୃହପାଳିତ ପଶୁଙ୍କ ପ୍ରାଣହାନି ଘଟିଛି। ସେହିପରି ୧୦ହଜାର ୩୮୨ ଘର ନଷ୍ଟ ସାଙ୍ଗକୁ ୯୩୯୯୩.୫୯ ଏକର ଫସଲ ନଷ୍ଟ ହୋଇଛି। ଏହି କ୍ଷୟକ୍ଷତି ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଉତ୍ତର ଦେଇଛନ୍ତି।

# ନୂତନ ଶିକ୍ଷାନୁଷ୍ଠାନ ସ୍ଥାପନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର, ୨୪ ।୨ (ସମିସ): ରାଜ୍ୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ଏବଂ ୨ଟି ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ନେଇ ବଜେଟ୍‌ରେ ଘୋଷଣା କରିବା ପରେ ତତ୍ପରତା ପ୍ରକାଶ କରିଛନ୍ତି ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ପାରାଦୀପ ଏବଂ ବଲାଙ୍ଗିରରେ ୨ଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ପ୍ରଶାସନିକ ଓ ବିଧିବଦ୍ଧ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ସଚିବଙ୍କୁ ଚିଠି ଲେଖିଛନ୍ତି। ଉଭୟ ଜିଲ୍ଲାର ଜିଲ୍ଲା ପ୍ରଶାସନ ଏବଂ ଅଧିକାରୀଙ୍କ ସହ ସମନ୍ୱୟ ରଖି ଆବଶ୍ୟକ ପ୍ରକ୍ରିୟା କରିବାକୁ ପରାମର୍ଶ ଦେଇଛନ୍ତି। ଫଳରେ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ ଜଗତସିଂହପୁର ଜିଲ୍ଲାରେ ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ଘୋଷଣା କରିଥିବା ବେଳେ ଏହାକୁ ମଧ୍ୟ ତ୍ୱରାନିବତ କରିବାକୁ ବିଭାଗୀୟ ସଚିବଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ନୂତନ ବିଶ୍ୱବିଦ୍ୟାଳୟ ଜିଲ୍ଲାରେ ଉଚ୍ଚଶିକ୍ଷାକୁ ଶିଖରକୁ ନେବା ସହ ଯୁବପିଢ଼ିଙ୍କ ପାଇଁ ନୂତନ ମାର୍ଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଶାବ୍ୟକ୍ତ କରିଛନ୍ତି।

# ଟ୍ରକ୍‌କୁ ପଛରୁ ପିଟିଲା ବାଇକ୍; ଦୁଇ ମୃତ

ଯାଁଳା,୨୪ ।୨(ସମିସ): ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୧ଟା ବେଳେ ଇନଫୋଭ୍ୟାଲି ଥାନା ୧୬ନମ୍ବର ଜାତୀୟରାଜପଥ ଓ ଗାଳପଡ଼ା ଭୁଆଶୁଣୀ ମନ୍ଦିର ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ରାସ୍ତାପାର୍ଶ୍ୱରେ ଠିଆ ହୋଇଥିବା ଟ୍ରକ ପଛରେ ଏକ ବାଇକ୍ ଧକ୍କା ହେବାରୁ ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତଦ୍ୱୟଙ୍କ ନାମ ଜଣାପଡ଼ିନଥିବା ବେଳେ ସେମାନଙ୍କ ଘର ଖୋର୍ଦ୍ଧା ହଳଦିଆ ଗ୍ରାମରେ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁସାରେ ଦୁଇଜଣଯାକ ଏକ ବାଇକ୍‌ରେ କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ସେମାନେ ଭୁବନେଶ୍ୱରରୁ ଖୋର୍ଦ୍ଧା ଫେରୁଥିଲେ। ଜାତୀୟ ରାଜପଥ ଭୁଆଶୁଣୀ ମନ୍ଦିର ନିକଟରେ ଏକ ମାଲବାହୀ ଟ୍ରକ୍‌ର ଟାୟାର ଫାଟି ଯାଇଥିବାରୁ ଠିଆ ହୋଇଥିଲା। ଦୁଇ ବ୍ୟକ୍ତି ମୋଟରସାଇକଲ ଯୋଗେ ଦ୍ରୁତ ଗତିରେ ଆସି ଟ୍ରକର ପଛରେ ପିଟି ହୋଇଯାଇଥିଲେ। ଫଳରେ ଦୁଇ ଜଣଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ବାଇକ ଚଳାଉଥିବା ବ୍ୟକ୍ତିଙ୍କ ମୁଣ୍ଡ ଦୁଇ ଫାଳ ହୋଇଯାଇଥିଲା। ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତକଦ୍ୱୟଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଆସନ୍ତାକାଲି ସେମାନଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।

# ସ୍ତ୍ରୀକୁ ପିଟିପିଟି ମାରିଦେଲା

ବ୍ରହ୍ମଗିରି, ୨୪।୨ (ସମିସ): ମଙ୍ଗଳବାର ବ୍ରହ୍ମଗିରି ଥାନା ଅନ୍ତର୍ଗତ ପଦନପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ସ୍ତ୍ରୀକୁ ପିଟିପିଟି ହତ୍ୟା କରିଛି ସ୍ୱାମୀ। ଏନେଇ ବ୍ରହ୍ମଗିରି ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ସ୍ୱାମୀକୁ ଅଟକ ରଖି ପଚରାଉଚରା କରୁଛି। ପୁଲିସ ସୂଚନାନୁସାରେ, ପଦନପୁର ଗ୍ରାମର ବିଜୟ ଭୋଇ ଓ ତାଙ୍କ ସ୍ତ୍ରୀ ରମା ଭୋଇଙ୍କ ମଧ୍ୟରେ ପାଟିତୁଣ୍ଡ ଉଗ୍ରରୂପ ନେଇଥିଲା। ଏଥିରେ ବିଜୟ ଉତ୍‌କ୍ଷିପ୍ତ ହୋଇ ରମାଙ୍କୁ ନିର୍ଦ୍ଧୁମ ପିଟିଥିଲେ। ଫଳରେ ରମାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ବିଜୟଙ୍କ ପୁଅ ରାଜେଶ ଭୋଇ ବ୍ରହ୍ମଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ନମ୍ବର ୮୩/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିଜୟକୁ ଅଟକ ରଖି ପଚରାଉଚରା ଚଳାଇଛି। ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମଗିରି ଥାନା ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି।

## ବନ୍ଧୁକ ଦେଖାଇ ଅପହରଣ ଘଟଣା

# ସମ୍ବଲପୁରରୁ ଧରାପଡ଼ିଲେ ପ୍ରେମିକ ଓ ନବବିବାହିତା

ସମ୍ବଲପୁର/ତରଭା, ୨୪।୨ (ସମିସ): ବରକୁ ବନ୍ଧୁକ ଦେଖାଇ ନବବିବାହିତା ପ୍ରେମିକାକୁ ଅଧବାଟରୁ ଅପହରଣ କରିନେବା ଘଟଣାରେ ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ପୁଲିସ ଆଜି ସମ୍ବଲପୁରରୁ ଅଭିଯୁକ୍ତ ପ୍ରେମିକ ଓ ନବବିବାହିତା ଯୁବତୀଙ୍କୁ ଧରିଛି। ଉଭୟ ସମ୍ବଲପୁର ଅଇଁଠାପାଲି ଥାନା ବୁଢ଼ାରଜା ପ୍ରଫେସର୍ କଲୋନୀରେ ଜଣେ ସମ୍ପର୍କୀୟ ଭାଇଙ୍କ ଘରେ ଲୁଚିଥିଲେ। ତରଭା ପୁଲିସ ସମ୍ବଲପୁର ପୁଲିସକୁ ଯୋଗାଯୋଗ କରିବା ପରେ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଠାବ କରାଯାଇଥିଲା। ଗତକାଲି ବିଳମ୍ବିତ ରାତି ପ୍ରାୟ ସାଢ଼େ ୩ଟାରେ ଅଇଁଠାପାଲି ପୁଲିସ ସହାୟତାରେ ତରଭା ପୁଲିସ ସେମାନଙ୍କୁ ଉକ୍ତ ଘରୁ ଉଠାଇ ନେଇଥିଲା। ସେମାନେ ହେଲେ, ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବନ୍ଧପାଲିର ରଶ୍ମି ପୁଟେଲ ଓ ତାଙ୍କ ପ୍ରେମିକ କଣ୍ଟାମାଳ ବଡ଼ଚାପାଲି ଗ୍ରାମର ସଞ୍ଜୀବ ସାହୁ (୨୬)। ପୁଲିସ ସେମାନଙ୍କୁ ତରଭା ନେଇଯାଇଛି। ସେଠାରେ ସେମାନଙ୍କୁ ପୁଲିସ ପଚରାଉଚରା କରୁଛି। ରଶ୍ମି ଓ ସଞ୍ଜୀବ ପରସ୍ପରକୁ ପ୍ରେମ କରୁଥିଲେ। କିନ୍ତୁ ଘର ଲୋକ ସେମାନଙ୍କ ସଂପର୍କରେ ରାଜି ନହେବାରୁ ଅପହରଣର ନାଟକ ରଚିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ତରଭା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋନପୁର ଏସ୍‌ପି ନାରାୟଣ ନାୟକ ଏହି ସୂଚନା ଦେଇଛନ୍ତି।



ଏସ୍‌ପିଙ୍କ ସୂଚନାନୁଯାୟୀ, ରବିବାର ଭୋର୍ ୫ଟାରେ ଉକ୍ତ ଘଟଣା ଘଟିବା ପରେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଆରମ୍ଭ କରିଥିଲା। ଆଇଆଇସି ଅନିତା କିଡୋଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଟିମ୍‌ରେ ତରଭା ଥାନାର ଏସ୍‌ଆଇ ପ୍ରସନ୍ନଜିତ ବେହେରା, କନେଷ୍ଟବଳ କୈଳାସ ଭୋଇ, ଧନପତି ମୁଣ୍ଡା ଓ ସୀମା ବିଶ୍ୱାଳ ସାମିଲ ଥିଲେ। ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ ଓ ନବବଧୂ ରଶ୍ମିକୁ ତରଭା ଥାନାକୁ ଅଣାଯାଇଛି। ବୁଧବାର ସଞ୍ଜୀବକୁ କୋର୍ଟଚାଲାଣ କରାଯିବ। ଅପରାଧୀ ପ୍ରବୃତ୍ତିର ସଞ୍ଜୀବ ନାମରେ କଣ୍ଟାମାଳ ଥାନା ୩ଟି ମାମଲା ରହିଛି। ତା'ଠାରୁ ପୁଲିସ ଗୋଟିଏ ସୁନା ହାର, ଗୋଟିଏ ସୁନା ଚେନ, ହଳେ କାନ ରିଙ୍ଗ, ହଳେ ରୁପା ଗୋଡ଼ ମୁଦି, ଗୋଟିଏ ମୋବାଇଲ ଜବତ କରିଛି। ଏହି ଘଟଣାରେ ସଂପୃକ୍ତ ତା'ର ଅନ୍ୟ ସହଯୋଗୀ ଖୁବ୍‌ଶୀଘ୍ର ଧରାହେବ ବୋଲି ଏସ୍‌ପି ଶ୍ରୀ ନାୟକ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଡିଏସ୍‌ପି ସୁନିତା ପ୍ରଧାନ ଓ ଆଇଆଇସି ଅନିତା କିଡୋ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ୨୨ତାରିଖ ବଲାଙ୍ଗିର ଜିଲ୍ଲାର କାମାକ୍ଷୀନଗରରୁ ହରିବନ୍ଧୁ ପୁଟେଲଙ୍କ କଣ୍ଟାମାଳ ଥାନା ବନ୍ଧପାଲିରେ ବିବାହ ସମ୍ପନ୍ନ ହେବା ପରେ ନବବଧୂଙ୍କୁ ସାଙ୍ଗରେ ଧରି ଘରକୁ ଫେରୁଥିଲେ। ଏହି ସମୟରେ ବାଟରେ ତରଭା ବଡ଼ବନ୍ଧ ନିକଟରେ ଗୋଟିଏ କାର୍‌ରେ ଚାଳକ ଓ ତିନିଜଣ ଯୁବକ ପହଞ୍ଚି ସିନେମା ଷ୍ଟାଇଲରେ ବନ୍ଧୁକ ଦେଖାଇ ଧମକଚମକ ଦେଇ ନବବିବାହିତା ରଶ୍ମିଙ୍କୁ ଅପହରଣ କରି ନେଇଥିଲେ।

# ସୋମବାର ହାଇକୋର୍ଟ ଛୁଟି

କଟକ,୨୪ ।୨(ସମିସ): ମାର୍ଚ୍ଚ ୨ ତାରିଖ (ସୋମବାର) ହାଇକୋର୍ଟ ଛୁଟି ରହିବ। ବଦଳରେ ସେପ୍ଟେମ୍ବର ୧୯ ତାରିଖ ଶନିବାର ଦିନକୁ ହାଇକୋର୍ଟ ପାଇଁ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି। ଆଜି ଏ ନେଇ ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାର୍ଚ୍ଚ ୩ ଓ ୪ ତାରିଖ ଦୋଳ ପୂର୍ଣ୍ଣିମା ଓ ହୋଲି ପାଇଁ ହାଇକୋର୍ଟ ଛୁଟି ଥିଲା। ଏହା ପୂର୍ବରୁ ଦୋଳ ଉତ୍ସବକୁ ଦୃଷ୍ଟିରେ ରଖି ସୋମବାର ଦିନକୁ ଛୁଟି ଭାବେ ଘୋଷଣା ପାଇଁ ହାଇକୋର୍ଟ ବାର୍ ଆସୋସିଏସନ ତରଫରୁ ହାଇକୋର୍ଟଙ୍କୁ ଅନୁରୋଧ କରାଯାଇଥିଲା।

# ଶିମିଳିପାଳରେ ହେଲି-ଟ୍ୟାକ୍ସି

ବାରିପଦା, ୨୪ ।୨ (ସମିସ): ଶିମିଳିପାଳକୁ ଆସିବାକୁ ଥିବା ପର୍ଯ୍ୟଟକଙ୍କ ପାଇଁ ଭୁବନେଶ୍ୱରରୁ ବାରିପଦାକୁ ଗମନାଗମନ ପାଇଁ ହେଲି-ଟ୍ୟାକ୍ସି ସେବା ଆରମ୍ଭ ହେବାକୁ ଯାଉଛି। ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରୁ ଏହି ସେବା ଆରମ୍ଭ ହେବ ବୋଲି ଜଣାଯାଇଛି। ଏଥିପାଇଁ ମଙ୍ଗଳବାର ପଓ୍ୱନ ହଂସ କମ୍ପାନୀ ପକ୍ଷରୁ ଏହାର ପ୍ରଥମ ଟ୍ରାଏଲ-ରନ୍ ହୋଇଛି। ପରୀକ୍ଷାମୂଳକ ଅବତରଣ କରିବା ପରେ ଜିଲ୍ଲା ପୁଲିସ ଓ ଜିଲ୍ଲା ପର୍ଯ୍ୟଟନ ବିଭାଗ ସହ ପଓ୍ୱନହଂସ କମ୍ପାନୀର କର୍ମକର୍ତ୍ତାମାନେ ଆଲୋଚନା କରିଛନ୍ତି। ବାରିପଦା ପୁଲିସ ଲାଇନ ହେଲିପ୍ୟାଡଠାରୁ ଭୁବନେଶ୍ୱର ବିମାନବନ୍ଦରକୁ ସେବା ପ୍ରଦାନ ହେବ। ରାଜ୍ୟ ବାଣିଜ୍ୟ, ପରିବହନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଲୋଚନା ପରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଛି ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ହିମାଂଶୁ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭୁବନେଶ୍ୱରରୁ ପର୍ଯ୍ୟଟକମାନଙ୍କୁ ଆଣି ବାରିପଦା ପହଞ୍ଚାଇବା ସହ ଶିମିଳିପାଳ ପାଦଦେଶ ଲୁଲୁଙ୍ଗର ଅରଣ୍ୟ ନିବାସଠାରେ ରହଣୀ ବ୍ୟବସ୍ଥା କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଖୁବ୍‌ଶୀଘ୍ର ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଥିପାଇଁ ଏସ୍‌ଓପି ଜାରି କରାଯିବ। ଏହି ସେବା ଆରମ୍ଭ ଫଳରେ ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ, ବାଣିଜ୍ୟ ଓ ଆପାତକାଳୀନ ସେବାରେ ନୂତନ ଗତି ଆସିବ ବୋଲି ସମସ୍ତେ ଆଶା ବାନ୍ଧିଛନ୍ତି। ବର୍ତ୍ତମାନ ପାଇଁ ଏହି ହେଲି-ଟ୍ୟାକ୍ସି ସେବା ମାସକୁ ୪ରୁ ୫ଥର ଉଡ଼ାଣ କରିବ ବୋଲି ସେ ସୂଚନା ଦେଇଛନ୍ତି। ପର୍ଯ୍ୟଟକମାନେ ଆକାଶ ମାର୍ଗରୁ ଶିମିପାଳ ଓ ବାରିପଦା ସହରର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ବାରିପଦାରୁ ସଡ଼କପଥରେ ନିକଟସ୍ଥ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରିବେ ବୋଲି ସେ କହିଛନ୍ତି।



ଆରମ୍ଭ ପୂର୍ବରୁ ଟ୍ରାଏଲ ରନ୍

# 'ଆମ ବସ୍'ରେ ଆୟଠାରୁ ବ୍ୟୟ ଅଧିକ

ଭୁବନେଶ୍ୱର, ୨୪।୨ (ସମିସ): ରାଜ୍ୟର ସହରାଞ୍ଚଳରେ ଚଳାଚଳ କରୁଥିବା 'ଆମ ବସ୍' ପାଇଁ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା କ୍ରୁଟ୍‌କୁ ଅପରେସନାଲ ଖର୍ଚ୍ଚ ବାବଦରେ ମୋଟ ୧୧୧୯ କୋଟି ୪୭ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଉତ୍ତର ଦେଇଛନ୍ତି। ରାଜ୍ୟର ସହରାଞ୍ଚଳରେ ଚଳାଚଳ କରୁଥିବା 'ଆମ ବସ' ପାଇଁ ସରକାର ବର୍ତ୍ତମାନ ସୁଦ୍ଧା କେତେ ପରିମାଣର ଅର୍ଥ କେଉଁ ବାବଦରେ ଯୋଗାଇ ଦେଇଛନ୍ତି, ଏହାର ଏକ ବର୍ଷୱାରୀ ତାଲିକା ସହ 'ଆମ ବସ୍' ଚଳାଚଳ କରିବାଠାରୁ ଆଜି ପର୍ଯ୍ୟନ୍ତ ପ୍ରତିବର୍ଷର ଆୟ ଓ ବ୍ୟୟ ସମ୍ପର୍କରେ ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଶ୍ରୀ ମହାପାତ୍ର ଉତ୍ତର ଦେଇଥିଲେ ଯେ ବିଗତ ୮ଟି ଆର୍ଥିକ ବର୍ଷରେ 'ଆମ ବସ୍' ସେବାରୁ ପ୍ରାୟ ୬୮୬ କୋଟି ଟଙ୍କା ଆୟ ହୋଇଥିବା ବେଳେ ଏଥିରେ ୧୦୫୯ କୋଟି ଟଙ୍କା ବ୍ୟୟ ହୋଇଛି। ସେହିଭଳି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କ୍ରୁଟ୍‌କୁ ମୋଟ ୨୩୪ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି ବୋଲି କହିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



କୌଣସି ଦେଶର ଭବିଷ୍ୟତ ବନ୍ଧୁକର ବଳ ଉପରେ ନୁହେଁ, ବରଂ ତା'ର ଶସ୍ୟଭଣ୍ଡାରର ସମୃଦ୍ଧି ଉପରେ ନିର୍ଭର କରେ।

-ଏମ୍ ଏସ୍ ସ୍ୱାମୀନାଥନ୍

## ଭେଜାଲ୍ର ବଜାର

ଏବେ ଭେଜାଲ୍ ବଜାରର ପରିସର ବଢ଼ିବା ସହିତ ଜନଜୀବନ କ୍ରମଶଃ ଭେଜାଲ୍ ରାକ୍ଷସର ପଞ୍ଝା ମଧ୍ୟରେ ବନ୍ଦୀ ହୋଇଚାଲିଛି। ଏ କଥା ପରୋକ୍ଷରେ ସ୍ୱୀକାର କରିଛନ୍ତି ରାଜ୍ୟ ସରକାର। ବିଧାନସଭାରେ ଭେଜାଲ୍ ସାମଗ୍ରୀ ସମ୍ପର୍କିତ ଏକ ପ୍ରଶ୍ନର ବିଭାଗୀୟ ମନ୍ତ୍ରୀ ଯେଉଁ ଉତ୍ତର ଦେଇଛନ୍ତି ତାହା ସାଧାରଣ ଜନତାଙ୍କ ପାଇଁ ଯେତିକି ଉଦ୍‌ବେଗଜନକ ସରକାରଙ୍କ ଅସହାୟତା ତା'ଠାରୁ ଅଧିକ ଦୁର୍ଭାଗ୍ୟଜନକ। ସାଧାରଣ ଖାଉଟି ସମାଗ୍ରୀରୁ ଅଧିକାଂଶ ଭେଜାଲ୍ ବୋଲି ମନ୍ତ୍ରୀ କହିଛନ୍ତି। ଖାଉଟି ବଜାରକୁ ଭେଜାଲ୍ ମୁକ୍ତ କରି ଖାଉଟିଙ୍କୁ ସୁରକ୍ଷା ଦେବା ସରକାରଙ୍କ କର୍ତ୍ତବ୍ୟ। ଏଥିପାଇଁ ସରକାରଙ୍କୁ ସହାୟତା କରିବା ପାଇଁ ବିପୁଳ ପ୍ରଶାସନିକ କଳ ରହିଛି। କିନ୍ତୁ ସରକାରୀ ଉଦାସୀନତା ଏବଂ ନୀତିଗତ ସ୍ଥାଣୁତା କାରଣରୁ ଭେଜାଲ୍ ବଜାରର ପରିସର ବଢ଼ିବାରେ ଲାଗିଛି।

ଜୀବନଧାରଣ ଓ ପୁଷ୍ଟିସାଧନ ପାଇଁ ଆମେ ଯାହା ଖାଦ୍ୟ ଓ ପାନୀୟ ଭାବେ ଗ୍ରହଣ କରୁଛେ ତାହା ଠିକ୍ ତ? ଏ ନିଶ୍ଚିତତା ଆଜିର ଦିନରେ କେହି କରିପାରିବେ ନାହିଁ। କିଛିବର୍ଷ ପୂର୍ବରୁ ତେଲ, ଘିଅ, ମସଲା ଓ ହଳଦିଗୁଣ୍ଡ ଭଳି କେତେକ ହାତଗଣତି ନିର୍ଦ୍ଦିଷ୍ଟ ଉପାଦାନରେ ଭେଜାଲ୍ ବା ଅପମିଶ୍ରଣ ଉଦ୍‌ବେଗଜନକ ଥିଲା। କିନ୍ତୁ ଏବେ ବୋଧହୁଏ ଏଭଳି କ୍ୱଚିତ ସାମଗ୍ରୀ ଥିବ, ଯାହା ଅପମିଶ୍ରିତ ବା ନିର୍ଭେଜାଲ୍ ହୋଇ ନ ଥିବ। ଆହୁରି ଉଦ୍‌ବେଗଜନକ ହେଲା ଏହି ଭେଜାଲ୍ ମାନସିକତା ଜୀବନରକ୍ଷାକାରୀ ଔଷଧ କ୍ଷେତ୍ରକୁ ମଧ୍ୟ ବ୍ୟାପିଛି। ଏ ବିଷୟରେ ଖାଉଟି ଜାଣିବାର ଉପାୟ ନାହିଁ। ଓଡ଼ିଶାରେ ଏହାର ମୁଖ୍ୟ ପେଣ୍ଠ କଟକ ଓ ଜଗତପୁର ହୋଇଥିବା ବେଳେ ଏବେ ଖୋର୍ଦ୍ଧା ଜିଲ୍ଲା ଭେଜାଲ୍ ଉତ୍ପାଦକାରୀ ତାଲିକାରେ ସାମିଲ୍ ହୋଇଛି।

ଆମ ଖାଦ୍ୟ ସୁରକ୍ଷା ଆଇନ ଏତେ ପୁରୁଣା ଯେ ସେଥିରେ ଦୋଷୀମାନଙ୍କ ପାଇଁ ଅତିବେଶୀରେ ମାମୁଲି ଅର୍ଥ ଜୋରିମାନା କିମ୍ବା ଅଳ୍ପ କିଛିମାସର ଜେଲ୍ ଦଣ୍ଡ ବ୍ୟବସ୍ଥା ରହିଛି। ତେଣୁ ଦଣ୍ଡ ଭୋଗିସାରିବା ପରେ ସେମାନେ ପୁଣି ଥରେ ପୁରୁଣା ପେସାକୁ ଫେରିଆସୁଛନ୍ତି। ମାନବ ସମ୍ବଳ ଅଭାବ ହେଉ କିମ୍ବା ସରକାରୀ ଉଦାସୀନତା ଯୋଗୁଁ ହେଉ ଯାଞ୍ଚ ଓ ଧରପଗଡ଼ ହାର ବଢ଼ିବା ବଦଳରେ କମିବାରେ ଲାଗିଛି। ସେହିପରି ଆମ ରାଜ୍ୟରେ ଯାଞ୍ଚକର୍ତ୍ତାଙ୍କ ସଂଖ୍ୟା ବହୁତ କମ୍ ଏବଂ ପରୀକ୍ଷଣ କେନ୍ଦ୍ରର ସଂଖ୍ୟା ମାତ୍ର ଗୋଟିଏ। ସମସ୍ତ ଜିଲ୍ଲା ଓ ପୌର ପରିଷଦ ଅଞ୍ଚଳରେ ୬୩ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ବିଧାନସଭାରେ ମନ୍ତ୍ରୀ ମହୋଦୟ ସୂଚନା ଦେଇଛନ୍ତି। କିନ୍ତୁ ଦ୍ରୁତକ୍ରମବର୍ଦ୍ଧିଷ୍ଣୁ ଭେଜାଲ୍ ବଜାରର କାୟା ଦୃଷ୍ଟିରୁ ଏହା ସମୁଦ୍ରକୁ ଶଙ୍ଖେ ପରି ମନେ ହେଉଛି। ଏଭଳି ସ୍ଥିତିରେ ଖାଉଟିଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ ହେବ କିପରି?

ମୂଳ କଥା ହେଲା ଭେଜାଲ୍ ବା ଅପମିଶ୍ରଣରେ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ନୀତି ନିର୍ଦ୍ଧାରକ ସମସ୍ତେ ପୀଡ଼ିତ ହେଉଥିଲେ ମଧ୍ୟ ଏହାର ନିରାକରଣ ପାଇଁ ସେଭଳି ଆନ୍ତରିକତା ପ୍ରକାଶ ପାଉନାହିଁ। ହତ୍ୟା, ବଳାତ୍କାର, ଚୋରି, ଡକାୟତି ଭଳି ଅପମିଶ୍ରଣ ମଧ୍ୟ ଏକ ଗୁରୁତର ମାନବିକତା ବିରୋଧୀ ଜାତୀୟ ଅପରାଧ। ଅନ୍ୟସବୁ ଅପରାଧରେ ପୀଡ଼ିତ ସଂଖ୍ୟା ନିର୍ଦ୍ଦିଷ୍ଟ ଓ ସୀମିତ। କିନ୍ତୁ ଭେଜାଲ୍, ଅପମିଶ୍ରିତ, ବିଷାକ୍ତ ଖାଦ୍ୟ ସାମଗ୍ରୀ କିମ୍ବା ଔଷଧ ଯୋଗୁଁ ହଜାର ହଜାର ଲୋକଙ୍କ ଜୀବନ ପ୍ରତି ଆଶଙ୍କା ସୃଷ୍ଟି ହେଉଛି। ଅପମିଶ୍ରିତ କିମ୍ବା ବିଷାକ୍ତ ଖାଦ୍ୟ ସାମଗ୍ରୀ ଉଭୟ ତତ୍କାଳ ଓ ଦୀର୍ଘକାଳୀନ ଗୁରୁତର ସ୍ୱାସ୍ଥ୍ୟ ଓ ମାନସିକ ସମସ୍ୟା ସୃଷ୍ଟି କରୁଛି। ଅନେକେ ମଧ୍ୟ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହେଉଥିବା ପ୍ରମାଣିତ ହୋଇଛି। ଏଥିରୁ ଆରୋଗ୍ୟ ପାଇଁ ଯେଉଁ ଔଷଧ ସେବନ କରାଯାଉଛି ତାହା ମଧ୍ୟ ଅପମିଶ୍ରିତ, ବିଷାକ୍ତ କିମ୍ବା ନିମ୍ନମାନର। ବିଡ଼ମ୍ବନା ହେଉଛି ନା ତ ଏହି ଗୁରୁତର ପ୍ରସଙ୍ଗ କେବେ ରାଜନୈତିକ ପ୍ରସଙ୍ଗ ହୋଇଛି ନା ଏହା ଉପରେ ସଂସଦ କିମ୍ବା ବିଧାନସଭାରେ ଆଲୋଚନା ହେଉଛି। ସୁଖର କଥା ଆମ ବିଧାନସଭାରେ ଚଳିତ ଅଧିବେଶନରେ ଏ ସମ୍ପର୍କିତ ପ୍ରଶ୍ନ ଉଠିଛି ଏବଂ ବିଭାଗୀୟ ମନ୍ତ୍ରୀ କେବଳ ପରିସଂଖ୍ୟାନ ଦେଇ ନିଜ କର୍ତ୍ତବ୍ୟ ସାରିଦେଇଛନ୍ତି। ଏହାର ନିରାକରଣ ଦିଗରେ ସରକାର କ'ଣ କଠୋର ଓ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ଯାଉଛନ୍ତି ସେ ବିଷୟରେ କହି ନାହାନ୍ତି।

ଏବେ ସମୟ ଆସିଛି ଏ ସମ୍ପର୍କିତ ଆଇନକୁ ଅଧିକ କ୍ରିୟାଶୀଳ କରିବା ସହିତ ଦଣ୍ଡବିଧାନ କଠୋର କରିବାକୁ ହେବ। ଅପମିଶ୍ରଣକାରୀଙ୍କୁ ଗଣହତ୍ୟାକାରୀ ଭାବେ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ କିମ୍ବା ମୃତ୍ୟୁଦଣ୍ଡର ପ୍ରାବଧାନ କରିବାକୁ ପଡ଼ିବ। ଯେଉଁମାନଙ୍କର ବିବେକ ମରିସାରିଛି ସେମାନଙ୍କ କାର୍ଯ୍ୟକଳାପ ବିରଳ ଅପରାଧ ପଦବାଚ୍ୟ ଏବଂ ମାନବ ସଭ୍ୟତା ପ୍ରତି ବିପଦ। ତେଣୁ ସେମାନଙ୍କୁ ମୃତ୍ୟୁଦଣ୍ଡ ଦେବା ସପକ୍ଷରେ ଯୁକ୍ତି ଅତିଶୟୋକ୍ତି ହେବ ନାହିଁ। ଦେଶର ସବୁଠାରୁ ଗରିବ ଲୋକଠାରୁ ଆରମ୍ଭ କରି ଦେଶର ଶାସନ ଓ ପ୍ରଶାସନ ମୁଖ୍ୟ, ଆଇନ୍ ପ୍ରଣୟନକାରୀ ଓ ବିଚାର ବିଭାଗୀୟ ଅଧିକାରୀମାନେ ମଧ୍ୟ ଏଭଳି ସମସ୍ୟାର ଶିକାର ହେଉଥିବାରୁ ଏ ଦିଗରେ ଜାତୀୟ ବିତର୍କ ହେବା ଆବଶ୍ୟକ। ସଂସଦରେ ସର୍ବସମ୍ମତ ସଂକଳ୍ପ ଆଣି ଅପମିଶ୍ରଣକାରୀଙ୍କ ବିରୋଧରେ ଦଣ୍ଡବିଧାନକୁ କଠୋର କରିବାର ସମୟ ଉପନୀତ। ●

## ଖାଦ୍ୟର ସମାଜଶାସ୍ତ୍ର

ପ୍ରଣତି ଆଚାର୍ଯ୍ୟ ମିଶ୍ର



ବିଶ୍ୱ ଆଜି ଏପରି ସ୍ଥିତିରେ ଠିଆ ହୋଇଛି, ଯେଉଁଠାରେ ପ୍ରଗତି ଓ ପ୍ରଯୁକ୍ତିର ଚମକ ମଧ୍ୟରେ ଖାଦ୍ୟ ଭଳି ମୌଳିକ ଆବଶ୍ୟକତା ଗୁରୁତ୍ୱହୀନ ହୋଇପଡ଼ିଛି। ମିଳିତ ଜାତିସଂଘର ସଦ୍ୟତମ ରିପୋର୍ଟ ପ୍ରକାଶ କରିଛି ଯେ ବିଶ୍ୱ ଜନସଂଖ୍ୟାର ୪୨ ପ୍ରତିଶତ ଲୋକ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ। ଏହା କେବଳ ଦାରିଦ୍ର୍ୟର ପରିସଂଖ୍ୟାନ ନୁହେଁ, ବରଂ ବିଶ୍ୱ ନୀତି, ବଜାର ବ୍ୟବସ୍ଥା ଓ ଆର୍ଥିକ ଅସମାନତାର ପ୍ରତିଫଳନ, ଯାହା ଆମ ସାମୂହିକ ବିଫଳତାକୁ ପ୍ରକାଶ କରେ।

ଆଫ୍ରିକା, ଦକ୍ଷିଣ ଏସିଆ ଓ ଲାଟିନ୍ ଆମେରିକାର ଅନେକ ଦେଶ ଖାଦ୍ୟାଭାବ ଦ୍ୱାରା ସର୍ବାଧିକ ପ୍ରଭାବିତ। ଉପ-ସାହାରା ଆଫ୍ରିକାର ପରିସ୍ଥିତି ଏତେ ଭୟଙ୍କର ଯେ ଜନସଂଖ୍ୟାର ୬୦ ରୁ ୮୦ ପ୍ରତିଶତ ଖାଦ୍ୟ କିଣି ପାରନ୍ତି ନାହିଁ। ୟୁରୋପ, ଅଷ୍ଟ୍ରେଲିଆ ଓ ଉତ୍ତର ଆମେରିକା ଭଳି ଅଞ୍ଚଳରେ ଖାଦ୍ୟ ଉପଲବ୍ଧତା ଭଲ ଥିବା ବେଳେ ଅସନ୍ତୁଳିତ ଖାଦ୍ୟ, ପ୍ରକ୍ରିୟାକୃତ ଖାଦ୍ୟ ଓ ମେଦବହୁଳତା ଭଳି ସମସ୍ୟା ସ୍ୱାସ୍ଥ୍ୟ ପାଇଁ ନୂତନ ଆହ୍ୱାନ ସୃଷ୍ଟି କରୁଛି। ଏକ ଅଧ୍ୟୟନରୁ ଜଣାପଡ଼ିଛି, ସାରା ବିଶ୍ୱରେ ଶାରୀରିକ ଭାବେ ଦୁର୍ବଳ ପିଲାମାନଙ୍କ ପାଇଁ ଛୋଟ ଛୋଟ ସଂକ୍ରମଣ ରୋଗ ମଧ୍ୟ ଘାତକ ସାବ୍ୟସ୍ତ ହୋଇଛି। ଏହି କାରଣରୁ ୨୦୨୩ ମସିହାରେ ପାଞ୍ଚ ବର୍ଷରୁ କମ୍ ବୟସର ପ୍ରାୟ ୮ ଲକ୍ଷ ଶିଶୁ ନିମୋନିଆ, ମ୍ୟାଲେରିଆ, ମିଳିମିଳା ଓ ଡାଇରିଆ ଭଳି ରୋଗରେ ମୃତ୍ୟୁବରଣ କରିଥିଲେ।

ଭାରତର ବିକାଶ ଢାଞ୍ଚା ଦୃଢ଼ ଦେଖାଯାଉ ଥାଇପାରେ। କିନ୍ତୁ ମୂଳଦୁଆରେ ଅଭାବ ସ୍ପଷ୍ଟ ଭାବରେ ଦୃଶ୍ୟମାନ। ଭାରତରେ ଭୋଜନ ଆଉ ପୋଷଣ ବିପରିତଧର୍ମୀ ପରି ମନେହୁଏ। ଗ୍ରାମୀଣ ଭାରତରେ ଏବେ ବି କୁପୋଷଣ, ରକ୍ତହୀନତା ଓ କମ୍ ଓଜନର ସ୍ତର ଉଚ୍ଚା ରହିଛି। ଶିଶୁ ଓ ମହିଳାଙ୍କ ପୁଷ୍ଟିକର ସ୍ଥିତି ବିଶେଷ ଚିନ୍ତାର ବିଷୟ। ଅନ୍ୟପକ୍ଷରେ ସହରାଞ୍ଚଳ ଭାରତରେ ଖାଦ୍ୟ ଉପଲବ୍ଧ ହେଲେ ମଧ୍ୟ ଏହାର ଗୁଣବତ୍ତା ସମସ୍ୟାପୂର୍ଣ୍ଣ। ସମୟର ସୀମା, କାର୍ଯ୍ୟଚାପ ଯୋଗୁଁ ଦ୍ରୁତଗତିରେ ବଜାର-ଚାଳିତ ପ୍ୟାକେଜ୍ଡ ଖାଦ୍ୟ, ଜଙ୍କଫୁଡ୍ ଓ ମିଠା ପାନୀୟ ଦୈନନ୍ଦିନ ଖାଦ୍ୟର ଅଂଶ ହୋଇଛି। ଗୋଟିଏ ପଟେ କୁପୋଷଣ ଏବଂ ଅନ୍ୟପଟେ ମେଦବହୁଳତା ଉଭୟ ସ୍ୱାସ୍ଥ୍ୟ ସଙ୍କଟକୁ ଜଟିଳ କରିଛି।

ଭାରତୀୟ ରୋଷେଇ ଘରେ ମୁଦ୍ରାସ୍ଫୀତିର ପ୍ରଭାବ ଚିନ୍ତାର ବିଷୟ। ଡାଲି, ଖାଦ୍ୟ ତେଲ, ଫଳ, ପନିପରିବା ଓ କ୍ଷୀର ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟରେ ନିରନ୍ତର ବୃଦ୍ଧି ସନ୍ତୁଳିତ ଖାଦ୍ୟର ମୂଲ୍ୟକୁ ଯଥେଷ୍ଟ ବୃଦ୍ଧି କରିଛି। ହାରାହାରି ଭାରତୀୟ ପରିବାରର ମାସିକ ଆୟର ଏକ ବଡ଼ ଅଂଶ କେବଳ କ୍ୟାଲୋରୀ-ଆଧାରିତ ଖାଦ୍ୟରେ ଖର୍ଚ୍ଚ ହୁଏ। ଯାହା ଫଳରେ ପୁଷ୍ଟିକର ଖାଦ୍ୟ ସେମାନଙ୍କ ପ୍ଲେଟ୍ ବାହାରେ ରହେ। ଏହି ପରିସ୍ଥିତି ସୂଚାଇ ଦିଏ ଯେ ଖାଦ୍ୟ କେବଳ ବଜାର ଅର୍ଥନୀତିର ବିଷୟ ହେବା ଉଚିତ୍ ନୁହେଁ, ବରଂ ଏହାକୁ ଏକ ସାମାଜିକ ସୁରକ୍ଷା ଅଧିକାର ଭାବରେ ଦେଖାଯିବା ଉଚିତ।

ଭାରତର କୃଷି ଅଧିକାଂଶ ମୌସୁମୀ ଉପରେ ଅତ୍ୟନ୍ତ ନିର୍ଭରଶୀଳ। ଅସ୍ୱାଭାବିକ ବର୍ଷା, ମରୁଡ଼ି, ବନ୍ୟା ଓ ତାପମାତ୍ରା ପରିବର୍ତ୍ତନ ଫସଲ ଉତ୍ପାଦନକୁ ପ୍ରଭାବିତ କରୁଛି, ଯାହା ବଜାର ମୂଲ୍ୟକୁ ବୃଦ୍ଧି କରେ। ଭାରତର ଖାଦ୍ୟ ବ୍ୟବସ୍ଥା ମୁଖ୍ୟତଃ ଗହମ ଓ ଚାଉଳ ଉପରେ ଧ୍ୟାନ ଦିଏ। ଫଳ, ପନିପରିବା, ଡାଲି, ଅଣ୍ଡା ଓ କ୍ଷୀର ପରି ଉପାଦାନଗୁଡ଼ିକ ସାଧାରଣ ବଣ୍ଟନ ବ୍ୟବସ୍ଥାର ଅଂଶ ହେବାରେ ମୁଖ୍ୟତଃ ବିଫଳ ହୋଇଛି। ଫଳସ୍ୱରୂପ ମଧ୍ୟାହ୍ନ ଭୋଜନ ଭଳି ଅନ୍ୟାନ୍ୟ ଯୋଜନା ଖାଦ୍ୟ ଯୋଗାଇଥାଏ ସତ; କିନ୍ତୁ ସମ୍ପୂର୍ଣ୍ଣ ପୌଷ୍ଟିକତା ସୁନିଶ୍ଚିତ କରିବାରେ ବିଫଳ ହୁଏ।

ବିଶ୍ୱର ଅନେକ ଦେଶ ଖାଦ୍ୟକୁ ଜାତୀୟ ବିକାଶର କେନ୍ଦ୍ର କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବ୍ରାଜିଲର 'ଶୂନ୍ୟଭୋକ' ଅଭିଯାନ ଏକ ପ୍ରମୁଖ ଉଦାହରଣ। ସ୍ଥାନୀୟ କୃଷି, ରିହାତି ଓ ପୁଷ୍ଟିକର କାର୍ଯ୍ୟକ୍ରମ ମାଧ୍ୟମରେ ଏହା ଲକ୍ଷ ଲକ୍ଷ ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଛି। ଜାପାନର 'ଶୋକୁ ଇକୁ' ନୀତି ଅଧୀନରେ ପିଲାମାନଙ୍କୁ ଖାଦ୍ୟର ବିଜ୍ଞାନ ଶିକ୍ଷା ଦିଆଯାଏ। ଏହା ଗୁରୁତ୍ୱ ଦିଏ ଯେ ଖାଦ୍ୟ କେବଳ ଏକ ସାମଗ୍ରୀ ନୁହେଁ, ବରଂ ସଂସ୍କୃତି, ବୁଝାମଣା ଓ ସ୍ୱାସ୍ଥ୍ୟର ମୂଳଦୁଆ। ଦକ୍ଷିଣ କୋରିଆରେ ପ୍ରକ୍ରିୟାକୃତ ଖାଦ୍ୟ ଉପରେ ନିୟନ୍ତ୍ରଣ କରି ଜୀବନଶୈଳୀ ପରିବର୍ତ୍ତନପୂର୍ବକ ରୋଗ ହ୍ରାସ କରାଯାଇପାରୁଛି। ଭାରତ ଏଥିରୁ ଶିଖିବା ଆବଶ୍ୟକ।

କୁପୋଷଣ କାର୍ଯ୍ୟଦକ୍ଷତା, ଶିକ୍ଷା ଓ ଉତ୍ପାଦନକ୍ଷମତାକୁ ପ୍ରଭାବିତ କରେ। ଦୁର୍ବଳ ଓ ପୁଷ୍ଟିହୀନ ପିଲାମାନେ ସ୍କୁଲରେ ଭଲ ପ୍ରଦର୍ଶନ କରିବାରେ ବିଫଳ ହୁଅନ୍ତି। ପୁଷ୍ଟିହୀନ ଯୁବକମାନେ ସମାଜରେ ସକ୍ରିୟ ଯୋଗଦାନ ଦେବାରୁ ବଞ୍ଚିତ ହୁଅନ୍ତି। ଏହା ବୁଝିବା ଜରୁରୀ ଯେ ଖାଦ୍ୟ ଏକ ଆର୍ଥିକ ସାମଗ୍ରୀ ନୁହେଁ। ଏହା ସମାନତା ଓ ମାନବାଧିକାରର ଏକ ମୌଳିକ ଉପାଦାନ। ଭାରତର ପୁଷ୍ଟିକର ସଙ୍କଟକୁ ବୁଝିବା ପାଇଁ ଆମକୁ ଜାଣିବାକୁ ହେବ ଏକ ସୁସ୍ଥ ପ୍ଲେଟ୍ ପ୍ରକୃତରେ କ'ଣ? ଏହା ଦୁଃଖର କଥା ଯେ ଭାରତରେ ଲକ୍ଷ ଲକ୍ଷ ପିଲାଙ୍କ ପାଖରେ ଏବେ ବି ଜରୁରୀ ଖାଦ୍ୟର ଅଭାବ ରହିଛି, ଯାହା ସେମାନଙ୍କ ସମଗ୍ର ଜୀବନକୁ ପ୍ରଭାବିତ କରେ। ମହିଳାମାନଙ୍କୁ ଅଧିକ ପରିମାଣର ଲୌହ, ଫୋଲିକ୍ ଏସିଡ୍, କ୍ୟାଲସିୟମ୍, ଭିଟାମିନ୍ ଡି ଓ ପ୍ରୋଟିନ୍ ଆବଶ୍ୟକ ହୁଏ। ବୟସ୍କମାନଙ୍କ ପାଇଁ ଓମେଗା-୩, ଫାଇବର, ଭିଟାମିନ ବି, କ୍ୟାଲସିୟମ୍ ଅତ୍ୟନ୍ତ ଜରୁରୀ, ଯାହା ସେମାନଙ୍କୁ ହୃଦରୋଗ, ମଧୁମେହ, ହାଡ଼ କ୍ଷୟ ଓ ପାଚନ ସମସ୍ୟାରୁ ରକ୍ଷା କରିଥାଏ।

ଅଙ୍ଗନୱାଡି ଓ ସ୍କୁଲ ଡାଇନିଂ ରୁମକୁ ଦେଶର ପିଲାମାନଙ୍କ ପୁଷ୍ଟି ସାଧନର ପ୍ରମୁଖ ସ୍ତମ୍ଭ ଭାବରେ ବିବେଚନା କରାଯାଏ। କିନ୍ତୁ ସେମାନଙ୍କର ଅବସ୍ଥା ବିଷୟରେ ସମସ୍ତେ ଅବଗତ। ଆଜି ଭାରତ ସାମ୍ନାରେ ପ୍ରଶ୍ନ ହେଉଛି ପ୍ରତ୍ୟେକ ନାଗରିକଙ୍କ ପାଖରେ ଗୁଣାତ୍ମକ ଖାଦ୍ୟ ପହଞ୍ଚୁଛି କି ନାହିଁ। ଭାରତୀୟ କୃଷିରେ କୀଟନାଶକ ଓ ରାସାୟନିକ ପଦାର୍ଥର ବର୍ଦ୍ଧିତ ବ୍ୟବହାର ପୁଷ୍ଟିସଙ୍କଟର ଆଉ ଏକ ଅଦୃଶ୍ୟ କାରଣ। ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିଛି ଯେ ରାସାୟନିକ ପଦାର୍ଥର ସୂକ୍ଷ୍ମ ଅବଶେଷ ଖାଦ୍ୟରେ ରହିଥାଏ, ଯାହା ପିଲାମାନଙ୍କ ମଧ୍ୟରେ ସ୍ନାୟୁଗତ ସମସ୍ୟା, ମହିଳାମାନଙ୍କ ମଧ୍ୟରେ ହରମୋନ ଅସନ୍ତୁଳନ ଏବଂ ବୟସ୍କମାନଙ୍କ ମଧ୍ୟରେ କର୍କଟ ଓ ବୃକକ୍ ରୋଗର ବିପଦ ଆଶଙ୍କା ବୃଦ୍ଧି କରେ।

ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଏହି କ୍ଷେତ୍ରରେ ନା କଠୋର ତଦାରଖ ଅଛି ନା ଚାଷୀମାନଙ୍କୁ ସୁରକ୍ଷିତ ବିକଳ୍ପ ବିଷୟରେ ପର୍ଯ୍ୟାପ୍ତ ସୂଚନା ଦିଆଯାଉଛି। ଜୈବିକ କୃଷି ଓ କମ୍ ରାସାୟନିକ କୃଷି ଭଳି ବିକଳ୍ପ ବିଷୟରେ ଆଲୋଚନା କରାଯାଉଥିଲେ ମଧ୍ୟ ଭୂମିରେ ସେମାନଙ୍କର ପହଞ୍ଚ ନଗଣ୍ୟ। ଯଦି ରାଷ୍ଟ୍ରଗୁଡ଼ିକ ଏକ ଦୃଢ଼, ସକ୍ଷମ ଓ ସୁସ୍ଥ ଭବିଷ୍ୟତ ଚାହାନ୍ତି, ତେବେ ଖାଦ୍ୟକୁ ବଜାରର ସାମଗ୍ରୀ ନୁହେଁ ବରଂ ସାର୍ବଜନୀନ ଅଧିକାର ଘୋଷଣା କରିବାକୁ ପଡ଼ିବ। ତେବେ ଯାଇ ବିକାଶର ମୂଳଦୁଆ ଦୃଢ଼ ହେବ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ସର୍ବଂସହାଙ୍କ ପ୍ରତି ଅକୃତଜ୍ଞ କାହିଁକି?

ଡକ୍ଟର ଅଭିମନ୍ୟୁ ବରାଳ

ମା' ହେଉଛି ତ୍ୟାଗର ମୂର୍ତ୍ତିମନ୍ତ ସରୋବର ଏବଂ ସ୍ନେହ ମମତାର ମୂର୍ତ୍ତିମତୀ ପାରାବାର। ସେଠାରେ ପୂରି ରହିଛି ଦୟା, କ୍ଷମା, କରୁଣା, ସ୍ନେହ, ଶ୍ରଦ୍ଧା, ଆତ୍ମୀୟତା ଓ ଆନ୍ତରିକତା। ସନ୍ତାନମାନଙ୍କ ପାଇଁ ମା' କୋଳ ନିର୍ଭରଯୋଗ୍ୟ ସ୍ଥାନ। 'ମା' କୋଳେ ଛୁଆ ଦୁନିଆ ଡରେନା'। ମା'ନିଜେ ନଖାଇ ସନ୍ତାନ ପେଟକୁ ପୂରାଇଥାଏ। ଭୋକ ପେଟରେ ମଧ୍ୟ ମା' ମୁଖ ପ୍ରଫୁଲ୍ଲ ଦିଶୁଥାଏ। ନିଜର ସୁଖକୁ ତ୍ୟାଗ କରି ସର୍ବଦା ଯିଏ ସନ୍ତାନର ସୁଖକୁ ଗୁରୁତ୍ୱ ଦେଇଥାଏ, ସେ ହେଉଛି ମା'। ତେଣୁ ଓଡ଼ିଆ କବି ଯଥାର୍ଥରେ କହିଛନ୍ତି- 'ମା ବୋଲି ଯେଉଁ ନାଆଁଟି କିଏ ବାଛିଲା ସତେ, ତା'କୁ ବଳି ଆଉ ମଧୁର କିଛି ଲୋଗେ ମୋତେ।' ଗରିବ ଘରର ମା'ଟିଏ ଶୀତଦିନେ ସନ୍ତାନକୁ କୋଳରେ ଧରି ଶୋଇଥିବା ସମୟରେ ପିଲାଟି ପରିସ୍ରା କରିଦିଏ। ସବୁ ଓଦା ହୋଇଯାଏ। ମା' ନିଜ ଦେହକୁ ଓଦା ଲୁଗାରେ ଢାଙ୍କି ରଖି ପୁଅଟିକୁ ଶୁଖିଲା ବସ୍ତ୍ରରେ ଶୁଆଏ। କାଳେ ମୋ ପୁଅଟିକୁ ଶୀତ ହେବ! ନିଜ ଭାଙ୍ଗିଯିବ! ମା' ନିଜେ ଛିଣ୍ଡା ଚିରା ଲୁଗା ପିନ୍ଧି ସର୍ବଦା ସନ୍ତାନଙ୍କୁ ଭଲ ବସ୍ତ୍ର ପିନ୍ଧାଉଥାଏ।

ମା' ଶବ୍ଦଟିର ବିକଳ୍ପ ନାହିଁ। ମା' ହେଉଛି ସ୍ନେହ, ଦୟା, କରୁଣା, ତିତିକ୍ଷାର ମୂର୍ତ୍ତିମତୀ ଦେବୀ। ତେଣୁ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ କହିଛନ୍ତି - 'କହ ଦୁନିଆରେ କିଏ ମା' ଭଳି, ମା ସିନା ଅଟେ ସରଗରୁ ବଳି / ମା'ର ସେନେହ ମା'ର ଆଦର, ମା'ର କଅଁଳ ଡାକଟି ମଧୁର / ଆମ ରୋଗ ଶେଯେ ଦିନରାତି ବସି, ମା' ସିନା ଦେଉଥାଏ ଆଉଁଷି / ବାର ଓଷା ପାଳି ପୂନିଅଁ ପରବ, କିଏ ଆମ ପାଇଁ ଶୁଭ ମନାସିବ? / ଦେଖି ଦେଲେ ଆମ ଭୋକ ଶୁଖା ମୁହଁ, ମା' ଆଖିରେ ଭରି ଉଠେ ଲୁହ / ମା' ହାତବଢ଼ା ତୁଚ୍ଛା ଭାତଥାଳି, ଲାଗଇ ସୁଆଦ ଅମୃତରୁ ବଳି।' ମା' ହେଉଛି ବାସ୍ତବରେ ଏକ ପ୍ରଦୀପ, ଯିଏ ନିଜେ ଜଳି ଜଗତକୁ ଆଲୋକିତ କରେ। ମା' ମଙ୍ଗଳମୟୀ, ମା' କଲ୍ୟାଣମୟୀ। ସମସ୍ତଙ୍କ କଲ୍ୟାଣ ପାଇଁ ତା'ର ସୃଷ୍ଟି। ସେ ଦିବ୍ୟଜନନୀ। ଆଚାର୍ଯ୍ୟଶଙ୍କର କହିଛନ୍ତି, 'କୁପୁତ୍ର ଯାୟତେ କ୍ୱଚିଦପି କୁମାତା ନ ଭବତି।' ଜଗତରେ ଖରାପ ପୁଅ ସୃଷ୍ଟି ହୋଇପାରେ। କିନ୍ତୁ ଖରାପ ମା' କେବେ ହୁଏ ନାହିଁ। ମା'ର ମାତୃତ୍ୱ ସମସ୍ତଙ୍କ ପାଇଁ ସମାନ। ପରିବାରର ସମସ୍ତଙ୍କୁ ସୁଖ ପ୍ରଦାନ କରି ଯେ ଅପାର ଆନନ୍ଦ ଲାଭ କରନ୍ତି ସେ ହେଉଛି ମା'। କୌଣସି ପ୍ରାପ୍ତି ଆଶା ନ ରଖି ଯିଏ ସାରା ଜୀବନ ସନ୍ତାନଙ୍କୁ ସୁଖ ପ୍ରଦାନ କରିଚାଲେ ସେ ହେଉଛି ମା'। ନିଜ ସୁଖ ସ୍ୱଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ସନ୍ତାନମାନଙ୍କ ସୁଖରେ ଆନନ୍ଦିତା ହୁଏ। ନିଜେ ଉପାସ ରହି ଯେ ପିଲାମାନଙ୍କ ପେଟ ପୂରାଇବାକୁ ସର୍ବଦା ତତ୍ପର ଥାଏ - ସେ ହେଉଛି ମା'। ସନ୍ତାନର ମଙ୍ଗଳ କାମନା କରୁଥିବା ତତ୍ତ୍ୱଟି ହେଉଛି ମା'।

ଜୀବନରେ ମାତୃତ୍ୱର ସାର୍ଥକତା ସ୍ୱରୂପ ପୁଅଟିଏ ପାଇବା ପାଇଁ ମା'ଯେ କେତେ କୃଚ୍ଛ୍ର ସାଧନା କରିଥାଏ, ତା'ର ଇୟତ୍ତା ନାହିଁ। ଗୋବିନ୍ଦଚନ୍ଦ୍ରଙ୍କୁ ମାତା ମୁକ୍ତାଦେଇଙ୍କ ବକ୍ତବ୍ୟ ଏହାର ଯଥାର୍ଥ ଉଦାହରଣ। ଗୋଟିଏ ଦୁଇଟି ଦୃଷ୍ଟାନ୍ତ ଦେଲେ ଏହା ସ୍ପଷ୍ଟ ହୋଇଯିବ। ଯଥା 'ତୋହରି ପାଇଁ କି କୁମର ମଣିରେ ଚଇତି ମଙ୍ଗଳବାର, ବାରବର୍ଷ ପରିଯନ୍ତେରେ କୁମର ଜାଳିଲି ବସି ଜାଗର / ତୋହରି ପାଇଁକି କୁମର ମଣିରେ ଭୁବନେଶ୍ୱରକୁ ଗଲି, ଭୁବନେଶ୍ୱରରେ ମରିଚି କୁଣ୍ଡରେ ଯାଇଣ ସ୍ନାହାନ କଲି / ଅରୁଆ ଚାଉଳ କଞ୍ଚା ଦୁଧନେଇ ପାର୍ବତୀଙ୍କି ପୂଜା କଲି, ଗୋଟି ଗୋଟି କରି କୋଟି କୋଟି ଚମ୍ପା ଶମ୍ଭୁଶିରରେ ମୁଁ ଦେଲି।'

ବାରମାସରେ ତେର ଓଷା କରି ମା' ପୁଅଟିଏ ପାଇଥାଏ। ଦୀର୍ଘ ଦଶମାସ ଗର୍ଭରେ ଧରି ଦାରୁଣ ପ୍ରସବ ବେଦନାକୁ ସହ୍ୟ କରି ଯେତେବେଳେ ପୁଅଟି ଭୂମିଷ୍ଠ ହୁଏ, ସେତେବେଳେ ମା' ତା'ର ପ୍ରସବ ଯନ୍ତ୍ରଣାକୁ ଭୁଲିଯାଏ। ପୁଅର କୁଆଁ କାନ୍ଦ, ତା'ର କଅଁଳିଆ ମୁହଁଟି ଦେଖି ମା' ସବୁ ଭୁଲିଯାଏ। ସେହି ପୁଅ ଯେତେବେଳେ ବଡ଼ ହୁଏ, ତା'ର ବିବାହକାର୍ଯ୍ୟ ସଂପନ୍ନ ହୋଇଯାଏ, ସେତେବେଳେ ସ୍ଥଳବିଶେଷରେ କିଛି ବ୍ୟତିକ୍ରମ ପରିଦୃଷ୍ଟ ହୁଏ। ସ୍ତ୍ରୀ ଦ୍ୱାରା ପରିଚାଳିତ ପୁଅ ମା'ର ଅବଦାନକୁ ଯଥାର୍ଥ ମୂଲ୍ୟାଙ୍କନ କରିପାରେ ନାହିଁ। କଥାରେ ଅଛି - 'ପୁଅକୁ ଚିହ୍ନିବ ଆସିଲେ ବୋହୂ, ବୋହୂକୁ ଚିହ୍ନିବ ବରଷେ ଯାଉ।' ଓଡ଼ିଆ ଘର ଢଗଢମାଳିରେ ଏକଥା ସମସ୍ତେ କହିଥା'ନ୍ତି। ଅର୍ଥାତ୍ ପୁଅ ସବୁଠିକ୍ ଥାଏ। ଯେତେବେଳେ ହାତକୁ ଦିହାତ ହୋଇ ଘରକୁ ବୋହୂଟିଏ ଆସେ, ସେ ବୋହୂ ଦ୍ୱାରା ପରିଚାଳିତ ହୁଏ। ତା'ର ସବୁ ଓଲଟପାଲଟ ହୋଇଯାଏ।

ସଂପ୍ରାତିକ ଯୁଗରେ ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବରେ ପୁଅମାନେ ପିତାମାତାଙ୍କୁ ଛାଡ଼ି ସ୍ୱତନ୍ତ୍ର ସହାବସ୍ଥାନ କରୁଛନ୍ତି। ଫଳରେ ବୃଦ୍ଧାବସ୍ଥାରେ ପିତାମାତାମାନେ ବହୁ କଷ୍ଟରେ କାଳାତିପାତ କରୁଛନ୍ତି। ମଣିଷର ଜୀବନରେ ଦୁଇଟି ନାରୀ ଆସିଥା'ନ୍ତି। ବାଲ୍ୟ, ପୌଗଣ୍ଡ, ଯୌବନ ପର୍ଯ୍ୟନ୍ତ ଜଣକ କୋଳରେ ଜୀବନ ଅତିବାହିତ ହୁଏ, ସେ ହେଉଛି ମା'। ଯୌବନରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଜଣେ ନାରୀ ସହିତ ଜୀବନ ଅତିବାହିତ ହୁଏ - ସେ ହେଉଛି ପତ୍ନୀ। ସଂସାର-ସାଗର ପାରି ହେବା ପାଇଁ ମାତା ଓ ପତ୍ନୀ ଦୁଇଟି ନାବ। ଜଣେ ପାଣି ଦେଇ ବୃକ୍ଷଟିକୁ ଦ୍ରୁମରେ ପରିଣତ କରେ। କିନ୍ତୁ ତା'ର ଛାୟାରେ ବସି ଜୀବନକୁ ଅତିବାହିତ କରିବା ବେଳେ ପତ୍ନୀ ସାଜେ ପ୍ରତିବନ୍ଧକ। ସେ କରେ ସ୍ୱାମୀ ମୋର ଗୋଟିକ ଯାକ। ମା' କିଏ? ତେଣୁ କବି ଜଣେ କହିଛନ୍ତି - 'ପାଣିଦେଇ ଗଛ ବଞ୍ଚାଇଲା ଯିଏ, ମୂଳେ ବସିବାକୁ ନାହିଁ ହକ / କଟୁରୀ ଧରି ଯେ ହାଣିବାକୁ ଯାଏ ଭାରିଜା କହୁଛି ଗୋଟା ଯାକ।' ଫଳରେ ମା'ର ଜୀବନ ଦୁର୍ବିସହ ହୋଇପଡ଼େ। ଏ ସମସ୍ତ ନିର୍ଯ୍ୟାତନା ସତ୍ତ୍ୱେ ମା' ସର୍ବଦା ପୁଅର ମଙ୍ଗଳ କାମନା କରିଥାଏ।

ହେ ହତଭାଗ୍ୟ, ଅକୃତଜ୍ଞ ପୁଅମାନେ! ଏବେ ମଧ୍ୟ ସମୟ ଅଛି। ଶ୍ରବଣ କୁମାରଙ୍କ କଥା ଟିକେ ମନେ ପକାଅ। ଯେଉଁ ମା' ପୃଥିବୀ ଭଳି ସର୍ବଂସହା, ତା' ପ୍ରତି ଅବହେଳା କର ନାହିଁ। କାଲି ମଧ୍ୟ ତୁମର ପୁଅ ବୋହୂ ଆସିବେ। ●

ସାକ୍ଷୀଗୋପାଳ(ପୁରୀ), ମୋ: ୯ ୯୩୭୮୩୫୨୩୦

## ସାହିସାହିରେ ଶିବ ବାନାମ୍ବର ବିଜେ

### ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ସାତଟି ପୁରାତନ ସାହିକୁ ନେଇ ପୁରୀ ସହର ଗଢ଼ି ଉଠିଥିଲା। କୁଣ୍ଢେଇବେଣ୍ଟ ସାହି ସେମାନଙ୍କ ଭିତରୁ ଗୋଟିଏ। ସାରାବର୍ଷ ଭିତରେ ପୁରୀବାସୀ ଅନେକବାର ଘରକୁ ମହାପ୍ରସାଦ ଆଣି ସେବନ କରନ୍ତି। ବାରମାସର ଚବିଶ ଏକାଦଶୀ, ବିବାହବ୍ରତ ଆଦି ସାମାଜିକ ଉତ୍ସବ, ପିତୃପୁରୁଷମାନଙ୍କର ଶ୍ରାଦ୍ଧ ଦିନ ଘରେ ମହାପ୍ରସାଦ ସେବା ସୁନିଶ୍ଚିତ। ଏହାଛଡ଼ା ଶୁଦ୍ଧିକ୍ରିୟା ଦିନ ମଧ୍ୟ ମହାପ୍ରସାଦ ଦେଇ ଅତିଥିଙ୍କୁ ଆପ୍ୟାୟିତ କରାଯାଏ। ସେବକମାନଙ୍କ ପରିବାରକୁ ପ୍ରାୟ ପ୍ରତିଦିନ ମହାପ୍ରସାଦର ଖେଇ ଆସେ। ମହାପ୍ରସାଦ ସେବନ କରିସାରିବା ପରେ କୁଡୁଆରେ ମହାପ୍ରସାଦର ଦାନା ଲାଗି ରହିଥାଏ। ମହାପ୍ରସାଦକୁ ଅନ୍ନବ୍ରହ୍ମର ମାନ୍ୟତା ଦିଆ ଯାଉଥିବାରୁ ଅବଢ଼ା ହାଣ୍ଡି ବା ଭଙ୍ଗାକୁଡୁଆ ଇତସ୍ତତଃ ଫୋପାଡ଼ି ଦିଆ ଯାଏନାହିଁ। ସାହିମୁଣ୍ଡରେ ଏକ ଅଣଆଡ଼ିଆ ଯାଗା ଦେଖି କୁଡୁଆ ହାଣ୍ଡି ଓ ଖପରାକୁ ଗଦା କରି ରଖି ଦିଆଯାଏ। ଧୀରେଧୀରେ ସେ ଯାଗାରେ ହାଣ୍ଡି ଖପରାର ଏକ ଗଦା ଠିଆ ହୋଇ ଯାଏ।

କୁଣ୍ଢେଇ ବେଣ୍ଟ ସାହିମୁଣ୍ଡରେ ସେହିପରି ଏକ ଖପରା ଗଦା ଥିଲା। ତା'ପାଖରେ ଖଣ୍ଡେ ଖାଲିପଡ଼ିଆ ଥିଲା। ସେ ପଡ଼ିଆରେ ସାହି ପିଲାଏ ଖେଳୁଥିଲେ। ପଡ଼ିଆରେ ଖେଳୁଥିବା ବେଳେ ପରିସ୍ରା ଲାଗିଲେ ଅବଢ଼ା ଖପରା ଗଦାଠାରୁ ଦୂରକୁ ଯାଇ ପରିସ୍ରା କରୁଥିଲେ। ପିଲାମାନେ ଏକଥା ପରମ୍ପରାକ୍ରମେ ନିଜ ପରିବାରଠାରୁ ଶିଖିଥିଲେ। କିନ୍ତୁ ଦିନେ ଜଣେ ପିଲା ଖେଳୁଥିବା ବେଳେ ପରିସ୍ରା ଲାଗିବାରୁ ଦୁଷ୍ଟାମୀ କରି ହେଉ ବା ଜାଣି ନ ଥିବା ଯୋଗୁଁ ହେଉ ସେ ଖପରା ଗଦାରେ ପରିସ୍ରା କରି ଦେଲା। ଏହାପରେ ଜଣେ ବଳିଷ୍ଠବପୁର ପିଲା ଆସି ପରିସ୍ରା କରୁଥିବା ପିଲାର ଗାଲ ଓ ପିଠିରେ ଚାପୁଡ଼ା ବିଧାର ବର୍ଷା କରି କ୍ଷଣକ ଭିତରେ କୁଆଡ଼େ ଉଭାନ ହୋଇଗଲା। ପିଲାଟା କୁଆଡୁ ଆସି କୁଆଡ଼େ ଗଲା ମାଡ଼ ଖିଆ ପିଲା ଜାଣିପାରିଲା ନାହିଁ। ସେ କାନ୍ଦି କାନ୍ଦି ଘରକୁ ଗଲା ଓ ବାପାମାଆଙ୍କ ଆଗରେ ସବୁ କଥା କହିଲା। ହେଲେ ମାରିଥିବା ପିଲାକୁ କେହି ଚିହ୍ନି ନ ଥିବାରୁ ସେମାନେ ଚୁପ୍ ରହିଲେ।

ତା' ପରଦିନ ମଧ୍ୟ ସମାନ ଘଟଣା ଘଟିଲା। ପରିବାର ଲୋକେ ଚିନ୍ତା କଲେ - 'ଏତେ ପିଲା ଖେଳୁଛନ୍ତି, କାହାର କିଛି ହେଉନି। ଆମ ପିଲାଟା ଦି ଦିନ ହେଲା ମାଡ଼ ଖାଉଛି! ମାଡ଼ ମାରୁଥିବା ପିଲା ଆସୁଛି କୁଆଡୁ, ଯାଉଛି କୁଆଡ଼େ ଏ ଟୋକା ଜାଣି ପାରୁ ନାହିଁ! ତାକୁ ଅନ୍ୟ ପିଲାମାନେ ମଧ୍ୟ ଦେଖିପାରୁ ନାହାନ୍ତି!' -ଘଟଣା କ'ଣ ଜାଣିବା ପାଇଁ ପିଲାର ବାପା ତା' ପରଦିନ ସେ ସମୟରେ ଗୋଟେ ଗଛ ଆଢୁଆଳରେ ଲୁଚି ରହିଲେ। କିଛି ସମୟ ପରେ ପିଲାଟି ଖପରା ଗଦା ପାଖକୁ ଯାଇ ପରିସ୍ରା କଲା। ହଠାତ୍ ଗଦା ଭିତରୁ ଜଣେ ସୌମ୍ୟସବଳ ବାଳକ ବାହାରି ଆସି ପରିସ୍ରା କରିଥିବା ପିଲାକୁ ବୁହେ ଛେଚିଲା ଏବଂ ଖପରା ଗଦାରେ ପଶିଗଲା। ଭଦ୍ରଲୋକ ବସିଲା ଯାଗାରୁ ଉଠି ଦୌଡ଼ିଲେ। ପୁଅକୁ ଆଶ୍ୱସ୍ତ କରିବା ପୂର୍ବରୁ ମାଡ଼ ମରା ପିଲାକୁ ଗଦା ଚାରିପଟେ ବୁଲି ଖୋଜିଲେ। କିନ୍ତୁ କିଛି ଜାଣି ନ ପାରି ପୁଅକୁ ଧରି ଘରକୁ ଫେରିଲେ।

ବିଭିନ୍ନ ଲୋକ ବିଭିନ୍ନ କଥା କହିଲେ। କିନ୍ତୁ ବୟସ୍କ ଲୋକମାନେ କହିଲେ ଯେ ଖପରା ଗଦାରେ ପରିସ୍ରା କରୁଥିବାରୁ ଏପରି ଅଲୌକିକ ଘଟଣା ଘଟୁଥିଲା। ସେ ତାଙ୍କ ଛୋଟ ପୁଅ ଅଜାଣତରେ କରିଥିବା ଭୁଲ ପାଇଁ କ୍ଷମା କରିଦେବାକୁ ମହାପ୍ରଭୁଙ୍କୁ ରାତିସାରା ପ୍ରାର୍ଥନା କରିଚାଲିଲେ। ପାହାନ୍ତା ପ୍ରହରକୁ ତାଙ୍କୁ ଛାଇ ନିଦ ଲାଗି ଆସିବା ବେଳେ ସେ ଏକ ସ୍ୱପ୍ନ ଦେଖିଲେ। ସ୍ୱପ୍ନରେ ଭୋଳାନାଥ ଶିବ ଦର୍ଶନ ଦେଇ କହିଲେ, 'ମୁଁ ବାନାମ୍ବର ଶିବ। କୋଡୁଆ ଖପରା ଗଦା ତଳେ ମୁଁ ପାତାଳୀ ହୋଇଥାଏ। ପରିତ୍ୟକ୍ତ କୋଡୁଆରୁ କୈବଲ୍ୟ କଣିକା ପାଇବା ଆଶାରେ ମୁଁ ସେଠାରେ ଥାଏ। ତୋ ପୁଅ ମୋ ଉପରେ ପରିସ୍ରା କରି ଅପରାଧ କରୁଛି। ଅଜ୍ଞାନ ବାଳକ ହୋଇଥିବାରୁ ମୁଁ ତା'କୁ କଠିନ ଦଣ୍ଡ ଦେଉ ନାହିଁ।' ସକାଳୁ ଭଦ୍ରଲୋକ ସାହିଲୋକଙ୍କ ଆଗରେ ତାଙ୍କର ସ୍ୱପ୍ନ ବୃତ୍ତାନ୍ତ ବର୍ଣ୍ଣନା କଲେ। ସାହି ଲୋକମାନେ ଖପରା ଖୋଳି ବାନାମ୍ବର ଶିବଲିଙ୍ଗଙ୍କୁ ଉଦ୍ଧାର କରି ମହାସମାରୋହରେ ବାନାମ୍ବର ଶିବଙ୍କୁ ପ୍ରତିଷ୍ଠା କରି ପୂଜାର୍ଚ୍ଚନା ଆରମ୍ଭ କଲେ। ଏହି ଘଟଣା ପରେ ଅନ୍ୟସାହିର ଲୋକମାନେ ମଧ୍ୟ ସାହିମୁଣ୍ଡର ଖପରା ଗଦା ଖୋଳି ବାନାମ୍ବର ଶିବଙ୍କୁ ଆବିଷ୍କାର କଲେ। ତେଣୁ ପୁରୀର ପ୍ରାୟ ସବୁ ସାହିରେ ବାନାମ୍ବର ଶିବ ଆରାଧିତ ହେଉଥିବା ଦେଖାଯାଏ। ●

ମୋ: ୯ ୯୦୦୦୮ ୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୨୫ • ପାଉଣ୍ଡ ୧୨୨.୩୬
- ୟୁରୋ ୧୦୭.୯୧ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୮,୩୦୦ (ନୂଆଦିଲ୍ଲୀ)
- ରୁପା : ୨,୬୫,୮୮୬ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୩୧୯.୦୦
- ନିଫ୍ଟି ୨୫,୪୫୯.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ପୁଞ୍ଜି ବଜାରକୁ ଏଆଇ-ଟାରିଫ୍ ଟେନ୍‌ସନ୍

## ସେନ୍‌ସେକ୍ସରେ ୧୦୬୯ ପଏଣ୍ଟ ହ୍ରାସ



ମୁମ୍ବଇ,୨୪।୨(ଏଜେନ୍ସି): ସମ୍ପ୍ରତି ବିଶ୍ୱ ବଜାରକୁ ଘାରିଛି ଆର୍ଟିଫିସିଆ ଇଣ୍ଟେଲିଜେନ୍ସ(ଏଆଇ) ଓ ଟାରିଫ୍ ଚିନ୍ତା। ଏହାର ପ୍ରଭାବ ଆଜି ଘରୋଇ ଫଉଞ୍ଜି ବଜାରରେ ଅନୁଭୂତ ହୋଇଛି। ଫଳରେ ମଙ୍ଗଳବାର ଭାରତୀୟ ବଜାରରେ ବେଞ୍ଚମାର୍କ ସୂଚକାଙ୍କ ୧ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଏଥିଯୋଗୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନସେକ୍ସରେ ୧୦୬୮. ୭୪ ପଏଣ୍ଟ କିମ୍ବା ୧.୨୮%ର ଏକ ବୃହତ୍ ହ୍ରାସ ଘଟିଛି। ଆଇଟି ଏବଂ ହେଭିୱେଟ୍ ଷ୍ଟକ୍‌ଗୁଡିକରେ ହ୍ରାସ ଯୋଗୁ ବଜାରକୁ ତଳକୁ ଠେଲି ଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂତନ ଅସ୍ଥାୟୀ ଶୁଳ୍କ ଲାଗୁ କରିବା ନେଇ ଘୋଷଣା କରିଛନ୍ତି। ରିପୋର୍ଟ ଅନୁଯାୟୀ, ଆମେରିକା ସୁପ୍ରିମକୋର୍ଟ ଶୁଳ୍କ ଉପରେ ସ୍ଥଗିତ ରଖିବା ପରେ ୧୫% ପର୍ଯ୍ୟନ୍ତ ନୂତନ ଅସ୍ଥାୟୀ ଶୁଳ୍କ ଲାଗୁ କରାଯାଇଛି। ପୂର୍ବରୁ, ଆମେରିକା ସୁପ୍ରିମକୋର୍ଟ ଏହି ଶୁଳ୍କକୁ ଅବୈଧ ଘୋଷଣା କରିଥିଲେ। ଏହି ନିଷ୍ପତ୍ତି ବିଶ୍ୱବ୍ୟାପୀ ବଜାରରେ ଅନିଶ୍ଚିତତାକୁ ଆହୁରି ବୃଦ୍ଧି କରିଛି।

ମଙ୍ଗଳବାର କାରବାରରେ ୩୦ ସେୟାର ବିଶିଷ୍ଟ ସେନସେକ୍ସରେ ୧୦୬୯ ପଏଣ୍ଟ ହ୍ରାସ ଘଟି ତାହା ୮୨,୨୨୬ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି)ରେ ୨୮୮ ପଏଣ୍ଟ ହ୍ରାସ ଘଟି ୨୫,୪୨୫ ପଏଣ୍ଟରେ କାରବାର ଶେଷ ହୋଇଥିଲା। ବିଶ୍ୱ ସ୍ତରରେ ଏଆଇ ଦ୍ୱାରା ଉପୁଜିଥିବା ଚ୍ୟାଲେଞ୍ଜକୁ ନେଇ ବଢୁଥିବା ଚିନ୍ତା ଏବଂ ପାରମ୍ପରିକ ଆଇଟି କମ୍ପାନୀଗୁଡ଼ିକର ମାର୍ଜିନ୍ ଉପରେ ସୃଷ୍ଟ ଚାପ ଯୋଗୁଁ ହୋଇଛି। ଏହା ବ୍ୟତୀତ, ବିଶ୍ୱ ବାଣିଜ୍ୟ ଏବଂ ଟାରିଫ୍ ସମ୍ବନ୍ଧୀୟ ଚିନ୍ତା ମଧ୍ୟ ପୁନର୍ବାର ବଜାର ସ୍ଥିତିକୁ ଆହୁରି ଖରାପ କରିଦେଇଛି,ଯେଉଁଥିରେ ବାଣିଜ୍ୟ ଚୁକ୍ତି ଉପରେ ଟ୍ରମ୍ପଙ୍କ ଚେତାବନୀ ଏବଂ ସମ୍ଭାବ୍ୟ ଜାତୀୟ ସୁରକ୍ଷା ଟାରିଫ୍ ଖବର ଅନ୍ତର୍ଭୁକ୍ତ। ନିବେଶକମାନେ ବିଶ୍ୱାସ କରନ୍ତି ଯେ ଆଇଟି କ୍ଷେତ୍ରରେ ଦୀର୍ଘକାଳୀନ ସମସ୍ୟା ରିଅଲ୍ ଇଷ୍ଟେଟ୍ ଚାହିଦା ଏବଂ ମୂଲ୍ୟକୁ ପ୍ରଭାବିତ କରିପାରେ। ଏହା ବ୍ୟତୀତ, ଆମେରିକା ଏବଂ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟ ବଜାରରେ ହ୍ରାସର ଅନ୍ୟତମ କାରଣ। ଆଜିର କାରବାରରସଟେକ୍ ମହିନ୍ଦ୍ରା, ଏଚ୍‌ସିଏଲ୍ ଟେକ୍, ଇଟର୍ନାଲ୍, ଇନଫୋସିସ୍ ଏବଂ ଟିସିଏସ୍ ସବୁଠାରୁ ଅଧିକ କ୍ଷତିର ସମ୍ମୁଖୀନ ହୋଇଥିଲେ। ଏନଟିପିସି, ଏବ୍ରୁ୍ୟଏଲ୍, ପାୱାର ଗ୍ରୀଡ୍, ଟାଟା ଷ୍ଟିଲ୍ ଏବଂ ଆଦାନୀ ପୋର୍ଟସ୍ ଲାଭକାରୀଙ୍କ ମଧ୍ୟରେ ରହିଛନ୍ତି।

## ଲିଭର ଟ୍ରାନ୍ସପ୍ଲାଣ୍ଟରେ ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱରର ନୂତନ ମାଇଲ୍‌ଖୁଣ୍ଟ ହାସଲ




ଭୁବନେଶ୍ୱର, ୨୪।୨(ସମିସ): ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଲିଭର ଟ୍ରାନ୍ସପ୍ଲାଣ୍ଟ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ମଙ୍ଗଳବାର ମଣିପାଲ୍ ହସ୍ପିଟାଲରେ ଉପଲବ୍ଧ ଉନ୍ନତ ଲିଭର ଚିକିତ୍ସା ସୁବିଧା ସମ୍ପର୍କରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଡାକ୍ତରମାନେ ଓ ଲିଭର ଟ୍ରାନ୍ସପ୍ଲାଣ୍ଟ ହୋଇଥିବା ରୋଗୀମାନେ ଏକାଠି ହୋଇ ନିଜ ଅନୁଭବ ସେୟାର କରିଥିଲେ। ପ୍ରତ୍ୟେକ ଟ୍ରାନ୍ସପ୍ଲାଣ୍ଟ ପଛରେ ଥିବା ସଂଘର୍ଷ, ଆଶା ଓ ନୂତନ ଜୀବନର କାହାଣୀମାନେ ଏହି ଅବସରରେ ସାମ୍ନାକୁ ଆସିଥିଲା। ଏହି ବିଶେଷ କାର୍ଯ୍ୟକ୍ରମରେ ବରିଷ୍ଠ ଲିଭର ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଡାକ୍ତର ରାଜ ଶେଖର କେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଡାକ୍ତର ପ୍ରତାପ ବେହେରା , ଡାକ୍ତର ଜ୍ଞାନରଞ୍ଜନ ରାଉତ, ଡାକ୍ତର ସମ୍ବିତ କୁମାର ଭୁୟାଁ ଏବଂ ମଣିପାଲ ହସ୍ପିଟାଲର କ୍ଲଷ୍ଟର ଡାଇରେକ୍ଟର ସାଉଥ୍ ଇଷ୍ଟ ଡାକ୍ତର ଶକ୍ତିମୟ ମହାପାତ୍ର ଉପସ୍ଥିତ ଥିଲେ।

## ନକଲି ଚେକ୍ ମାଧ୍ୟମରେ କୋଟି କୋଟି ଟଙ୍କା ହଡ଼ପ

ନୂଆଦିଲ୍ଲୀ,୨୪।୨(ଏଜେନ୍ସି): ଡିଜିଟାଲ୍ ବ୍ୟାଙ୍କିଙ୍ଗ ଯୁଗରେ, ଯେତେବେଳେ ବ୍ୟାଙ୍କଗୁଡ଼ିକ ସାଇବର ଠକେଇରୁ ସୁରକ୍ଷା ପାଇଁ ନୂତନ ଉପାୟ ଖୋଜୁଛନ୍ତି, ସେତେବେଳେ ଚଣ୍ଡିଗଡ଼ର ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କରେ ୫୯୦ କୋଟିର ଏକ ବଡ଼ ଠକେଇର ପର୍ଦ୍ଦାଫାସ ହୋଇଛି। ଏହି ଠକେଇ ଜାଲ୍ କାଗଜ ଚେକ୍ ମାଧ୍ୟମରେ କରାଯାଇଥିଲା, ଯାହାକୁ ବ୍ୟାଙ୍କ ସାଇବର ଆକ୍ରମଣ ନୁହେଁ ବରଂ କର୍ମଚାରୀ ଠକେଇ ବୋଲି କହିଛି। ଏହି ଘଟଣା ଯୋଗୁଁ ବ୍ୟାଙ୍କର ସେୟାରରେ ତୀବ୍ର ହ୍ରାସ ଘଟିଛି, ଯାହା ଫଳରେ ନିବେଶକମାନଙ୍କର ପ୍ରାୟ ୧୫ ହଜାର କୋଟି ଟଙ୍କା କ୍ଷତି ହୋଇଥିଲା। ଘଟଣା ପରେ ହରିୟାଣା ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କକୁ ଡି-ଏମ୍ପାନେଲ କରି ସରକାରୀ ବିଭାଗଗୁଡ଼ିକୁ ସେମାନଙ୍କର ଆକାଉଣ୍ଟଗୁଡ଼ିକୁ ଅନ୍ୟ ବ୍ୟାଙ୍କକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ୨୪ ଘଣ୍ଟା ମଧ୍ୟରେ ସମସ୍ତ ଠକେଇ ଟଙ୍କା ସରକାରୀ ଆକାଉଣ୍ଟକୁ ଫେରିଆସିଛି।

## ଡାଲମିଆ ଭାରତ ଫାଉଣ୍ଡେସନ ସମ୍ମାନିତ




ନୂଆଦିଲ୍ଲୀ,୨୪।୨: ଡାଲ୍‌ମିଆ ସିମେଣ୍ଟ (ଭାରତ) ଲିମିଟେଡର ସିଏସଆର ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ) କୁ ଜାତୀୟ ସିଏସଆର ସମ୍ମିଳନୀ ୨୦୨୬ରେ 'ଡିଷ୍ଟିନ୍‌ଗୁଇସ୍‌ଡ ଲିଡରସିପ ଅନର୍' ସମ୍ମାନରେ ସମ୍ମାନିତ କରାଯାଇଛି।ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଟାଇମ୍ସ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମୁଦାୟଗୁଡିକରେ ନିଯୁକ୍ତି କ୍ଷମତାକୁ ମଜବୁତ କରିବା, ସମାବେଶୀ ଶିକ୍ଷାକୁ ଆଗକୁ ବଢାଇବା ଏବଂ ସ୍ଥାୟୀ ଜୀବିକା ସୁଯୋଗକୁ ସକ୍ଷମ କରିବା କ୍ଷେତ୍ରରେ ଡିବିଏଫର ନିରନ୍ତର ପ୍ରୟାସଗୁଡିକର ସ୍ୱୀକୃତିରେ ଡାଲମିଆ ଭାରତ ଫାଉଣ୍ଡେଶନର ସିଇଓ ଅଶୋକ କୁମାର ଗୁପ୍ତା ଏହି ସମ୍ମାନ ଗ୍ରହଣ କରିଥିଲେ।

## ଆକ୍ସିସ୍ ବ୍ୟାଙ୍କ- ଆଣ୍ଡା ଏଜୁକେସନ ସହଯୋଗିତା

ଭୁବନେଶ୍ୱର,୨୪।୨(ସମିସ): ଭାରତର ସର୍ବବୃହତ୍ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏହାର ବାଣିଜ୍ୟିକ ବ୍ୟାଙ୍କିଙ୍ଗ ଗ୍ରୁପ୍ (ସିବିଜି) ପାଇଁ ରିଲେସନ୍‌ସିପ୍ ପ୍ରବନ୍ଧକ (ଆର୍‌ଏମ୍)ମାନଙ୍କର ଏକ ନିର୍ଦ୍ଦିଷ୍ଟ କ୍ୟାଡର୍ ଗଠନ କରିବା ପାଇଁ ଏକ ଢ଼ାଞ୍ଚାଗତ ନିଯୁକ୍ତି-ତାଲିମ-ମୂଲ୍ୟାୟନ କାର୍ଯ୍ୟକ୍ରମ ନିମନ୍ତେ ଆଣ୍ଡା ଏଜୁକେସନସହିତସହଯୋଗିତାସ୍ଥାପନକରାଯାଇଛି। ଏହି ଅଭିଯାନ ଜରିଆରେ ବ୍ୟାଙ୍କର ଅନ୍ୟତମ ପ୍ରମୁଖ ଅଗ୍ରାଧିକାର କ୍ଷେତ୍ର ତଥା ଦ୍ରୁତ ଗତିରେ ବଢୁଥିବା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ) ଶାଖାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଏଭଳି ପ୍ରସ୍ତୁତ କରାଯାଇଛି ଯାହା ପାରମ୍ପରିକ ଶିକ୍ଷ ମଡେଲ୍‌ଠାରୁ ଭିନ୍ନ ହୋଇଥିବା ବେଳେ ଏସ୍‌ଏମ୍‌ଇ କ୍ଲାଏଣ୍ଟମାନଙ୍କ ଆବଶ୍ୟକତା ପାଇଁ ଭିନ୍ନ କୌଶଳ ସହ ଆର୍‌ଏମ୍‌ମାନଙ୍କୁ ସଶକ୍ତ କରିବ।


**KANAKALATA CHARITABLE EDUCATIONAL TRUST**
Address: Canal Road, P.O.: Lingaraj Nagar, Jeypore, Dist. Koraput (764002)

**WALK-IN-INTERVIEW**

We are conducting a walk-in interview for qualified and enthusiastic candidates who are passionate about teaching and academic excellence. Applicants with relevant qualifications and good communication skills are invited to attend. Please bring your updated resume, certificates, ID proof, and passport-size photographs. Candidates will undergo on-the-spot screening and interview at the institute on the scheduled date and time.

| Sl.No | Post | Qualification | Experience | No. of posts |
|---|---|---|---|---|
| 1 | Principal, Management Studies<br>Principal, Medical Sciences<br>Principal, +3 Science | P.G. in Commerce/MBA (min. 55%)<br>B.Sc. Nursing (min. 55%)<br>P.G. in Science(any Stream) (min. 55%) | 5 yrs<br>5 yrs<br>5 yrs | 1<br>1<br>1 |
| 2 | Lecturers (BBA) | P.G. in Commerce (min. 55%) | Freshers | 2 |
| 3 | Lecturers (BCA) | M.Sc. Computer Science/MCA (min. 55%) | Freshers | 2 |
| 4 | Lecturers (ANM/GNM) | B.Sc. Nursing (min. 55%) | Freshers | 2 |
| 5 | Lecturers (Physics) | P.G. in Physics (min. 55%) | Freshers | 2 |
| 6 | Lecturers (Chemistry) | P.G. in Chemistry (min. 55%) | Freshers | 2 |
| 7 | Lecturers (Botany) | P.G. in Botany (min. 55%) | Freshers | 2 |
| 8 | Lecturers (Zoology) | P.G. in Zoology (min. 55%) | Freshers | 2 |
| 9 | Administrative officer | Graduate | 5 yrs | 1 |
| 10 | Data Entry Operator | Graduate with PGDCA | 5 yrs | 1 |
| 11 | Receptionist | Graduate | Freshers | 1 |
| 12 | Office Assistant | +2 | Freshers | 3 |

**Candidates can attend Walk-in-interview between 10:00 AM to 02:00PM on 2nd March, 2026**
Email: kanakalatacharitabletrust@gmail.com | Mob.: 6370864515, 7606840208, 9692445264
CHAIRMAN

25001/242/2526
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION KARANJIA (MAYURBHANJ)**
E-mail ID : eerwkaranjia@yahoo.com
Letter No. 1142 // Date: 24.02.2026
**"e" Procurement Notice for Special Repair to Roads & Bridges and approach road & Periodical Maintenance works for year 2025–26**
**Bid Identification No – RWDKNJ – 20 / 2025–26**

1. Name of the work : Road Works (As per Annexure)
2. Estimated Cost : Rs. 8.47 to Rs. 19.38 Lakhs Approximately (As per Annexure).
3. Class of Contractor : D' & C' Class, (As per Annexure)
4. Period of Completion : As per Annexure
5. Tender Paper Cost : Paper cost of bid as mentioned in Annexure of Road Works.

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E., R.W. Division, Karanjia (Technical & Financial Bid) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ-20/25-26. | Dt. 26.02.2026 at 11.00 A.M. | Dt.05.03.2026 up to 11.00 A.M. | Dt.02.03.2026 up to 1.00 P.M. | Dt.06.03.2026 at 11.00 P.M. |

OIPR-25001/25086/1/25-26/0017
Executive Engineer
R.W. Division, Karanjia

Phone-06842-253708 25001/233/2526
E-mail: rw_phulbani@yahoo.co.in
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
No…1141…..RWDP, Dated the
**Government of Odisha e-Procurement Notice**
**Bid Identification No. Online Tender/20/SERWD PHULBANI/ 2025-26**

| | | | |
|---|---|---|---|
| 1 | Name of the work | :: | Building Works (02No.) |
| 2 | Estimated cost | :: | Rs.4.20 Lakhs |
| 3 | Period of Completion | :: | 15 (Fifteen ) days |
| 4 | Date & Time of availability of Bid documents in the Portal | :: | From 26.02.2026 10.00 AM.to 05.03.2026 Upto 5.00 PM |
| 5 | Last Date/ Time for receipt of Bids in the Portal | :: | 05.03.2026 upto 5.00 PM |
| 6 | Name and address of the Officer Inviting Bid | :: | Superintending Engineer, Rural Works Division, Phulbani |

Further details can be seen from the e-procurement portal website www.tendersodisha.gov.in
*Superintending Engineer*
*Rural Works Division*
*Phulbani*
OIPR-25001/25077/1/25-26/0013

**AFFIDAVIT**
I, **Ashisa Kumar Biswal**, S/o-Rabindra Kumar Biswal, Resident of At-Suthanga, Po/Ps-Khantapada, Dist-Balasore, Pin-756043, Odisha. Declare by this Affidavit No-10684 dt-09/10/2025 that now onwards I Shall be Known as **ASHISH KUMAR BISWAL** for all future purpose.

**AVAILABLE FOR SALE**
(1)Vehicle: TRACTOR – KUBOTA MU 5501, Model - 2022, Regn No.OD-06-K-7544, (2) Vehicle : THREE WHEEL – ALTIGREEN EV, Model - 2024, Regd. No.OD-06-M-8285 IN AS IS WHERE IS CONDITION, Contact: Sundaram Finance Ltd., 1st Floor, Plot No-3071/7712 & 3072 OLD CINEMA HALL LANE DIST-DHENKANAL,759001, PH. NO- 06762-225481, 9437102167 WITHIN 7 WORKING DAYS.

**AFFIDAVIT**
I, **Minoo Singh,** W/o-Sanjay Kumar, resident of Flat No.: 103, Santoshi Cottage-1, Santoshi vihar, Canal Road, PS: Laxmi Sagar, Bhubaneswar-751006, Dist.: Khordha, Odisha, declare by this Affadavit No.-6552, dt.24.02.2026 that now onwards I shall be known as **Minu Singh** for all future purposes.

**AFFIDAVIT**
By virtue of an affidavit sworn before the **Executive Magistrate, Nabarangpur, Vide no- 197, dated. 10.02.2026.** I, SUNADEI NAYAK, W/o-Jadunath Nayak, Permanent Resident of Village - Majhiguda, Po.- Majhiguda, Ps.-Nabarangpur, Dist-Nabarangpur, Odisha, Pin - 764059, declare that I have changed my name from **SUN DEI to SUNADEI NAYAK.** Henceforth, I shall be known as **SUNADEI NAYAK** for all purposes.
**Sd/- Sunadei Nayak**

**ADVERTISEMENT**
Applications are invited from the eligible candidates for the post of (1) Assistant Teacher (DHLS) – 01 no, (2) Computer Teacher – 01 no, (3) Cook-Helper – 01 no in Rankanidhi Blind Deaf and Dumb Vidyalaya functioning (IIC) Shradhalaya Dhamnagar, Bhadrak, PIN – 756117.The last date for receipt of application is **10.03.2026 by 4:00 p.m.** and opening on **11.03.2026 at 11:00 a.m.** Details of the advertisement along with application can be downloaded from the **bhadrak.odisha.gov.in** web portal. The walk-in interview will be conducted for the above post along with skill test for the Computer Teacher on **17.03.2026 at 10:30 a.m.**
Secretary
Rankanidhi Blind, Deaf & Dumb Vidyalaya
Shradhalaya, Dhamnagar

**WANTED**
A well-established firm invites applications for the following positions:
**1. Senior Accountant - (1 No.)**
Experience : 10 yrs. above
**2. Junior Accountant - (1 No.)**
Experience : 2-5 yrs. above
**3. Supervisor - (2 Nos.)**
Experience : 2-5 yrs. above
**4. Sales Executive - (1 No.)**
Experience : 2-5 yrs. above
Salary: Best in the industry | Location : Bhubaneswar
Interested candidates can send their CV to
Email: 19sanatang@gmail.com
Contact 7978386707

**GOVERNMENT OF ODISHA** 10001/80/2526
**Health and Family Welfare Department, Odisha**
**OFFICE OF THE DEAN-PRINCIPAL**
**GOVERNMENT MEDICAL COLLEGE HOSPITAL, PHULBANI, DIST: KANDHAMAL**
**CORRIGENDUM**
Cor-Advt. No.: 02/2026 / Dated: 24/02/2026
In continuation to this Department Tender Call notice No. - 01 **dt: 06.02.2026,** the due date for the receipt of tender documents for providing 01 (one) numbers of Petrol/Diesel Hiring vehicle for use in the **O/O Dean & Principal, GMCH Phulbani** is hereby extended upto **dt: 09.03.2026 (Monday)** till **5 pm** and shall be opened on **Dt: 11.03.2026 (Wednesday) at 11.00 AM** in presence of bidder or authorized representatives. Revised Financial terms and condition for Hiring Vehicles etc. will be available in website **(https://kandhamal.odisha.gov.in.)** The undersigned reserves the right to reject any or all the tender(s) without assigning any reason thereof.
OIPR-10001/10270/1/25-26/0002
Sd/- N. Behera
Dean & Principal
Govt. Medical College & Hospital, Phulbani, Kandhamal

32001/133/2526 **GOVERNMENT OF ODISHA**
**OFFICE OF SUPERINTENDING ENGINEER**
**MINOR IRRIGATION DIVISION, JEYPORE**
**E-mail ID: mijeypore@yahoo.co.in**
**NOTICE INVITING TENDER**
**E-Procurement Notice**
Bid Identification No.: MIDJEY - 22/2025-26
Letter No.: 263 Dt.: 23.02.26
The Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage rate bids in Single/Double cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work: Construction of Check Dam under MATY 3.0 Scheme and MIPSP for the year 2025-26.
2. Total Number of work: **06 (Six) Nos.**
3. Estimated cost: **Approximately Rs. 40.96 to 59.81 lakhs.**
4. Period of completion: **04 (Four) Calendar Months**
5. Class of Contractor: **"B" Class Contractor**
6. Date and time of availability of bid documents in the portal: **From 10.00 A.M of 27.02.2026 to 5.30 P.M of 09.03.2026**
7. Last date / time for receipt of bids in the portal: **5.30 P.M on 09.03.2026**
8. Date of opening of bid: **At 11.00 A.M on 10.03.2026 in website (www.tendersorissa.gov.in)**
9. Submission of Bids: **Online mode**
10. Name of the Officer inviting Bid: **Superintending Engineer, Minor Irrigation Division, Jeypore**
11. Further details can be seen from the Government of Odisha **Website:www.tendersorissa.gov.in**

OIPR-32001/32374/1/25-26/0002
Superintending Engineer
M.I. Division, Jeypore

**WANTED**
A well-established firm invites applications for the following position
**Tele Sales Executive**
**Out Bound Uk process**
Good English Speaking
**Salary: 10k to 20k**
depend upon experience
Interested candidates can send their CV to
**Email: pin24u@gmail.com**
9776245778
7752003261
**Location: Bhubaneswar**

**AFFIDAVIT**
By virtue of an affidavit no. A-031 sworn before the **Notary Public, Ganjam, dated 07.01.2026.** I, Arabind Nayak, resident of Bejuguda, Nabarangpur, Odisha - 764070, hereby declare that I have changed my minor son name from Sidharth Kumar Nayak, DOB- 12.01.2008 to Rajdeep Nayak, DOB-29.11.2009 respectively. Henceforth he will be known as **Rajdeep Nayak** and his correct **date of birth is 29.11.2009** for all purpopses.
**Sd/- Arabind Nayak**

**AFFIDAVIT**
By virtue of an affidavit No-512 before the Executive Magistrate, Chandbali dtd- 29/01/2026 I have changed my name from **Bibhuti Bhushana Sahoo** to **Bibhuti Bhusan Sahoo.** Henceforth, I shall be known as **BIBHUTI BHUSAN SAHOO,** S/o-Krushna Sahu, resident of Village/P.O- Goladia, P.S-Chandbali, Dist- Bhadrak, Odisha for all my future purposes.

**AFFIDAVIT**
By virtue of an affidavit no. 353 sworn before the **Executive Magistrate, Nabarangpur, dated 21.02.2026.**I, Bapuni Subudhi, resident of Khatiguda, Nabarangpur, Odisha - 764085, hereby declare that I have changed the name of my minor daughter from **AUSHARANI SUBUDHI to AISHA SUBUDHI.** Henceforth she will be known as **Aisha Subudhi** for all purposes.
**Sd/- Bapuni Subudhi**

**AFFIDAVIT**
I, Saroj Kumar Dandapat, S/o Harihar Dandapat, At-Kalimandirsahi, Ward No-15, Po-Baripada, Ps-Baripada Town, Dist- Mayurbhanj, Pin-757001, Odisha, declared by this **affidavit no-317 dated 24.02.2026** that now onwards I shall be known as **Saroj Kumar Dandpat**, **S/o- Harihar Dandpat** for all future purposes.
**Saroj Kumar Dandpat**

**AFFIDAVIT**
By virtue of an affidavit sworn before the **Executive Magistrate, Nabarangpur, Vide no- 223, dated. 18.02.2026.** I, NIBEDITA SUNADHAR , D/o- Iswardan Sunadhar, Permanent Resident of Village - Jatabal, Po.- Jatabal, Ps.- Dabugam, Dist- Nabarangpur, Odisha, Pin - 764071, declare that I have changed my name from **NIBEDITA HARIJAN to NIBEDITA SUNADHAR.** Henceforth, I shall be known as **NIBEDITA SUNADHAR** for all purposes.
**Sd/- Nibedita Sunadhar**

**AFFIDAVIT**
By virtue of an affidavit **CF No. 215** sworn before the **Executive Magistrate, Rairakhol, dtd. 17.02.2026.** I, Nilima Rana, D/o-Amarendra Rana, resident of Angapada, Kishorenagar, Angul, Odisha - 759126, hereby declare that I have changed my name from **Lilima Rana to Nilima Rana.** Henceforth I shall be known as **Nilima Rana** for purposes.
**Sd/- Nilima Rana**

**AFFIDAVIT**
By virtue of an affidavit sworn before the **Executive Magistrate, Nabarangpur, Vide no - 227, dated 19.02.2026.** I, RAMADEVI NINGI, W/o - Khageswar Ningi, Permanent Resident of Village - Kumjhar, Po- Sindhigaon, Ps- Nabarangpur, Dist-Nabarangpur, Odisha, Pin - 764059, declare that I have changed the name of my daughter from **DEEPALI NINGI to GAYATRI NINGI.** Henceforth, she shall be known as **GAYATRI NINGI** for all purposes.
**Sd/- Ramadevi Ningi**

**AFFIDAVIT**
By virtue of an Affidavit before Notary Public, Malkangiri, I **Joba Mardi,** aged about 43 Years, W/o.: Sapan Dey, D/o: Kandra Mardi, resident of village: M.V-5, PO.: Chalanguda, P.S./Dist.: Malkangiri, Odisha-764045, declare by this Affidavit No.: 435/2026, Dated: 21/02/2026 that I have changed my name from **Jaba to Joba Mardi.** Henceforth I shall be known as Joba Mardi for all future purposes.

**PUBLIC NOTICE**
My self Sinipini Shyam, S/o-Sinipini Kalia Residance at Plot no- 453/423, IRC Village, Ekamra Villa, Nayapalli, Bhubaneswar. My sale deed document number - 1466 Dated 16/03/1999 In favour of Sini Pini Shyam. And my previous link document no - 11483 Dated-10/11/1989 in favour of Prafula Ku Das. This two sale deed laminated before 20year. This sale deed are original. This sale deed not created any charge mortgage, liens with any financial institute and any Pvt. / Govt. Bank by deposit the original sale deeds. I am going to mortgage this property in SBI RACPC Nayapalli, Bhubaneswar. If any party has any claim towards the said property, the same should be lodged with us and with the above stated SBI Branch within 15 days from the publication date.
Property details: Plot No- 658/3765, Khata No - 453/423, Mouza - Jaydev Vihar (Unit No 16), IRC Village, Near Ekamra Villa, Khurda, Bhubaneswar.

**AFFIDAVIT**
By virtue of an affidavit sworn before the **Executive Magistrate, Nabarangpur, Vide no- 177, dated. 19.02.2026.** I, RITARANI DANDASENA, W/o-Prasanna Majhi, Permanent Resident of Vill- Papadahandi , Po.- Papadahandi, Ps.-Papadahandi, Dist-Nabarangpur, Odisha, Pin - 764071, declare that I have changed my name from **RITA MAJHI to RITARANI DANDASENA.** Henceforth, I shall be known as **RITARANI DANDASENA** for all purposes.
**Sd/- Ritarani Dandasena**

**AFFIDAVIT**
By virtue of an affidavit (CF No.92, dtd- 22/01/2026) sworn before The Executive Magistrate, Bhubaneswar. I, **Ayush Mallick,** S/o- Ayub Mallick, permanent resident of Village: Kalingi, PO: Tajungia, PS: Daringbadi, Dist: Kandhamal, PIN: 762021, Odisha declare that I have changed my name from **Jihosaya Malik** to **Ayush Mallick.** Henceforth, I shall be known as **Ayush Mallick** (new name) for all purposes.
**Ayush Mallick**

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated-23/02/2026. I, **Lalita Yadav** (new name), W/o Murali Chandan, permanent & current resident of AT: Siluan, PO: Marlad, PS: Titilagarh, Dist: Balangir, State: Odisha, PIN: 767066 declare that I have changed my name from **Lipe Chandan to Lalita Yadav.** Henceforth, I shall be known as **Lalita Yadav** (new name) for all future purposes.
**Lalita Yadav**

**AFFIDAVIT**
By virtue of an affidavit sworn before The Notary Public, Nayagarh, date- 19/02/2026. I, **Kuber Pal,** S/o Ramachandra Pradhan, resident of Village: Luharkhani, PO: Koska, PS: Khandapada, Dist: Nayagarh, State: Odisha, PIN: 752093 declare that I have changed my name from **Kuber Pradhan** to **Kuber Pal.** Henceforth, I shall be known as **Kuber Pal** (new name), S/o Ramachandra Pradhan for all purposes.
**Kuber Pal**

**AFFIDAVIT**
I, Jamaluddin Shaik, aged about 37 years, S/o- Shaik Maqsood Alli, resident of At- Begunia, Near Masjid, Po- Jadupur, Dumduma, Ps- Khandagiri, Bhubaneswar, Pin-751019, Odisha do hereby declare by this affidavit No. 382, dtd- 24/02/2026, that now onwards I shall be known as **JAMALUDDIN SHAIKH** for all future purposes.





# ଅଦିନିଆ ବର୍ଷାର ତାଣ୍ଡବ



ଭୁବନେଶ୍ୱର, ୨୪ ।୨(ସମିସ): ଚଳିତ ବର୍ଷର ପ୍ରଥମ ବର୍ଷାରେ ଜଳବନ୍ଦୀ ହୋଇଛି ରାଜଧାନୀ। ରାଜ୍ୟର ବିଭିନ୍ନ ସ୍ଥାନରେ ଗତକାଲି ସନ୍ଧ୍ୟାଠାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରରେ କାଳବୈଶାଖୀ ତାଣ୍ଡବ ରଚିଛି। ଅପରାହ୍ଣରେ ପ୍ରବଳ ଘଡ଼ଘଡ଼ି ସହିତ ବର୍ଷା, ପବନ ଆରମ୍ଭ ହୋଇଥିଲା। ଫଳରେ ବ୍ୟବସାୟୀମାନେ ଘରୁ ବାହାରି ପାରି ନଥିଲେ। ଯେଉଁମାନେ ରାସ୍ତାରେ ଯାଉଥିଲେ ସେମାନେ ମଧ୍ୟ ଛାତ ତଳ ଦେଖି ଅଟକି ଯାଇଥିଲେ। ପ୍ରାୟ ଦେଢ଼ଘଣ୍ଟା ଧରି ପ୍ରବଳ ବର୍ଷା ପବନରେ ଅନେକ ଧନଜୀବନ ନଷ୍ଟ ହୋଇଥିବା ସହ ଅନେକଙ୍କୁ କ୍ଷୟକ୍ଷତି ସହିବାକୁ ପଡ଼ିଛି। ମଙ୍ଗଳବାର ଅପରାହ୍ଣରେ ଅଚାନକ ପାଗ ପରିବର୍ତ୍ତନ ସହ ଅନ୍ଧାର ଘୋଟି ଯାଇଥିଲା। ପ୍ରବଳ ବର୍ଷା ଯୋଗୁଁ ସହରର ବିଭିନ୍ନ ସ୍ଥାନରେ ଟାହୁଁ ଟାହୁଁ ବର୍ଷା ପାଣି ଭର୍ତ୍ତି ହୋଇଯାଇଥିଲା। ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିବା ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ବିଶେଷକରି ଜନପଥରେ ବର୍ଷାଜଳ ଲହଡି ଭାଙ୍ଗୁଥିବା ଦେଖିବାକୁ ମିଳିଥିଲା। ସେହିପରି ବିଭିନ୍ନ ସ୍ଥାନରେ ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଲହଡ଼ି ଭାଙ୍ଗିବା ସହ କେତେକଙ୍କ ଘର ଭିତରେ ପାଣି ପଶି ଯାଇଥିବା ସୂଚନା ରହିଛି। ରସୁଲଗଡ଼, ପଳାଶୁଣି, ରାଜମହଲ ଓ କଟକ ରୋଡ୍ ଆଦି ଅଞ୍ଚଳରେ ମଧ୍ୟ ବର୍ଷାର ପ୍ରଭାବ ପଡ଼ିଥିଲା। ଦୀର୍ଘ ଦିନର ବ୍ୟବଧାନ ପରେ ବର୍ଷା ହେବାରୁ ସନ୍ଧ୍ୟା ସମୟରେ ଥଣ୍ଡା ପବନ ପ୍ରବାହିତ ହେଉଥିଲା। ପାଗର ଏହି ଅଚାନକ ପରିବର୍ତ୍ତନ ସହରବାସୀଙ୍କୁ ଥଣ୍ଡା ଅନୁଭୂତି ଆଣି ଦେଇଥିବା ବେଳେ କାହାର ସଂସାର ଉଜାଡ଼ି ଦେଇଛି ଝଡ଼ତୋଫାନ। ତେବେ ପୂର୍ବରୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବର୍ଷା ହେବା ନେଇ ସୂଚନା ଦିଆଯାଇଥିଲା।

- ହୋର୍ଡିଂ ପଡ଼ି ୨ ମୃତ, ଅଧ୍ୟାପିକା ଗୁରୁତର
- ଦେଢ଼ ଘଣ୍ଟାର ବର୍ଷାରେ ଜଳାର୍ଣ୍ଣବ ରାସ୍ତାଘାଟ
- ଜନପଥରେ ଲହଡ଼ି ଭାଙ୍ଗିଲା ବର୍ଷା ପାଣି
- ଗଛ ପଡ଼ିଲା; ଅଧିକାଂଶ ଅଞ୍ଚଳର ଅନ୍ଧାର



ମଙ୍ଗଳବାର ଅପରାହ୍ଣରେ ଆରମ୍ଭ ହେଇଥିଲା ଝଡ଼ବର୍ଷା। ବର୍ଷା ଘଡ଼ଘଡ଼ି ସାଙ୍ଗକୁ ପବନର ବେଗ ଏତେ ପ୍ରଖର ଥିଲା ଯେ, ପାତ୍ରପଡ଼ା ଆଇଗିଣିଆ ଦୁର୍ଗାମଣ୍ଡପ ପାଖରେ ରହିଥିବା ଏକ ବଡ଼ ହୋର୍ଡିଂ ଭୁଶୁଡ଼ି ପଡ଼ିଛି। ହୋର୍ଡିଂ ପଡ଼ିଯିବାରୁ ନିକଟସ୍ଥ ୫ରୁ ୬ଟି ଦୋକାନ ଘର ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସହ ୨ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି। ଏଥି ସହିତ ଜଣେ ଅଧ୍ୟାପିକା ଗୁରୁତର ଆହତ ହୋଇଛନ୍ତି। ଏହାସହିତ ସହରର ବିଭିନ୍ନ ଅଞ୍ଚଳରେ ଗଛ, ବିଦ୍ୟୁତ ଖୁଣ୍ଟ ସମେତ ଅନେକ ଲୋକଙ୍କ ଘର ଛପର ଉଡ଼ିଯାଇଛି। ରାଜଧାନୀର ପ୍ରମୁଖ ଅଞ୍ଚଳର ସମେତ ଜାତୀୟ ରାଜପଥରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ରହିଥିଲା। ଅନେକ ଅଞ୍ଚଳ ଅନ୍ଧାରରେ ରହିଥିଲା।

## ପୁରୁଣା ଫଟୋ; ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୪।୨(ସମିସ): ଧୂଳି ଜମିଥିବା ସେ ଧୂସର ଫଟୋ ଆଜି ବି କେତେକଙ୍କ ମନରେ କାଲି ପରି ସତେଜ। ଯେଉଁଠି ସାଇତା ଅଛି ଅନେକ ସ୍ମୃତିର ସ୍ରୋତ। ବାସ୍ତବରେ ଝାଉଁଳି ଝଡି ଯାଇଥିବା ଫୁଲ ପରି କିଛି ମଣିଷ ସେ ଦିନର ଫଟୋରେ ଆଜି ମଧ୍ୟ ଚଳପ୍ରଚଳ। ଯେଉଁମାନେ ହୁଏତ ଆଜି ଆଉ ନାହାନ୍ତି। ଫଟୋ ଚିତ୍ରର ରଙ୍ଗ ବଦଳିଛି, କାଗଜ ବି ଶୁଖିଛି। ଚାଲି ଯାଇଥିବା ସମୟ, ରହିଯାଇଥିବା ଛବି ଓ ସାଇତା ଅତୀତକୁ ମନେ ପକାଇବା ପାଇଁ ଆମର ଅଜିର ଏହି ଉପସ୍ଥାପନା।

ସମାଜିକ ଗଣମାଧ୍ୟମରୁ ଆସିଥିବା ଏହି ଫଟୋଚିତ୍ରଟି କଟକ-ଭୁବନେଶ୍ୱର ରୋଡ୍‌ର ଫଟୋ। ଏହି ଫଟୋ ଚିତ୍ରଟି ୧୯ ୯ ୬ରୁ ୧୯ ୯ ୭ ମସିହା ସମୟର ବୋଲି ଜାଣିବାକୁ ମିଳିଛି। ଯେଉଁଥିରେ ସେ ସମୟର ଅଧିକ ବ୍ୟବହୃତ ହେଉଥିବା ଆମ୍ବାସଡର କାର, ମାରୁତି ଓମନି ଭ୍ୟାନ, ବଜାଜ ସ୍କୁଟର ଆଦି ଗାଡି ଦେଖିବାକୁ ମିଳିଛି। ଯାହା ବର୍ତ୍ତମାନ ସମୟରେ ଦେଖିବା ବିରଳ। ସେ ସମୟର ସିଙ୍ଗଲ ଲେନ ବିଶିଷ୍ଟ ଏ ରାସ୍ତାର ଦୃଶ୍ୟ ହୁଏତ କେତେକଙ୍କ ସ୍ମୃତି ତାଜା କରିବ ନିଶ୍ଚିତ। ତେବେ ସେତେବେଳେ ଯେ, ଯାନବାହାନ ସଂଖ୍ୟା ଯଥେଷ୍ଟ କମ୍ ଥିଲା ଏବଂ ଆଜିର ତୁଳନାରେ ପ୍ରଦୂଷଣ ମାତ୍ର କମ୍ ଥିଲା ଯାହା ଏହି ଫଟୋରୁ ଫଟୋରୁ ସମ୍ୟକ ସୂଚନା ମିଳୁଛି।

### ଉଦ୍‌ଯାପିତ ହେଲା କଳିଙ୍ଗ ନାଟ୍ୟ ମହୋତ୍ସବ

# ‘ଶତାବ୍ଦୀର କଳାକାର ସମ୍ମାନ’ ପ୍ରଦାନ

ଭୁବନେଶ୍ୱର, ୨୪ ।୨(ସମିସ): ଶତାବ୍ଦୀର କଳାକାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବର ସୋମବାର ସନ୍ଧ୍ୟାରେ ୨ଟି ଭାଷାର ଦୁଇଟି ନାଟକ ପରିବେଷିତ ହୋଇଥିଲା। ପ୍ରଥମେ ପଶ୍ଚିମବଙ୍ଗର ଦମ୍‌ଦମ୍ ଶବ୍ଦମୁଦ୍ର ନାଟ୍ୟକେନ୍ଦ୍ର ପକ୍ଷରୁ ରାକେଶ ଘୋଷଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ‘ମାୟା ମୃଦଙ୍ଗ’ ମଞ୍ଚସ୍ଥ ହୋଇଥିଲା। ଏହା ପରେ ଝାଡ଼ଖଣ୍ଡର ମାସୁମ୍ ଆର୍ଟ ଗ୍ରୁପ ପକ୍ଷରୁ ସୈକତ୍ ଚଟୋପାଧ୍ୟାୟଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ‘ସନ୍ଧ୍ୟା ତାରା’ ମଞ୍ଚସ୍ଥ ହୋଇଥିଲା। ଏହି ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ସଙ୍ଗୀତକାର ଲକ୍ଷ୍ମୀକାନ୍ତ ପାଲିତ ଯୋଗ ଦେଇଥିଲେ। ଏହି ଅବସରରେ ନୃତ୍ୟଗୁରୁ ବିରଞ୍ଚି ଦାସ, ରଞ୍ଜନା ନାୟକ ଓ ପ୍ରଶାନ୍ତ ପାଇକରାୟଙ୍କୁ ‘ଶତାବ୍ଦୀର କଳାକାର ସମ୍ମାନ’ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଧୀରେନ୍ଦ୍ର ନାଥ ମଲ୍ଲିକ ସଭା ପରିଚାଳନା କରିଥିଲେ। ଏହିପରି ମଙ୍ଗଳବାର ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ ଉଦଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ନାଟ୍ୟକାର ଡ଼. ବିଜୟ ଶତପଥୀ, ଓ ଡ଼. ପ୍ରସନ୍ନ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ କର୍ଣ୍ଣ ଭୁବନେଶ୍ୱର ଉତ୍ତର ପୁରୁଷ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା। ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଏକାମ୍ର ବିଧାୟକ ବାବୁ ସିଂ, ସାମ୍ବାଦିକ ଶ୍ରୀରାମ ଦାସ, ସମ୍ବାଦ ଖବରକାଗଜର ସମ୍ପାଦକ ତନୟା ପଟ୍ଟନାୟକ, ନାଟ୍ୟକାର ଶଙ୍କର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା।




## ୨୭ରେ ମନୋଜ ଦାସ ଜୟନ୍ତୀ



ଭୁବନେଶ୍ୱର, ୨୪।୨(ସମିସ) : ଆସନ୍ତା ୨୭ ତାରିଖ ସନ୍ଧ୍ୟାରେ ଗୀତ ଗୋବିନ୍ଦ ସଦନରେ ଯଶସ୍ୱୀ ଲେଖକ ମନୋଜ ଦାସଙ୍କ ୯୩ତମ ଜୟନ୍ତୀ ଉତ୍ସବ ପାଳନ କରାଯିବ। ମନୋଜ ଦାସ ସ୍ମୃତି ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଭାବେ ଏହି ଜୟନ୍ତୀ ପାଳନ କରିବା ସହିତ ମନୋଜ ଦାସଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରାଯିବ। ସଂସଦର ସଭାପତି ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁଖ୍ୟାତ ସମାଲୋଚକ ଓ କଥାକାର ଡ଼ ଆଦିକନ୍ଦ ସାହୁ, ମୁଖ୍ୟ ବକ୍ତା ଭାବେ କଥାକାର ଯଶୋଧାରା ମିଶ୍ର, ସମ୍ମାନିତ ଅତିଥି ଭାବେ ପବିତ୍ର ମୋହନ ଦାଶ ପ୍ରମୁଖ ଯୋଗ ଦେବେ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତି ହୋଇଛି। ପ୍ରସ୍ତୁତି ବୈଠକରେ ମନୋଜ ଦାସ ସ୍ମୃତି ସଂସଦ ସମ୍ପାଦକ ଗୌତମବୁଦ୍ଧ ଦାସ ଅଧ୍ୟକ୍ଷତା କରିଥିବା ବେଳେ ଉପଦେଷ୍ଟା ରଞ୍ଜିତା ଦାସ, ବିଶିଷ୍ଟ ସାହିତ୍ୟିକ ପବିତ୍ର ମୋହନ କର, ଅମିତାଭ ଖିଲାର, ସଂସଦର କାର୍ଯ୍ୟନିର୍ବାହୀ ସମ୍ପାଦକ ସରୋଜ ବଳ, ସହ ସମ୍ପାଦକ ରାମଜୀବନ ଗୋଛାୟତ, ଚିତ୍ର ଶିଳ୍ପୀ ପଞ୍ଚାନନ ସାମଲ, ଚିନ୍ତାମଣି ବିଶ୍ୱାଳ, ଅଧ୍ୟାପକ ଉତ୍ପଳ ପ୍ରଧାନ, ଅଧ୍ୟାପିକା ଡ଼ ରୋଜା ଘୋଷ, ସମାଜସେବୀ ବେଣୁଧର ବିଶ୍ୱାଳ, ମଣିରାମ ଜେନା, ସାଗରିକା ମହାନ୍ତି, ସାମ୍ବାଦିକ ସାଗର ଦାଶ, ଶୁଭାଙ୍ଗି ମଧୁସ୍ମିତା ବସ୍ତିଆ ପ୍ରମୁଖ ଯୋଗ ଦେଇ ସୁଚିନ୍ତିତ ମତ ପ୍ରଦାନ କରିଥିଲେ।

## ଆମ ବସ୍‌କୁ ଧକ୍କା ଦେଲା ଆମ୍ବୁଲାନ୍ସ; ୩ ଆହତ

ଭୁବନେଶ୍ୱର, ୨୪ ।୨(ସମିସ): ରୁଟ୍ ନମ୍ବର ୨୦ରେ ଚଳାଚଳ କରୁଥିବା ଆମ ବସ୍ ମଙ୍ଗଳବାର ସନ୍ଧ୍ୟା ସମୟରେ ବିଜିପୁର ବସ୍ ଷ୍ଟପେଜ୍, ତମାଣ୍ଡୋ ନିକଟରେ ବସ୍ ଷ୍ଟପେଜ୍‌ରେ ଯାତ୍ରୀ ଚଢ଼ିବା ଓ ଓହ୍ଲାଇବା ପାଇଁ ପାର୍କ୍ କରିଥିଲା ବେଳେ ପଛପଟୁ ଏକ ଆମ୍ବୁଲାନ୍ସ ଧକ୍କା ଦେଇଥିଲା। ଆମ୍ବୁଲାନ୍ସର ସାମ୍ନା ଭାଗ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଭିତରେ ଥିବା ୩ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଆମ ବସ୍ ସଦସ୍ୟମାନେ ପ୍ରାଥମିକ ଚିକିତ୍ସା ନିମନ୍ତେ ସରକାରୀ ଅମ୍ବୁଲାନ୍ସ ସହିତ ଯୋଗାଯୋଗ କରିଥିଲେ। ଆହତ ଆମ୍ବୁଲାନ୍ସ ଚାଳକଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ ଏବଂ ଆବଶ୍ୟକ ଆଇନଗତ ପଦକ୍ଷେପ ପାଇଁ ପିସିଆରକୁ ସୂଚିତ କରିବା ସହିତ ମୁଖ୍ୟ କାର୍ଯ୍ୟାଳୟକୁ ସମ୍ପର୍କ କରିଥିଲେ।

## ଚୋରି ଉଦ୍ୟମ କରି ଭଡ଼ାଟିଆ ଗିରଫ

ଭୁବନେଶ୍ୱର, ୨୪।୨ (ସମିସ): ମାଲିକଙ୍କ ଘରୁ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ଭଡ଼ାଟିଆକୁ କାବୁ କରିଛନ୍ତି ଲୋକେ। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସ୍ଥାନୀୟ ବିଜିପୁରରେ ରହୁଥିବା ବାଙ୍କୀ ଥାନା ଓସ୍ତପୁରର ନୀଳମାଧବ ରାଉତ (୩୩)।

ପୁଲିସ ସୂଚନାନୁଯାୟୀ, ଡ଼ା ଜିତେନ୍ଦ୍ର କୁମାର ଦାସଙ୍କର ବିଜିପୁରରେ ନିଜେ ରହୁଥିବା ବେଳେ ନୀଳମାଧବ ସମେତ ଅନ୍ୟ କିଛି ଲୋକଙ୍କୁ ଘରଭଡ଼ା ଦେଇଛନ୍ତି। ଭଗବାନପୁର ଗ୍ରାମର ସୁବାସିଷ ଦାସ ସେଠାରେ କେୟାର ଟେକର ଭାବେ କାମ କରୁଛନ୍ତି। କିଛି ଦିନ ହେବ ଘର ମାଲିକ ଶ୍ରୀ ଦାସ କୌଣସି କାମରେ ବାହାରକୁ ଯାଇଛନ୍ତି। ନୀଳମାଧବ ଗତକାଲି ରାତି ପ୍ରାୟ ୩ଟା ବେଳେ ମାଲିକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଘର ତାଲା ଭାଙ୍ଗି ଚୋରି କରିବାକୁ ଉଦ୍ୟମ କରୁଥିଲା। ତାଲା ଭଙ୍ଗିବା ସମୟରେ ଅନ୍ୟ ଭଡାଟିଆ ଓ ପଡ଼ୋଶୀ ଲୋକ ଉଠି ପଡ଼ି ନୀଳମାଧବକୁ କାବୁ କରି ପୁଲିସ ଜିମା ଦେଇଥିଲେ। କେୟାର ଟେକର ଏନେଇ ଶୁଭାଶିଷ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ନୀଳମାଧବଟୁ ଗିରଫ କରିବା ସହ ତା’ ଠାରୁ କଟୁରି, ପ୍ଲାସ୍, ଛେଣି ଓ ହେମଦସ୍ତା ପୁଆ ଜବତ କରିଥିଲା।

## ରୋଟାରୀ ରୟାଲ୍ କପ୍ ଜିତିଲା କଟକ



ଭୁବନେଶ୍ୱର, ୨୪ ।୨ (ସମିସ): ସ୍ଥାନୀୟ ହାଇଟେକ୍ ମେଡିକାଲ କ୍ରିକେଟ୍ ପଡ଼ିଆରେ ରୋଟାରୀ ରୟାଲ୍ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ରୟାଲ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରୋଟାରୀ କ୍ଲବ ଅଫ୍ କଟକ ଚାମ୍ପିଅନ ହୋଇଛି। ଫାଇନାଲରେ ରୋଟାରୀ କ୍ଲବ ଅଫ୍ ମେଡୋଜକୁ ପରାସ୍ତ କରି କଟକ ରୟାଲ୍ କ୍ଲବ ଟ୍ରଫି ଜିତିଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ମନୋଜ ତ୍ରିପାଠୀ ଉଦଘାଟନ କରିଥିଲେ। ଏଥିରେ ମୋଟ୍ ୪ଟି ଦଳ ଭାଗନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ରୋଟାରିଆନ ଅଶ୍ୱିନ କର, ଇନ୍ଦ୍ରଜିତ୍ ସାହୁ, ଶିବବ୍ରତ ଦାସ, ଅନିଲ ସାମଲ, ରୟାଲ କ୍ଲବ ସଭାପତି ଅର୍ଜୁନ ସାହୁ, ସମ୍ପାଦକ ଦୀପକ ସେହଗଲ୍, ବିଶ୍ୱଜିତ୍ ମିଶ୍ର, ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

### ଜନତା ସବୁ ଜାଣନ୍ତି

# ‘ଆମ ବସ୍’ ନା ଯମ ବସ୍

ଭୁବନେଶ୍ୱର, ୨୪।୨(ସମିସ): ସହରରେ ଦିନକୁ ଦିନ ‘ଆମ ବସ୍’ର ଦୌରାତ୍ମ୍ୟ ବଢ଼ି ବଢ଼ି ଚାଲିଛି। ଏଥିସହ ଦୁର୍ଘଟଣା ମଧ୍ୟ ବଢୁଛି। କେଉଁଠି ଲୋକଙ୍କ ଉପରେ ଆମ ବସ୍ ଚଢ଼ିଗଲାଣି ତ ଆଉ କେଉଁଠି ଆମ ବସ୍ ଲୋକଙ୍କୁ ଧକ୍କା ଦେଇ ଲୋକଙ୍କୁ ମାରିଲାଣି। ଏଥିସହିତ ରାସ୍ତା ହେଉ ଅବା ଡ଼ିପୋରେ ଆମ ବସ୍‌ରେ ନିଆଁ ଲାଗିଲାଣି ତ ଆଉ କେଉଁଠି ଖରାପ ହୋଇ ରାସ୍ତାକଡ଼ରେ ଠିଆହେଉଛି। ଫଳରେ ଏହି ବସ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନେ ଦିନକୁ ଦିନ ଅସୁରକ୍ଷିତ ମନେ କରୁଛନ୍ତି। ସ୍ୱଳ୍ପ ଟଙ୍କାରେ ଯାତାୟତ କରିବା ପାଇଁ ସହଜ ହଉଥିବାରୁ ଲୋକମାନେ ଆମ ବସ୍ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ହେଲେ ଦିନକୁ ଦିନ ଆମ ବସ୍‌ର ଦୁର୍ଘଟଣାରେ ଲୋକମାନେ ମୃତ୍ୟୁର ଶିକାର ହେଉଛନ୍ତି ତ ଆଉ କେଉଁଠି ପଙ୍ଗୁ ହୋଇଯାଉଛନ୍ତି। ଯାଦ୍ୱାରା ଲୋକମାନେ ଏହି ଆମ ବସ୍‌କୁ ଯମ ବସ୍ ବୋଲି କହୁଛନ୍ତି।



ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମୋ ବସ୍ ବର୍ତ୍ତମାନ ‘ଆମ ବସ୍’ ଯୋଜନା ଲୋକମାନଙ୍କୁ ବହୁତ ଉପକୃତ ହେଉଥିଲେ। ହେଲେ ବର୍ତ୍ତମାନ ଏହି ଉପକୃତ ଅପକୃତ ହେବାରେ ଲାଗିଛି। ‘ଆମ ବସ’ରେ ଘଟୁଥିବା ଦୁର୍ଘଟଣା ବସ୍ ଚାଳକମାନଙ୍କର ବେପରୁଆ ଗାଡ଼ି ଚଳନା ପାଇଁ ହେଉଛି। ସେମାନଙ୍କୁ ଦିଆଯାଇଥିବା ସମୟସୀମାରେ ପହଞ୍ଚିବା ପାଇଁ ସେମାନେ ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି। ସେମାନଙ୍କର ସମୟସୀମା ବଢ଼ାଇଦିଆଯିବା ସହ ଚାଳକମାନେ ନିଶାଦ୍ରବ୍ୟ ସେବନ କରିଛନ୍ତି କି ନାହିଁ ଏହାକୁ କଡ଼ାକଡ଼ି ଯାଞ୍ଚ କରାଯାଏ, ତେବେ ଦୁର୍ଘଟଣାର ସମ୍ଭାବନା କମିପାରିବ।

-ପଲ୍ଲିଶ୍ରୀ ପ୍ରିତିପୁଷ୍ପା ପାତ୍ର, ସ୍ୱାସ୍ଥ୍ୟ ମିତ୍ର



ଆମ ବସ୍‌ରେ ଯାତାୟତ କରିବା ସାଧାରଣତଃ ସୁରକ୍ଷିତ ରହିଥିଲା। କିନ୍ତୁ ବିଗତ କିଛି ମାସ ମଧ୍ୟରେ ଘଟିଥିବା ଦୁର୍ଘଟଣାମାନଙ୍କୁ ଦେଖି ମନରେ ସଦାସର୍ବଦା ଭୟର ପରିବେଶ ସୃଷ୍ଟି ହେଉଛି। ଏହି ପରିସ୍ଥିତିରେ ଆମ ବସ୍ ଚାଳକ ଓ କଣ୍ଡକ୍ଟରମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ଅତ୍ୟନ୍ତ ଆବଶ୍ୟକ। ଏହା ସହିତ, ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ଡ୍ରାଇଭରମାନଙ୍କ ବିରୁଦ୍ଧରେ ସରକାରଙ୍କ ଦ୍ୱାରା କଡ଼ା ଯାଞ୍ଚ ବ୍ୟବସ୍ଥା କରାଯିବା ଉଚିତ୍। ଏପରି ଅବୈଧ କାର୍ଯ୍ୟ ପାଇଁ କଠୋର ଦଣ୍ଡବିଧାନ ଲାଗୁ କରାଯାଇଥିଲେ ଦୁର୍ଘଟଣା କମିପାରିବ। ଏହିପରି ବସରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପ୍ରତି କଣ୍ଡକ୍ଟରମାନଙ୍କ ବ୍ୟବହାର ସଭ୍ୟ ଓ ଶିଷ୍ଟ ହେବା ଉଚିତ୍। ସମସ୍ତଙ୍କ ସହଯୋଗ ଓ ସଚେତନତା ଦ୍ୱାରା ଯାତ୍ରାକୁ ଆହୁରି ସୁରକ୍ଷିତ ଓ ସୁଖଦ କରିପାରିବା।

-ସତ୍ୟଜିତ୍ ପଣ୍ଡା, ଏମ୍‌ବିଏ ଛାତ୍ର



-ଦିନଥିଲା ଅଳ୍ପ ଟଙ୍କାରେ ସବୁ ସ୍ଥାନକୁ ଯାଇ ହେଉଥିବାରୁ ଆମ ବସ୍ ସମସ୍ତଙ୍କ ପ୍ରିୟ ହୋଇଥିଲା। ଏବେବି ଏହି ବସ୍‌ରେ ପାସ୍ ସୁବିଧା ସହ ଆପ୍‌ରେ ମଧ୍ୟ ଟିକେଟ୍ ସୁବିଧା ହୋଇଗଲାଣି। ବସ୍ ଭିତରେ ସୁବିଧା ରହିଥିଲେ ମଧ୍ୟ ବସ୍‌କୁ ବାହାରୁ ଦେଖି ଅସୁରକ୍ଷିତ ମନେ ହେଉଛି। ହେଲେ ଏବେ ପ୍ରତି ମାସରେ ଆମ ବସ୍‌ର ଛୋଟ ବଡ଼ ଦୁର୍ଘଟଣା ଦେଖି ମନରେ ଛନକା ବହୁତ ରହିଛି। ଆମ ବସ୍‌ରେ କେଉଁଆଡ଼େ ଯିବା ପାଇଁ ହେଲେ ଶହେଥର ଭାବିବାକୁ ପଡୁଛି।

-ରୋଜାଲିନ୍ ପାତ୍ର, ଗୃହିଣୀ



ଆମ ବସ୍‌ରେ ଥିବା ପାସ୍ ସିଷ୍ଟମ ଦ୍ୱାରା ପ୍ରତିଦିନ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅଧିକ ସହଜ ହେଉଛି। ଏଥିସହିତ ବରିଷ୍ଠ ନାଗରିକ, ମହିଳା, ଓ ଭିନ୍ନକ୍ଷମମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ସିଟ୍ ବ୍ୟବସ୍ଥା ରହିଛି। ଏହା ଏକ ଉତ୍ତମ ବ୍ୟବସ୍ଥା ହେଲେ ବର୍ତ୍ତମାନ ପରିସ୍ଥିତିରେ ଆମ ବସ୍‌ର ଦୁର୍ଘଟଣା ସର୍ବସାଧାରଣଙ୍କ ପାଇଁ ଏକ ପ୍ରକାରର ଭୟର ବାତାବରଣ ଦର୍ଶାଉଛି। ହେଲେ ସରକାରୀ ଓ ବିଭାଗୀୟ କ୍ଷେତ୍ରରେ ଏହାର କଡ଼ାକଡ଼ି ଯାଞ୍ଚ ଆବଶ୍ୟକ ରହିଛି। କିନ୍ତୁ ଦୁର୍ଘଟଣାର ଗୋଟେ ଦିନ ପରେ ତତ୍ପରତା ଭେଳିକି ହେଇଯାଉଛି।

-ରଚନା ପଣ୍ଡା, ପିଏମ ଆରୋଗ୍ୟ ମିତ୍ର

ଆମ ବସ୍ ଚାଳକଙ୍କୁ କେବଳ ଲାଇସେନ୍ସ ନୁହେଁ, ବରଂ ମାନସିକ ସ୍ୱାସ୍ଥ୍ୟ ଏବଂ ସଂଯମତା ପାଇଁ ନିୟମିତ ପ୍ରଶିକ୍ଷଣ ଦିଆଯିବା ସହ ପ୍ରତି ଯାତ୍ରା ପୂର୍ବରୁ ବ୍ରେକ୍, ଲାଇଟ୍ ଏବଂ ଟାୟାରର ଅବସ୍ଥା ଯାଞ୍ଚ କରିବା ବାଧ୍ୟତାମୂଳକ ହେଉ। ସମସ୍ତ ବସରେ ବେଗ ନିୟନ୍ତ୍ରଣ ଯନ୍ତ୍ରକୁ ସକ୍ରିୟ ରଖାଯାଉ। ଚାଳକ ମଦ୍ୟପାନ କରିଥିଲେ ବା ମୋବାଇଲ୍ ବ୍ୟବହାର କଲେ ଯାତ୍ରୀମାନେ ଏକାଠି ହୋଇ ପ୍ରତିବାଦ କରନ୍ତୁ। ବସରେ ଜିପିଏସ ଏବଂ ସିସିଟିଭି କ୍ୟାମେରା ଲଗାଇବା ଦ୍ୱାରା ଚାଳକଙ୍କ ଗତିବିଧି ଉପରେ ନଜର ରଖାଯାଇପାରିବ। ନିରାପଦ ଯାତ୍ରା ଆମର ଅଧିକାର, କିନ୍ତୁ ଏଥିପାଇଁ ସଚେତନତା ଆମର କର୍ତ୍ତବ୍ୟ।



-କୃଷ୍ଣଚନ୍ଦ୍ର ସାହୁ, ଛାତ୍ର



ଆମ ବସରେ ଯାତ୍ରା ଏବେ ଅସୁରକ୍ଷିତ ହୋଇପଡ଼ିଛି। ବିଶେଷ କରି ବସ ଚାଳକଙ୍କ ଅସାବଧାନତା, ରାସ୍ତା ସ୍ଥିତି ଖରାପ ପାଇଁ ବସ୍ ଦୁର୍ଘଟଣା ଘଟୁଛି। ବିଭାଗୀୟ କ୍ଷେତ୍ରରେ ବସ୍ ଦୁର୍ଘଟଣା କମାଇବା ପାଇଁ ଯାହା ପଦକ୍ଷେପ ନିଆଯାଉଛି ଏହାକୁ ସଠିକ୍ ଭାବରେ ପରିଚାଳନା କରାଯିବା ଆବଶ୍ୟକ। ଏଥିସହିତ ଚାଳକମାନଙ୍କୁ ଯଥେଷ୍ଟ ଟ୍ରେନିଂର ଆବଶ୍ୟକତା ରହିଛି।

-ଲିଜାରାଣୀ ସାହୁ, କଷ୍ଟ ଆକାଉଣ୍ଟାଟ୍



ସବୁ ଆମ ବସ୍ ଦୁର୍ଘଟଣା ପାଇଁ କେବଳ ଡ୍ରାଇଭରଙ୍କୁ ଦୋଷ ଦେବା ଠିକ୍ ନୁହେଁ। ଲୋକେ ଡ୍ରାଇଭ କରୁଥିବା ବେଳେ ମୋବାଇଲ୍ ବ୍ୟବହାର, ଅସଚେତନ ପଦଚାରୀ, ଖରାପ ରାସ୍ତା ପରିସ୍ଥିତି ଓ ଅନ୍ୟ ଗାଡ଼ିଚାଳକଙ୍କ ଅନୁଶାସନ ଅଭାବ ଏହି ସମସ୍ତ କାରଣ ମିଶି ଦୁର୍ଘଟଣା ମଧ୍ୟ ଘଟିଥାଏ। ଦୁର୍ଘଟଣା ରୋକିବା ପାଇଁ ଡ୍ରାଇଭରମାନଙ୍କ ପାଇଁ ନିୟମିତ ରିଫ୍ରେଶର ଟ୍ରେନିଂ ସହ କଠୋର ଜରିମାନା, ସଠିକ୍ ସିଗ୍ନାଲ୍ ବ୍ୟବସ୍ଥା ଓ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ଅଭିଯାନ କରିବା ଦରକାର। ସୁରକ୍ଷିତ ଯାତ୍ରା କେବଳ ସରକାର କିମ୍ବା ପରିଚାଳନା କମ୍ପାନୀର ଦାୟିତ୍ୱ ନୁହେଁ ଏହା ପ୍ରତ୍ୟେକ ଡ୍ରାଇଭର, ଯାତ୍ରୀ ଓ ପଦଚାରୀଙ୍କ ସଚେତନତା ଏହାର ମୂଳ ଆଧାର।

-ପ୍ରଶ୍ମିତ କୁମାର ଗୁରୁ, ସିଏମଏ ଛାତ୍ର



### ଟେରାକୋଟା କୃତି ପ୍ରସ୍ତୁତିରେ ବିଶ୍ୱ ରେକର୍ଡ

# ଘଣ୍ଟାକରେ ୩୧୦ଟି ଗ୍ଲାସ୍ ତିଆରି କଲେ ସେବକ

ଭୁବନେଶ୍ୱର, ୨୪।୨(ସମିସ): ଟେରାକୋଟା କୃତି ପ୍ରସ୍ତୁତିରେ ବିଶ୍ୱ ରେକର୍ଡ କରିଛି ଓଡ଼ିଶା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ଭବ୍ୟ ଟେରାକୋଟା କୃତି ପ୍ରସ୍ତୁତି ପ୍ରତିଯୋଗିତାରେ ଦୁଇଟି ନୂଆ କୀର୍ତ୍ତିମାନ 'ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍' ଲିପିବଦ୍ଧ ହୋଇଛି। ଏକକାଳୀନ ୧୦୦୦ ମୃତ୍ତିକା ଶିଳ୍ପୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସର୍ବାଧିକ ପ୍ରତିଯୋଗୀ ବର୍ଗରେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ସେହିପରି ପୂର୍ବ ରେକର୍ଡକୁ ଭାଙ୍ଗି ୭ ଜଣ ମୃତ୍ତିକା କାରିଗର ନୂଆ ରେକର୍ଡ ସୃଷ୍ଟି କରିଛନ୍ତି।

ସ୍ଥାନୀୟ କଳାଭୂମିଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ବରଗଡ଼ର ଟେରାକୋଟା ହସ୍ତଶିଳ୍ପୀ ସେବକ ରଣା ଏକ ଘଣ୍ଟା ମଧ୍ୟରେ ୩୧୦ଟି ଗ୍ଲାସ୍ ପ୍ରସ୍ତୁତ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ନୟାଗଡ଼ର ମାଧବ ମୁଦୁଲି, ବଲାଙ୍ଗୀରର ଥାନ ସୁନ୍ଦର ରଣା, ବାଲେଶ୍ୱରର ରମେଶ ଚନ୍ଦ୍ର ମୁଦୁଲି, ଅନୁଗୁଳର ବିଜୟ ବେହେରା, ବଲାଙ୍ଗୀରର ବସନ୍ତ ରଣା, କେନ୍ଦ୍ରାପଡ଼ାର ମକର କେତନ ସାହୁ ମଧ୍ୟ ମାଟି ପାତ୍ର ପ୍ରସ୍ତୁତ କରି ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।



ସୂଚନା ଅନୁସାରେ, ଏହା ପୂର୍ବରୁ ଆମେରିକାର ମାଇକେଲ୍ ୱେବର୍ ଏକ ଘଣ୍ଟା ସମୟ ମଧ୍ୟରେ ୨୧୨ଟି ମାଟି ପାତ୍ର ପ୍ରସ୍ତୁତ କରି 'ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍'ରେ ସ୍ଥାନ ପାଇଥିଲେ। ଓଡ଼ିଶାର ୭ ଜଣ ଟେରାକୋଟା ହସ୍ତଶିଳ୍ପୀ ଆଜି ଏହି ରେକର୍ଡକୁ ଭାଙ୍ଗିଛନ୍ତି। ଏହି ପ୍ରତିଯୋଗିତାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉଦଘାଟନ କରି କହିଥିଲେ, ଟେରାକୋଟା ଏବଂ କୁମ୍ଭାର ଶିଳ୍ପ ଆମ ସମୃଦ୍ଧ ହସ୍ତଶିଳ୍ପର ପରିଚୟ। ଟେରାକୋଟା ଶିଳ୍ପୀମାନେ ଆମ ଐତିହ୍ୟର ବାର୍ତ୍ତାବହ ବୋଲି କହିବା ସହ ପ୍ରତିଯୋଗିତା ପରେ ରେକର୍ଡ ସୃଷ୍ଟି କରିଥିବା ଟେରାକୋଟା ହସ୍ତଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଭୋକାଲ ଫର ଲୋକାଲ୍ ମାଧ୍ୟମରେ ସ୍ୱଦେଶୀ ହସ୍ତଶିଳ୍ପ ଓ ଟେରାକୋଟା ହସ୍ତଶିଳ୍ପର ପ୍ରଚାର ପ୍ରସାର ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ବିଭାଗୀୟ ଶାସନ ସଚିବ ଗୁହା ପୁନମ ତାପସ କୁମାର ସୂଚନା ଦେଇଥିଲେ।

## ବିଧାନସଭା ପରିସରରେ କାନ୍ତକବିଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୪।୨(ସମିସ): କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସ ଅବସରରେ ମଙ୍ଗଳବାର ବିଧାନସଭା ପାର୍ଶ୍ୱରେ ଥିବା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କାନ୍ତକବିଙ୍କ ସ୍ମୃତିଚାରଣ କରିଛନ୍ତି।

## ଟେଟ୍ରା ପ୍ୟାକ୍ ନିଷ୍ପତ୍ତିକୁ ସାମାଜିକ କର୍ମୀଙ୍କ ବିରୋଧ

ଭୁବନେଶ୍ୱର, ୨୪।୨(ସମିସ):ଓଡ଼ିଶା ସରକାରଙ୍କ ଟେଟ୍ରା ପ୍ୟାକ୍ ମଦ ବିକ୍ରି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ବିରୋଧ କରାଯାଉଛି। ମଦକୁ ଟେଟ୍ରା ପ୍ୟାକ୍‌ରେ ବିକ୍ରି କଲେ ଏହା ସାଧାରଣ ପାଣି, ଫଳରସ କିମ୍ବା କ୍ଷୀର ପ୍ୟାକେଟ୍ ଭଳି ଦେଖାଯିବ। ଫଳରେ କୋମଳମତି ଛାତ୍ରଛାତ୍ରୀ ଏବଂ ଯୁବପିଢ଼ି ଏହା ପ୍ରତି ସହଜରେ ଆକର୍ଷିତ ହେବାର ଆଶଙ୍କା ରହିଛି। ଏହାଦ୍ୱାରା ଯୁବ ସମାଜ ପଥଭ୍ରଷ୍ଟ ହେବା ସହ ସମାଜରେ ଅପରାଧିକ ମନୋଭାବ ବୃଦ୍ଧି ପାଇବ ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ କହିଛନ୍ତି।

## ପ୍ରଫେସର୍ ଡାକ୍ତର ମାୟା ନନ୍ଦଙ୍କ ପରଲୋକ



ଭୁବନେଶ୍ୱର, ୨୪।୨(ସମିସ): ରୋଗ ନିଦାନ ବିଜ୍ଞାନୀ ତଥା ପ୍ରଫେସର ଡାକ୍ତର ମାୟା ନନ୍ଦ(୮୫) ଙ୍କର ପରଲୋକ ହୋଇଯାଇଛି। ସେ ଗତ ଏକ ମାସ ଧରି ଶ୍ୱାସଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କର ସୁଦୀର୍ଘ ଓ ଗୌରବମୟ କର୍ମଜୀବନରେ ସେ ଏମକେସିଜି, ଭିମସାର ଏବଂ କଟକ ଏସସିବି ମେଡିକାଲ କଲେଜରେ ପାଥୋଲୋଜି ବିଭାଗର ପ୍ରଫେସର, ବିଭାଗୀୟ ମୁଖ୍ୟ ତଥା କେନ୍ଦ୍ରୀୟ ପରୀକ୍ଷାଗାରର ମୁଖ୍ୟ ଭାବେ ସେବା ପ୍ରଦାନ କରିଥିଲେ। ଏଥିସହ ସେ ଆଇଏମ୍ଏସ ଏବଂ ସମ୍ ହସ୍ପିଟାଲର ପାଥୋଲୋଜି ବିଭାଗ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଦୀର୍ଘ ବର୍ଷ ଧରି ଭାରତୀୟ ପାଥୋଲୋଜିଷ୍ଟ ଏବଂ ମାଇକ୍ରୋବାୟୋଲୋଜିଷ୍ଟ ସଂଘର ଜାତୀୟ କୋଷାଧ୍ୟକ୍ଷା ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଡାକ୍ତର ନନ୍ଦ ହେଉଛନ୍ତି ବିଶିଷ୍ଟ ଶଲ୍ୟ ଚିକିତ୍ସକ ତଥା ସର୍ଜରୀ ବିଭାଗର ପୂର୍ବତନ ପ୍ରଫେସର ସ୍ୱର୍ଗତ ଡାକ୍ତର ବିଜୟ କିଶୋର ରଥଙ୍କ ଧର୍ମପତ୍ନୀ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର ଓ କନ୍ୟା ଉପସ୍ଥିତ ଥିଲେ।

## ଓୟୁଏଟିରେ ଝୋଟ ଓ ସହଯୋଗୀ ତନ୍ତୁ ଶୀର୍ଷକ କର୍ମଶାଳା




ଭୁବନେଶ୍ୱର, ୨୪।୨(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଅଖିଳ ଭାରତୀୟ ନେଟୱର୍କ ପରିଯୋଜନାର ୩୭ତମ ବାର୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଇସିଏଆର (ଫସଲ ବିଜ୍ଞାନ)ର ଉପ-ମହାନିର୍ଦ୍ଦେଶକ ଡ. ଡି.କେ ଯାଦବ ଯୋଗଦେଇ କୃଷି କ୍ଷେତ୍ରରେ ଝୋଟ ଉତ୍ପାଦନ ବୃଦ୍ଧି ଉପରେ ମତ ରଖିଛନ୍ତି। ଅନ୍ୟତମ ଅତିଥି ଭାବେ ଆଇସିଏଆର, କେନ୍ଦ୍ରୀୟ ଜୁଟ୍ ଓ ସହଯୋଗୀ ତନ୍ତୁ ଗବେଷଣା ସଂସ୍ଥାନର ନିର୍ଦ୍ଦେଶକ ଡ. ଜି. କର, ଆଇସିଏଆର–ଜାତୀୟ ପ୍ରାକୃତିକ ତନ୍ତୁ ଇଞ୍ଜିନିୟରିଂ ଓ ପ୍ରଯୁକ୍ତି ସଂସ୍ଥାନ ନିର୍ଦ୍ଦେଶକ ଡ. ଡି.ବି ଶକ୍ୟୱାର, ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର)ର ସହାୟକ ମହାନିର୍ଦ୍ଦେଶକ ଡ. ପି.କେ ଦାଶ, ସହାୟକ ମହାନିର୍ଦ୍ଦେଶକ ଡ. ସଞ୍ଜୀବ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପରିବର୍ତ୍ତିତ ଜଳବାୟୁରେ ଝୋଟ ହେଉଛି ଏକ ଲାଭଦାୟକ ଉତ୍ସ ଓ ଏହା ସହ ଉତ୍ତମ ଗୁଣବତ୍ତା ପରଖି ସରକାରୀ ପ୍ରୋତ୍ସାହନ ବଳରେ ଝୋଟ ଉତ୍ପାଦନ ରାଜ୍ୟରେ ବୃଦ୍ଧି ପାଇପାରିବ ବୋଲି ସଭାପତିତ୍ୱ ଅଭିଭାଷଣରେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। କାର୍ଯ୍ୟକ୍ରମର ସଂଯୋଜକ ସାରିକା ଜେନା ଧନ୍ୟବାଦ ଦେଇଥିଲେ।

## ତ୍ରିମୂର୍ତ୍ତି ଶିବ ଜୟନ୍ତୀ ଓ ସାଧନା କେନ୍ଦ୍ରରେ ବାର୍ଷିକ ଉତ୍ସବ



ବାଲିପାଟଣା, ୨୪।୨(ସମିସ): ପ୍ରଜାପିତା ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାଲିପାଟଣାସ୍ଥିତ ପ୍ରଭୁ ପସନ୍ଦ ଭବନ ଠାରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ଓ ସାଧନା କେନ୍ଦ୍ରର ୩୪ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାଉଣ୍ଟ ଆବୁ ଧାର୍ମିକ ପ୍ରଭାଗର ସଂଯୋଜକ ରାମନାଥ ଭାଇଜୀ ଯୋଗଦେଇଥିଲେ। ଭୁବନେଶ୍ୱର ସବ ଜୋନର ସଞ୍ଚାଳିକା ଗୀତା ଦିଦି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୀତା, ମିନି, ରଶ୍ମୀ, ସୌଭାଗ୍ୟ, କୁନିଙ୍କ ସହିତ ନିରଞ୍ଜନ, ଧରଣୀ, ରମେଶ, ସୁରେନ୍ଦ୍ର ଓ ଥାନା ଏସ ଆଇ ପ୍ରଦୀପ ନାୟକ ଅତିଥି ଭାବେ ମଞ୍ଚାସୀନ ଥିଲେ। ସକାଳେ ବ୍ରହ୍ମାଭାଇ ଭଉଣୀ ମାନେ ବାଲିପାଟଣା ଛକ ଠାରୁ ଏକ ଧର୍ମ ଶୋଭାଯାତ୍ରାରେ ଯାଇ ସାଧନା କେନ୍ଦ୍ର ଠାରେ ପହଞ୍ଚିବା ପରେ ପତାକା ଉତ୍ତୋଳନ କରାଯାଇଥିଲା। ବ୍ରହ୍ମା କୁମାର ବିଜୟ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। କୁନିକୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ।

## କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୪।୨(ସମିସ): କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ୮ମ ପ୍ରତିଷ୍ଠା ଦିବସ ଉପଲକ୍ଷେ ମଙ୍ଗଳବାର ରାଜ୍ୟ ସଂଗ୍ରହାଳୟସ୍ଥିତ କଳିଙ୍ଗ ଆର୍ଟ ଗାଲେରୀ ପରିସରରେ ସୂଚାରୁ ରୂପେ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ ଗୁରୁ ପଦ୍ମ ବିଭୂଷଣ ସୁଦର୍ଶନ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓୟୁଏଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗ ଦେଇଥିଲେ। ଏହି ଅବସରରେ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳସଚିବ ମନସ୍ୱିନୀ ସାହୁ ଉପସ୍ଥିତି ରହି ଓଡ଼ିଶାର ସମସାମୟିକ ଚିତ୍ରକଳା ଓ ଚିତ୍ରଶିଳ୍ପୀଙ୍କ ଉପରେ ବକ୍ତବ୍ୟ ଦେବା ସହ ତିନି ଜଣ ଛାତ୍ରଙ୍କୁ ୧୦, ୦୦୦ ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ। ଏହି ମହାବିଦ୍ୟାଳୟର ଅଧ୍ୟକ୍ଷ ତାରାକାନ୍ତ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଚିତ୍ରା ମିଶ୍ର, ସ୍ୱର୍ଣ୍ଣଲତା ଶତପଥୀ, ଅନିତା ସାହୁ, ଅଧ୍ୟାପକ ମନୋରଞ୍ଜନ ଦାସ ଓ ସୁବ୍ରତ ମହାନ୍ତି କାର୍ଯ୍ୟକ୍ରମଟିକୁ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମଟିକୁ ଶିବନନ୍ଦ ବେହେରା ପରିଚାଳନା କରିଥିବା ବେଳେ କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ସଦସ୍ୟ ବିକାଶ ଚୌଧୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସାମ୍ବାଦିକ ଦିଲୀପ ହାଲି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ କାନ୍ତକବିଙ୍କ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର, ୨୪।୨(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳସଚିବ ଅନାମିକା ଅଧିକାରୀ, ମୁଖ୍ୟବକ୍ତା ଭାବେ କାନ୍ତକବିଙ୍କ ପୌତ୍ର ଗୁରୁକଲ୍ୟାଣ ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା କାନ୍ତକବିଙ୍କ କାଳଜୟୀ କୃତିର ପ୍ରଭାବ ସମ୍ପର୍କରେ ଅବତାରଣା କରିଥିବା ବେଳେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର କାନ୍ତକବିଙ୍କ ସାହିତ୍ୟରେ ହାସ୍ୟରସ କିପରି ଯୁଗୋପଯୋଗୀ ଥିଲା ତାହାର ବର୍ଣ୍ଣନା କରିଥିଲେ। ଏହି ଅବସରରେ ଓଡିଶୀ କଣ୍ଠସଙ୍ଗୀତ ବିଭାଗରଛାତ୍ରୀମାନେଗୁରୁଡ଼. ନୀଳାଦ୍ରିକଲ୍ୟାଣଦାସଙ୍କ ସଂଯୋଜନାରେ କାନ୍ତକବିଙ୍କ ବହୁ ଚର୍ଚ୍ଚିତ ତଥା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ୨ୟ ବର୍ଷର ଛାତ୍ର ପ୍ରଣବ କୁମାର ନାୟକ ସଂଯୋଜନା କରିଥିଲେ।

## ପଟିଆ କଲେଜର ବାର୍ଷିକ ଉତ୍ସବ



ନନ୍ଦନକାନନ, ୨୪।୨(ସମିସ): ପଟିଆରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜର ଆଜି ବାର୍ଷିକ ଉତ୍ସବ ବ୍ଲୁକୁମ ଏଆଇ ୨୦୨୬ ଅନୁଷ୍ଠିତ ହୋଇଯାଇଅଛି। କଲେଜକୁ ୩୬ବର୍ଷ ହୋଇଥିବା ବେଳେ ଆଜି କଲେଜ ପ୍ରାଙ୍ଗଣରେ ଏକ ଭବ୍ୟ ଢଙ୍ଗରେ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଏକ ସଭା କାର୍ଯ୍ୟ ସହ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭା କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି ବରିଷ୍ଠ ନେତା ଗୋଲୋକ ପ୍ରସାଦ ମହାପାତ୍ର, ୩ନମ୍ବର ୱାର୍ଡ କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡ଼ା, ମୁଖ୍ୟବକ୍ତା ଭାବେ ଏବିଭିପି ରାଜ୍ୟ ସଭାପତି ଦେବେଶ ଶଙ୍କର ହୋତା ଯୋଗଦେଇଥିଲେ। ସଭାକାର୍ଯ୍ୟକୁ କଲେଜ ଅଧକ୍ଷ ପ୍ରଶାନ୍ତ ରାଉତ ପରିଚାଳନା କରିଥିଲେ। କଲେଜ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ମାନେ ଏହି ଉତ୍ସବକୁ ସୁନ୍ଦର ଓ ସଫଳ ଆୟୋଜନ କରିଥିଲେ।

## ଚାଇଲ୍ଡ ପ୍ରୋଟେକ୍ସନ୍ ମେଣ୍ଟରସିପ୍ କାର୍ଯ୍ୟକ୍ରମ ଉଦ୍‌ଯାପନୀ ସମାରୋହ

ଭୁବନେଶ୍ୱର, ୨୪।୨(ସମିସ): ଶିଶୁ ସୁରକ୍ଷା କାର୍ଯ୍ୟ କେବଳ ପ୍ରତିକ୍ରିୟାଶୀଳ ନୁହେଁ, ବରଂ ସକ୍ରିୟ ଓ ପ୍ରତିରୋଧକ ହେବା ଆବଶ୍ୟକ ବୋଲି ଓଡ଼ିଶା ହାଇକୋର୍ଟର ନ୍ୟାୟମୂର୍ତ୍ତି ସାବିତ୍ରୀ ରଥୋ କହିଛନ୍ତି। ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ ଓଡ଼ିଶା, କଟକରେ ୟୁନିସେଫ୍ ସହଯୋଗରେ କେନ୍ଦ୍ର ଫର୍ ଚାଇଲ୍ଡ ରାଇଟ୍ସ ଦ୍ୱାରା ଆୟୋଜିତ ଚାଇଲ୍ଡ ପ୍ରୋଟେକ୍ସନ୍ ମେଣ୍ଟରସିପ୍ (ସିପିଏମ୍‌ପି) କାର୍ଯ୍ୟକ୍ରମ ଉଦଯାପନୀ ସମାରୋହରେ ନ୍ୟାୟମୂର୍ତ୍ତି ସାବିତ୍ରୀ ରଥୋଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୬୩ ଜଣ ଫ୍ରଣ୍ଟଲାଇନ୍ କର୍ମୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୪ମାସ ଧରି ଅନୁଷ୍ଠିତ ହେଉଥିବା ଅନଲାଇନ୍ ମେଣ୍ଟରସିପ୍ କାର୍ଯ୍ୟକ୍ରମରେ ୩୨ଟି ଅଧିବେଶନ ହୋଇଥିଲା। ୟୁନିସେଫ୍‌ର ପ୍ରୋଗ୍ରାମ କନ୍‌ସଲ୍‌ଟାଣ୍ଟ ଅଙ୍କିତ କୁମାର କେଶରୀ, ଏନଏଲୟୁଓର ଡ. ରଶ୍ମିରେଖା ବାଉଗ୍‌ଙ୍କ ନେତୃତ୍ୱ ଆୟୋଜିତ ସମାପନୀ ଉତ୍ସବରେ ଏନଏଲୟୁଓର ପ୍ରଫେସର ବେଦ କୁମାରୀ, ୟୁନିସେଫ୍ ଓଡ଼ିଶାର ଚାଇଲ୍ଡ ପ୍ରୋଟେକ୍ସନ୍ ସ୍ପେଶାଲିଷ୍ଟ ମନ୍ନା ବିଶ୍ୱାସ, ଓଡ଼ିଶା ଷ୍ଟେଟ୍ କମିଶନ ଫର୍ ପ୍ରୋଟେକ୍ସନ୍ ଅଫ୍ ଚାଇଲ୍ଡ ରାଇଟ୍ସର ସଦସ୍ୟା ମନସ୍ମିତା ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ରାଜ୍ୟର ପ୍ରାନ୍ତୀୟ ଅଞ୍ଚଳରେ ବାଲ୍ୟ ବିବାହ, କିଶୋରୀ ଗର୍ଭଧାରଣ, ବିଦ୍ୟାଳୟ ଡ୍ରପଆଉଟ୍ ଓ ଲିଙ୍ଗ ଅନୁପାତ ହ୍ରାସ ଭଳି ସମସ୍ୟାକୁ ଗୁରୁତ୍ୱ ଦେବା ଉପରେ ଆଲୋଚନା କରିଥିଲେ।

## ନିଖିଳ ଓଡ଼ିଶା ସମବାୟ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା

ଭୁବନେଶ୍ୱର, ୨୪।୨(ସମିସ): ନିଖିଳ ଓଡ଼ିଶା ସମବାୟ, କୃଷି ଓ ଗ୍ରାମ୍ୟ ଉନ୍ନୟନ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ସଭାପତି ରଞ୍ଜନ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରାଥମିକ କାର୍ଡ ବ୍ୟାଙ୍କ ମାନଙ୍କରେ କାର୍ଯ୍ୟରତ ଏବଂ ସେବା ନିବୃତ୍ତ କର୍ମଚାରୀମାନଙ୍କର ଦୀର୍ଘ ଦିନର ବକେୟା ପ୍ରାପ୍ୟ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ କରୁଥିବାରୁ ମୁଖ୍ୟମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀଙ୍କୁ ସଭା ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ପରିଶେଷରେ ସଂଘର ପୁରାତନ କମିଟିକୁ ଭଙ୍ଗ କରାଯାଇ ନୂତନ କମିଟି ଗଠନକୁ ସାଧାରଣ ସଭା ମଞ୍ଜୁର କରି ରଞ୍ଜନ ମଙ୍ଗରାଜଙ୍କୁ ପୁନଃ ସଭାପତି ରୂପେ ମନୋନୀତ କରାଯାଇଛି। ଏଥିସହ କ୍ଷୀରୋଦା ମହାନ୍ତିଙ୍କୁ ସାଧାରଣ ସମ୍ପାଦିକା ଏବଂ ଲୋକନାଥ ପାତ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

## ଇଏସ୍‌ଆଇସି ଭୁବନେଶ୍ୱରର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୨୪।୨(ସମିସ): କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି)ର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ତା'ର ୭୫ ତମ ପ୍ରତିଷ୍ଠା ଦିବସ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡା. ବିଜୟ କୁମାର ସୁନ୍ଦରାୟ, ଇଏସଆଇସିର ପୂର୍ବତନ ଏସ୍ଏମ୍ସି ଡା. ଆର୍.କେ ପାଢ଼ୀ, ନାଲକୋ ଅଧ୍ୟକ୍ଷ ମଦନ ମୋହନ ଧଳ, ଓଡ଼ିଶା ରାଜ୍ୟ ନିର୍ମାଣ ମଜଦୁର ମହାସଂଘ ଅଧ୍ୟକ୍ଷ ମନୋଜ ବସନ୍ତରାଇ, ଇଏସଆଇ ସଂଯୁକ୍ତ ନିର୍ଦ୍ଦେଶକ ଜେ.ଜେ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାୟୀ ଅକ୍ଷମତା ଲାଭ ପ୍ରାପ୍ତକର୍ତ୍ତା, ନିର୍ଭରଶୀଳ ଲାଭ ପ୍ରାପ୍ତକର୍ତ୍ତା, ବୀମାଭୁକ୍ତ ବ୍ୟକ୍ତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତିଷ୍ଠା ଉତ୍ସବର ଅଂଶ ଭାବେ ୧୦ ମାର୍ଚ୍ଚ ପର୍ଯ୍ୟନ୍ତ ଏକ ବିଶେଷ ସେବା ପକ୍ଷ ପାଳନ କରାଯିବ।

# ଦୁର୍ଘଟଣା ବଦଳେଇ ଦେଲା ପରିଚୟ

ଭୁବନେଶ୍ୱର, ୨୪।୨(ସମିସ): ଆଖିରେ ସ୍ୱପ୍ନ ଏବଂ କାନ୍ଧରେ ଦାୟିତ୍ୱ ଧରି ପ୍ରତିଦିନ ସେ ଘରୁ ବାହାରିଯାନ୍ତି ପରିବାରର ଆବଶ୍ୟକତା ପୂରଣ ପାଇଁ। ଦିନ ରାତି ପରିଶ୍ରମ କରି ବାପା, ମା ଏବଂ ଦୁଇ ଭଉଣୀଙ୍କ ପ୍ରତ୍ୟେକ ଇଚ୍ଛା ପୂରଣ କରିବାକୁ ଅହରହ ଚେଷ୍ଟା କରୁଥିଲେ। ସେଦିନ ବି କାମରେ ବାହାରିଥିଲେ। ହେଲେ ହଠାତ୍ ସେ ଦିନର ଦୁର୍ଘଟଣା ତାଙ୍କର ଜୀବନର ସବୁକିଛି ବଦଳେଇ ଦେଇଥିଲା।

### ଅଟକି ଯାଇନାହାନ୍ତି ପ୍ରଦୀପ୍ତ, ପାରାକ୍ରୀଡ଼ାବିତ୍ ଭାବେ ଜିତିଛନ୍ତି ଅନେକ ପଦକ



ଆଖି ପିଛୁଳାକେ ସୁସ୍ଥ ସବଳ ପ୍ରଦୀପ୍ତଙ୍କ ପରିଚୟ ବଦଳିଗଲା। ତଥାପି ସେ ହାର ମାନିନାହାନ୍ତି କି ପଛରେ ଅଟକି ଯାଇ ନାହାନ୍ତି। ଶାରୀରିକ ଅକ୍ଷମତାକୁ ନିଜ ଦୁର୍ବଳତା ନୁହଁ ବରଂ ତାକୁ ହିଁ ଜୀବନର ସତ କରି ଆଗୁକୁ ବଢ଼ିଛନ୍ତି। ଆଉ ନୂଆ ଏକ ପରିଚୟ ଗଢିଛନ୍ତି। ଏ ହେଉଛନ୍ତି ପ୍ରଦୀପ୍ତ କୁମାର ସ୍ୱାଇଁ। ତାଙ୍କ ପ୍ରକୃତ ଘର କଟକ ଜିଲ୍ଲାର ପାଳଦା ଗ୍ରାମରେ ହେଲେ ସେ ଜଣେ ପାରା କ୍ରୀଡାବିତ ହୋଇଥିବାରୁ ଭୁବନେଶ୍ୱରରେ ହିଁ ରହି ଆଭ୍ୟାସ କରିଥାନ୍ତି। ସେ ଦିନର ଦୁର୍ଘଟଣା ବିଷୟରେ କୁହନ୍ତି, ୨୦୧୪ ମସିହା ଜାନୁଆରୀ ୨୦ ତାରିଖ ତାଙ୍କ ପାଇଁ କାଳ ସାଜିଥିଲା। ପ୍ରତିଦିନ ଭଳି ସେ ବ୍ରହ୍ମପୁରଠାରେ ରଙ୍ଗ କାର୍ଯ୍ୟ କରୁଥିଲେ। ହେଲେ ତିନି ମହଲା ଉପରୁକୁ ଚଢିଲା ବେଳେ ହାତ ଖସିଯାଇ ତଳେ ପଡ଼ିଗଲେ। ଫଳରେ ସ୍ପାଇନାଲରେ ମାଡ ହେବା ଯୋଗୁଁ ଶରୀରର ୮୦ ପ୍ରତିଶତ ଅଂଶ ଆଉ କାମ କଲାନି। ଫଳରେ ସେ ପାଖାପାଖି ୧ ବର୍ଷରୁ ଅଧିକ ଦିନ ଯାଏଁ ବିଛଣାରେ ପଡ଼ି ରହିଲେ। ଘରର ଗୋଟିଏ ବୋଲି ପୁଅ ହଠାତ୍ ବିଛଣାରେ ପଡ଼ିଯିବା ପରିବାର ପାଇଁ ଦୁଃଖର ବଡ ପାହାଡ ଭାଙ୍ଗିଗଲାପରି ପରିସ୍ଥିତି ସୃଷ୍ଟି କଲା। ତଥାପି ଘରର ଗୋଟିଏ ପୁଅ ହିସାବରେ ତାଙ୍କ ଉପରେ ଯେଉଁ ଦାୟିତ୍ୱ ଥିଲା ସେଥିରୁ ସେ ଓହରି ଯାଇ ନାହାନ୍ତି। ବରଂ ନିଜକୁ ଆହୁରି ଦୃଢ କରି ଗଢି ତୋଳିଛନ୍ତି। କାରଣ ଘରେ ବାପା, ମା ଓ ଦୁଇ ଭଉଣୀ ପୁରା ପରିବାରର ଆର୍ଥିକ ସ୍ଥିତି ତାଙ୍କ ଉପରେ ହିଁ ନିର୍ଭର ଥିଲା। ସେଥିପାଇଁ ହୁଇଲ ଚେୟାର ମାଧ୍ୟମରେ ଚଳପ୍ରଚଳ କରିବା ସହ ପ୍ରଥମେ ପିଲାଙ୍କୁ ଟିଉସନ କରିବା ଆରମ୍ଭ କରି କିଛି ମାତ୍ରାରେ ପରିବାର ଚଳିବାରେ ସହାୟତା ହେଲା। ପରେ ପରେ ନିଜର ଏକ ଛୋଟ ଦୋକାନ ମଧ୍ୟ କଲେ। ସେଥିରେ ମଧ୍ୟ ସେ ସନ୍ତୁଷ୍ଟ ଅନୁଭବ କଲେନି। ତେଣୁ ଖେଳରେ ରୁଚି ବଢ଼ିବାକୁ ୨୦୨୦ ମସିହାରେ ନିଜ ପାରା କ୍ରୀଡାବିତ୍ ଭାବେ ଯାତ୍ରା ଆରମ୍ଭ କଲେ। ସେ ପାରା ଅଲମ୍ପିକରେ ଜ୍ୟାବଲିନ୍, ସଟପୁଟ ଏବଂ ଡିସକସରେ ରାଜ୍ୟସ୍ତରୀୟ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ଜିତିଛନ୍ତି। ଏଥିସହିତ ଜାତୀୟସ୍ତରରେ ମଧ୍ୟ ଓଡ଼ିଶା ପାଇଁ ଖେଳିଛନ୍ତି। ହେଲେ ଏବେ ସ୍ୱନସରସ୍ୱର ଅଭାବ ଯୋଗୁଁ ଆଗକୁ ବଢ଼ିପାରୁନାହାନ୍ତି। ତେଣୁ ସରକାରୀ କିମ୍ବା କୌଣସି ବେସରକାରୀ ଅନୁଷ୍ଠାନ ପକ୍ଷରୁ କିଛି ସହାୟତା ମିଳିଲେ ସେ ଆଗକୁ ବଢ଼ିପାରିବେ ବୋଲି ସମସ୍ତଙ୍କୁ ନିବେଦନ କରିଛନ୍ତି।

# ୭୨ ଘଣ୍ଟାରେ ଚାଷୀଙ୍କ ଧାନ କିଣନ୍ତୁ ସରକାର: ବିଜେଡି







ଭୁବନେଶ୍ୱର,୨୪ା୨(ସମିସ): ରାଜ୍ୟରେଧାନସଂଗ୍ରହକୁନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥା, ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ଭୁବନେଶ୍ୱରର ଲୋୟର ପିଏମଜିଠାରେ ଏକ ବିଶାଳ ବିକ୍ଷୋଭ ଆୟୋଜନ କରି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି ବିଜେଡି।

ଭୁବନେଶ୍ୱରର ଲୋୟର ପିଏମଜି ଠାରେ ଅନୁଷ୍ଠିତ ସମାବେଶରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୨୫ ହଜାରରୁ ଉର୍ଦ୍ଧ୍ୱ କୃଷକମାନେ ଓ ବିଜେଡି କର୍ମୀ ଯୋଗ ଦେଇଛନ୍ତି। ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାଶ, ଚନ୍ଦ୍ରଶେଖର ସାହୁ, ସଞ୍ଜୟ ଦାସ ବର୍ମା, ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ, ସୁଦାମ ମାରାଣ୍ଡି, ଅତନୁ ସବ୍ୟସାଚୀ ନାୟକ, ପ୍ରଫୁଲ୍ଲ ସାମଲ, ବଦ୍ରି ପାତ୍ର, ନିରଞ୍ଜନ ପୂଜାରୀ, ଅଶୋକ ପଣ୍ଡା, କଳିକେଶ ନାରାୟଣ ସିଂହଦେଓ, ଟୁକୁନି ସାହୁ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ସୁବାସ ସିଂ, ଗଣେଶ୍ୱର ବେହେରା, ଡ. ସସ୍ମିତ ପାତ୍ର, ସୁବାଶିଷ ଖୁଣ୍ଟିଆ, ମୁଜିବୁଲ୍ଲା ଖାନ୍, ସୁଲତା ଦେଓ, ସ୍ନେହାଙ୍ଗିନୀ ଛୁରିଆ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ବିଜୟ ନାୟକ, ଲେନିନ୍ ମହାନ୍ତି, ପ୍ରିୟବ୍ରତ ମାଝୀ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ପ୍ରୀତିରଞ୍ଜନ ଘଡ଼େଇ, ପ୍ରଣବ ବଳବନ୍ତରାୟ, ପ୍ରଦୀପ ମାଝୀ, ଦେବେଶ ଆଚାର୍ଯ୍ୟ, ବ୍ୟୋମକେଶ ରାୟ, ଧ୍ରୁବ ସାହୁ, ଦେବୀ ରଂଜନ ତ୍ରିପାଠୀ, ସାରଦା ପ୍ରସନ୍ନ ଜେନା, ଗୌତମବୁଦ୍ଧ ଦାସ, ବ୍ରଜକିଶୋର ପ୍ରଧାନ, ବିଶ୍ୱ ମଲ୍ଲିକ, ରୂପେଶ ପାଣିଗ୍ରାହୀ, ନଳିନୀକାନ୍ତ ପ୍ରଧାନ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୌଭିକ ବିଶ୍ୱାଳ, ନବକିଶୋର ମଲ୍ଲିକ, ରମାକାନ୍ତ ଭୋଇ, ମାଧବ ଧଡ଼ା, ପ୍ରଶାନ୍ତ ବେହେରା, ସଞ୍ଜୀବ ମଲ୍ଲିକ, ମନୋରମା ମହାନ୍ତି, ସୁବାସିନୀ ଜେନା, ତୁଷାରକାନ୍ତି ବେହେରା, ସୁଜାତା ସାହୁ, ପ୍ରଦୀପ ସାହୁ, ଯୋଗେଶ ସିଂ, ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ରୁଦ୍ର ମହାରଥୀ, ବିଷ୍ଣୁବ୍ରତ ରାଉତରାୟ, ଅଂଶୁମାନ ମହାନ୍ତି, ଅଶ୍ୱିନୀ ପାତ୍ର, ମହେଶ ସାହୁ, ପଦ୍ମନାଭ ବେହେରା, ରୀତା ସାହୁ, ଶ୍ରୀନାଥ ସୋରେନ୍, ଦେବାଶିଷ ପଟ୍ଟନାୟକ, ଲୋପାମୁଦ୍ରା ବକ୍ସିପାତ୍ର, ସୁମିତ୍ରା ଜେନା, ବାସନ୍ତୀ ହେମ୍ବ୍ରମ, ରଂଜିତା ସାହୁ, ପ୍ରଫୁଲ୍ଲ ସିଂ, ମାନସ ମାଡକାମି, ରବି ନନ୍ଦ, ସାନନ୍ଦ ମାରାଣ୍ଡି, ଦେବାଶିଷ ମାରାଣ୍ଡି, ଗଣେଶ୍ୱର ପାତ୍ର, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସୁକାନ୍ତ ନାୟକ, ସ୍ୱରୁପ ଦାସ, ସୁଧାଂଶୁ ଶେଖର ପରିଡ଼ା, ଅବନୀ ରଂଜନ ଜୋଷୀ, ଅଳକା ମହାନ୍ତି, ଆୟୁବ ଖାନ, ସରୋଜ ମେହେର, ମହୀଧର ରଣା, ରଜନୀକାନ୍ତି ସିଂ, ମୁକେଶ ପାଲ, ସୁଶାନ୍ତ କୁମାର ବେହେରା, ଅବିନାଶ ସାମଲ, ସନ୍ଦୀପ ଷଡଙ୍ଗୀ, ସୁଧିର କୁମାର ସାମଲ, ଡ. ନୃସିଂହ ସାହୁ, ବବିତା ପ୍ରଧାନ, ଅର୍ଚ୍ଚନା ପୁହାଣ, ମଂଜୁଳା ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ସୂର୍ଯ୍ୟମଣି ବୈଦ୍ୟ, ବିପ୍ଳବ ପାତ୍ର, ଲତିକା ପ୍ରଧାନ, ଭଗବାନ ଗନ୍ତାୟତ, ଦେବାନନ୍ଦ ମହାପାତ୍ର,ସଂଘମିତ୍ରା ଦଳେଇ,ମୀରା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

■ ଚାରି ମହଲା ଛାତରୁ ପଡ଼ି ମୃତ୍ୟୁ ଘଟଣା

## ଯୁବତୀଙ୍କ ପରିଚୟ ମିଳିଲା

ପାରାଦୀପ, ୨୪।୨ (ସମିସ): ପାରାଦୀପ ତାରିଣୀଗଡ଼ାରେ ଚାରି ମହଲା ଛାତରୁ ପଡି ମହିଳାଙ୍କ ମୃତ୍ୟୁ ଘଟଣାରେ ଆଜି ମହିଳାଙ୍କ ପରିଚୟ ମିଳିଛି। ଏହି ଘଟଣା ଦୁଇଦିନ ହେବ ଆଦର୍ଶ ଥାନା ପୁଲିସ ର ନିଦ ହଜାଇ ଦେଇଥିଲା। ଦିନ ରାତି ଏକାକାର କରି ଘଟଣାର ସତ୍ୟତା ଓ ମହିଳାଙ୍କ ପରିଚୟ ନେଇ ପୁଲିସ ତନାଘନା କରିବା ପରେ ସୁରାକ ମିଳିଥିଲା। ମହିଳା ଜଣଙ୍କ ହେଲେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅଧୀନ ଜୟପୁର କୋଲର ଗ୍ରାମର ଲିଟିଲି ସାହୁ(୨୦)। ଗତ ଶନିବାର ଦିନ ଶାରଳା ମନ୍ଦିର ଯିବାକୁ କହି ଘରୁ ବାହାରି ଆସି ଆଉ ଫେରି ନଥିଲେ। ଘରେ ବହୁ ଖୋଜାଖୋଜି କରିବା ପରେ ଗତକାଲି ସନ୍ଧ୍ୟାରେ ପରିବାରଲୋକେ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ମହିଳାଜଣଙ୍କ ପାରାଦୀପକୁ କାହିଁକି ଆସିଥିଲେ, ତାଙ୍କୁ କିଏ ଆଣିଥିଲା, ସମସ୍ତ ଘଟଣା ଉପରେ ପୁଲିସ ଅଧିକ ତଦନ୍ତ ଆରମ୍ଭ କରିଛି।

## ହାତୀ ଆକ୍ରମଣରେ ଜଣେ ମୃତ

ହିନ୍ଦୋଳ, ୨୪।୨(ସମିସ): ହିନ୍ଦୋଳ ଉପଖଣ୍ଡ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ଗ୍ରାମରେ ହାତୀ ଆକ୍ରମଣରେ ସୋମବାର ରାତିରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଗ୍ରାମର ନିତ୍ୟାନନ୍ଦ ପାତ୍ର (୬୫)। ସୋମବାର ସକାଳେ ଘନ କୁହୁଡ଼ି ହୋଇଥିବାରୁ ନିତ୍ୟାନନ୍ଦଙ୍କ ପତ୍ନୀ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ମାତ୍ର ହାତୀ ଆସିଥିବା ଖବର ପାଇ ପତ୍ନୀଙ୍କୁ ଘରକୁ ସୁରକ୍ଷିତ ଭାବେ ଫେରି ଆସିବାକୁ ଡାକିବା ପାଇଁ ନିତ୍ୟାନନ୍ଦ ପୋଖରୀ ପାଖକୁ ଯାଇଥିଲେ। ଉଭୟ ଫେରୁଥିବା ବେଳେ ସେମାନେ ଏକ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଉଭୟଙ୍କୁ ଆକ୍ରମଣ କରିଥିଲା। ନିତ୍ୟାନନ୍ଦଙ୍କୁ ଶୁଣ୍ଢରେ ଟେକି ଫୋପାଡ଼ି ଦେଇଥିଲା। ଖବର ପାଇ ବନବିଭାଗ କର୍ମଚାରୀ ନିତ୍ୟାନନ୍ଦ ଓ ତାଙ୍କ ପତ୍ନୀଙ୍କୁ ଅନୁଗୋଳ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ମାତ୍ର, ସୋମବାର ବିଳମ୍ବିତ ରାତ୍ରିରେ ଚିକିତ୍ସାଧୀନ ଅବସ୍ଥାରେ ନିତ୍ୟାନନ୍ଦଙ୍କ ମୃତ୍ୟୁ ହୋଇଯାଇଥିଲା। ଅନୁଗୋଳରେ ଶବ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯିବା ସହ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ଏକମାତ୍ର ପୁଅ ରଣଜିତ୍ ପାତ୍ର ମୁଖାଗ୍ନି ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ହରପ୍ରିୟା ସେନାପତି ମୃତକଙ୍କ ପରିବାରକୁ ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ସହାୟତା ରାଶି ଯୋଗାଇ ଦେଇଥିଲେ।

### ଅସହ୍ୟ ହେଲାଣି ମଣ୍ଡି ଯନ୍ତ୍ରଣା

## ମା' ତାରାତାରିଣୀଙ୍କୁ ଦୁଃଖ ଜଣାଇଲେ ଚାଷୀ

ବ୍ରହ୍ମପୁର / ପୁରୁଷୋତ୍ତମପୁର, ୨୪।୨(ସମିସ): ରାଜ୍ୟ ରାଜନୀତିରେ ଗୁରୁତ୍ୱ ବହନ କରୁଥିବା ଗଞ୍ଜାମ ଜିଲ୍ଲା ଚାଷ କ୍ଷେତ୍ରରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ରଖିଛି। କିନ୍ତୁ, ଗତ କିଛି ବର୍ଷ ହେବ ଚାଷୀମାନଙ୍କ ଯନ୍ତ୍ରଣା ଏଠାରେ ଗମ୍ଭୀର ହେବାରେ ଲାଗିଛି। ଧାନକିଣା ସୁରୁଖୁରରେ ଚାଲିଥିବା ଓ ସମସ୍ତ ଚାଷୀଙ୍କ ଧାନ ସଠିକ୍ ଭାବେ କିଣାଯାଉଥିବା ସରକାରୀସ୍ତରରେ କୁହାଯାଉଥିଲେ ହେଁ ବାସ୍ତବତା କିନ୍ତୁ ଅଲଗା। ଏଠାରେ ଚାଷୀଙ୍କ ଗୁହାରି ଶୁଣିବାକୁ କେହି ନାହିଁ। କେବଳ ପ୍ରତିଶ୍ରୁତି ବ୍ୟତୀତ ଅନ୍ୟ ରାହା ପାଉନାହାନ୍ତି ଚାଷୀ। ଏଣୁ ମନରେ ଅକାତ ଦୁଃଖ ରଖି ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କୁ ଜଣାଇଛନ୍ତି ଚାଷୀକୁଳ। ଗୋଟିଏପଟେ ଚାଷୀଙ୍କ ଦୁଃଖ ଓ ସମସ୍ୟା ନେଇ ବିଜୁ ଜନତା ଦଳ ରାଜଧାନୀରେ ଗର୍ଜନ କରିଥିବା ବେଳେ ଅନ୍ୟପଟେ ପୁରୁଷୋତ୍ତମପୁର ବ୍ଲକର ବହୁ ଚାଷୀ ବ୍ଲକ୍ ବିଜେଡି ସଭାପତି ନୀଳମଣି ପଣ୍ଡାଙ୍କ ନେତୃତ୍ୱରେ ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ନିକଟରେ ଦୀପ ଜାଳି ନିଜର ଦୁଃଖ ଜଣାଇଛନ୍ତି।



ସେମାନେ ଅଭିଯୋଗ କରିଛନ୍ତି ଯେ ଖୋଲା ଆକାଶ ତଳେ ଚାଷୀର ଶହଶହ ବସ୍ତା ଧାନ ପଡ଼ି ରହିଥିଲେ ମଧ୍ୟ ଧାନ ଉଠୁନାହିଁ। ଅଧିକାଂଶ ମଣ୍ଡିରେ କଟିନି ଛଟନି ଓ ଦଲାଲରାଜ ଯୋଗୁଁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ମଣ୍ଡିରେ ମିଲରମାନଙ୍କର ରାଜୁତି ଚାଲିଛି। ବିଳମ୍ବ ଯୋଗୁଁ ଟୋକନ୍ ମଧ୍ୟ ଲାପ୍ସ ହୋଇଯାଉଛି। ଏହି ସମସ୍ୟା ନେଇ ବାରମ୍ବାର ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ କେହି କିଛି ଶୁଣିବାର ନାହିଁ।

ସୂଚନାନୁଯାୟୀ, ପୁରୁଷୋତ୍ତମପୁର ବ୍ଲକ୍‌ରେ ୯୯୫୫ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିବା ବେଳେ ୧୦୭୬୧ଟି ଟୋକନରୁ ୮୯୦୨ଟି ଟୋକନରେ ବର୍ତ୍ତମାନ ଧାନ ବିକ୍ରୟ କରିଛନ୍ତି। ଏହି ବ୍ଲକ୍ ପାଇଁ ୩୭,୭୫୧୩ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଅନୁମତି ମିଳିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୨,୧୦୭୬ କ୍ୱିଇଣ୍ଟାଲ ଧାନ ଚାଷୀ ବିକ୍ରୟ କରିଛନ୍ତି। ବ୍ଲକ୍ ଯୋଗାଣ ଅଧିକାରୀ ବର୍ତ୍ତମାନ ଶତକଡା ୮୦ ଭାଗ ଧାନ ମଣ୍ଡିରେ କିଣାଯାଇଥିବା ସୂଚନା ଦେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ବିଜେଡି ନେତା ଅଶୋକ କୁମାର ମହାଙ୍କୁଡ, ଜଗନ୍ନାଥ ସାହୁ ସମେତ ବହୁ ଚାଷୀ ଯୋଗ ଦେଇଥିଲେ।

## ଗହୀରମଥାରେ ଅଲିଭ୍-ରିଡ୍‌ଲେଙ୍କ ଅଣ୍ଡାଦାନ

ରାଜନଗର, ୨୪।୨ (ସମିସ): ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଜନ୍ମସ୍ଥାନ ଗହୀରମଥାରେ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗହୀରମଥାର ଏକକୁଳାନାସୀରେ ୨୮ଟି, ବାବୁବାଲି ବିଚ୍-୨ରେ ୪ଟି, ମାଦଳିରେ ୨ଟି, ପେଣ୍ଠ, ଜଉଡିଆ ଓ ହବାଳିଖଟିରେ ୨୦ଟି ଅଲିଭ୍-ରିଡଲେ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଆଜି ସୁଦ୍ଧା ୫୪କଇଁଛ ଅଣ୍ଡା ଦେଇସାରିଥିବା ସୂଚନା ରହିଛି। ଅଣ୍ଡାଗୁଡ଼ିକୁ ବନ ବିଭାଗ ପକ୍ଷରୁ ସଂଗ୍ରହ କରାଯାଇଥିବା ବେଳେ ହାଚେରିରେ ରଖାଯାଇଛି। ଯେଉଁ ଆକୃତିର ଗାତ ଖୋଳି ଓ ଯେତିକି ଗଭୀର ଗାତ ଖୋଳି କଇଁଛ ଅଣ୍ଡା ଦେଇଛି, ସମାନ ଆକୃତି ଓ ସମାନ ଗଭୀରର ଗାତ ଖୋଳି ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡ଼ିକୁ ରଖାଯାଇ ବାଲି ଘୋଡ଼ାଇ ଦିଆଯାଇଛି। ମାଆ କଇଁଛ ଯେପରି ଭାବେ ଗାତ ଖୋଳି ଅଣ୍ଡା ଦେଇଥିଲା ଓ ଗାତକୁ ବାଲି ଘୋଡ଼ାଇଥିଲା, ଠିକ୍ ସେହିପରି ଭାବେ ବନ ବିଭାଗ



କର୍ମଚାରୀମାନେ ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡ଼ିକୁ ଗାତ ଖୋଳି ରଖିଛନ୍ତି। ସମୁଦ୍ର କୂଳରେ ଲକ୍ଷାଧିକ କଇଁଛ ଭିଡ଼ ଜମାଇବା ସହ ପାଣି ଉପରକୁ ମୁଣ୍ଡ ଟେକିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ପାଗ ଅନୁକୂଳ ସହ କୂଳକୁ ଅଲିଭ୍‌ରିଡ୍‌ଲେ କଇଁଛ ଆସୁଥିବାରୁ ଗଣଅଣ୍ଡାଦାନ ପ୍ରକ୍ରିୟା ଯେକୌଣସି ମୁହୂର୍ତ୍ତରେ ହୋଇପାରେ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

୧୯୭୫ରେ ଗହୀରମଥା ଉପକୂଳରେ ୧୦କିମି ବାଲୁକା ଶଯ୍ୟାରେ ଏହି ବିରଳ ବିଦେଶୀ କଇଁଛଙ୍କ ଗଣଅଣ୍ଡାଦାନ ପ୍ରକ୍ରିୟା ଦୃଷ୍ଟିଗୋଚର ହୋଇଥିଲା। ସେହି ଦିନଠାରୁ ଅଲିଭ-ରିଡଲେ କଇଁଛଙ୍କ ଆଗମନ, ମିଳନ ଓ ଅଣ୍ଡାଦାନ ପ୍ରକ୍ରିୟା ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ପାଇଁ କୌତୂହଳର ବିଷୟହୋଇ ରହିଆସିଛି। ସୁଦୂର ଶ୍ରୀଲଙ୍କାର ଜାଫନା ଉପକୂଳରୁ ହଜାରହଜାର ମାଇଲ ଅତିକ୍ରମ କରି ଓଡ଼ିଶା ଉପକୂଳର ଗହୀରମଥାଠାରେ ଏହି ବିରଳ ପ୍ରଜାତିର ଅଲିଭ୍‌ରିଡ୍‌ଲେ କଇଁଛ ଭିଡ଼ ଜମାଇଥା'ନ୍ତି। ବିଶ୍ୱରେ ଉପଲବ୍ଧ ହେଉଥିବା ସଂଖ୍ୟାର ପ୍ରାୟ ୫୦ ପ୍ରତିଶତ ଗହୀରମଥାରେ ହିଁ ସମାଗମ ହୋଇଥା'ନ୍ତି।

## ପାରାଦୀପ ସମୁଦ୍ର କୂଳରେ ଲାଗିଲା ବିରାଟ ତିମି ମୃତଦେହ

ପାରାଦୀପ, ୨୪।୨ (ସମିସ): ପାରାଦୀପ ଲାଇଟ୍ ହାଉସ ପାଖ ଷଣ୍ଢକୁଦ ନିକଟ ସମୁଦ୍ର କୂଳରେ ଲାଗିଛି ବିରାଟକାୟ ତିମିର ଗଳିତ ମୃତଦେହ। ଆଜି ଅପରାହ୍ଣରେ ଷଣ୍ଢକୁଦ ନିକଟ ସମୁଦ୍ର କୂଳରେ ଏହି ତିମିଟି କୂଳ ପାଖାପାଖି ହେବା ପରେ ଏହାକୁ କିଛି ଲୋକ ଦେଖିଥିଲେ। ଯେହେତୁ ସେଠାରେ ପାଖାପାଖି ବହୁ ମତ୍ସ୍ୟଜୀବୀ ତେଲୁଗୁ ସମ୍ପ୍ରଦାୟର ଲୋକମାନେ ରହୁଛନ୍ତି, ସେମାନେ କୂଳରେ ପହଞ୍ଚି ଦେଖିବା ବେଳକୁ ଏହା ଏକ ମୃତ ତିମି ବୋଲି କହିଥିଲେ। କେଉଁ କାରଣରୁ ତିମିର ମୃତ୍ୟୁ ହୋଇଛି, ତାହା ଜଣାପଡି ନ ଥିଲେ ମଧ୍ୟ କୌଣସି ଜାହାଜରେ ପିଟି ହୋଇ ମରିଥିବା ଅନୁମାନ



କରାଯାଉଛି। ୨୦ ବର୍ଷ ତଳେ ପାରାଦୀପ ସମୁଦ୍ର କୂଳରେ ଏଭଳି ଭାବେ ଏକ ବିରାଟ ତିମି ଲାଗିଥିଲା। ପୁଣି ଦୀର୍ଘ ଦିନ ବ୍ୟବଧାନ ପରେ ଆଜି ଆଉ ଏକ ତିମି କୂଳରେ ଲାଗିଛି। ମୃତ ତିମିଟି ପାଖାପାଖି ୯.୩ ମିଟର ଅର୍ଥାତ୍ ୩୦ ଫୁଟରୁ ଅଧିକ ଲମ୍ବା ହୋଇଥିବା ବେଳେ ଓଜନ ଏକ ଟନ୍‌ରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ତିମି ଦେହରେ କେତେକ ସ୍ଥାନରେ କ୍ଷତ ଚିହ୍ନ ରହିଛି। ତିମି ଦେହରୁ ବାହାରୁଥିବା ଦୁର୍ଗନ୍ଧରୁ ଏହା ପାଖାପାଖି ୧୫ଦିନରୁ ଉର୍ଦ୍ଧ୍ୱ ହେବ ମରିଥିବା ଅନୁମାନ କରାଯାଉଛି। ଖବର ପ୍ରଚାରିତ ହେବା ପରେ ଏହାକୁ ଦେଖିବାକୁ ସମୁଦ୍ର କୂଳରେ ପ୍ରବଳ ଭିଡ଼ ଦେଖାଦେଇଥିଲା।

### ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ। ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ।

**ବୃଷ:** ଭାଇ ଭଉଣୀଙ୍କଠାରୁ ଉପହାର ମିଳିବ। ଧାର କରଜରୁ ଦୂରେଇ ରହିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଲେଖକ ଲେଖିକାଙ୍କୁ ସଫଳତା ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**ମିଥୁନ:** ଶୁଭ ଖବର ପ୍ରାପ୍ତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ନୂଆ ଯୋଜନା ସହ କାର୍ଯ୍ୟ କରିବେ। ସଂଗୀତ କ୍ଷେତ୍ର ପ୍ରତି ରୁଚି ବଢ଼ିବ।

**କର୍କଟ:** ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ। କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ନୂଆ ପରିକଳ୍ପନା ସହ ବ୍ୟବସାୟ ଆରମ୍ଭ କରିବେ। ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମର ଉଚିତ ଫଳ ମିଳିବ। ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ହେବ। ଅଫିସ୍ କାର୍ଯ୍ୟରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୋଗ, ବ୍ୟାୟାମ ପ୍ରତି ଆଗ୍ରହ ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। କଠିନ କାମକୁ ସଫଳତାପୂର୍ବକ ଶେଷ କରିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନ ସୁଖ ପ୍ରାପ୍ତ ହେବ। ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିବେ।

**ବିଛା:** ଯାନବାହନ କିଣିବା ଯୋଗ ଅଛି। ସମାଜରେ ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ।

**ଧନୁ:** କର୍ମଚଞ୍ଚଳ ରହିବେ। ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ। ବୈବାହିକ ଜୀବନ ସୁଖମୟ ହେବ।

**ମକର:** ଧାର କରଜରୁ ଦୂରେଇ ରହିବେ। ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ଘରକୁ ଅତିଥିଙ୍କ ଆଗମନ ହେବ। ଦୀର୍ଘଦିନର କାମ ପୂରା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ଯାନବାହନ ଚଳାଚଳ ସମୟରେ ସାବଧାନତା ଅବଲମ୍ବନ କରିବେ। ସମସ୍ୟାରେ ପଡ଼ିବା ସମ୍ଭାବନା ଅଧିକ।

**ମୀନ:** ବ୍ୟବସାୟରେ ଉନ୍ନତି ହେବ। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିବେ। ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ। କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ।

## ଅବଶିଷ୍ଟାଂଶ

### ଲୋକେ ସେବା ଚାହାନ୍ତି...

ପ୍ରଚାରରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି, କିନ୍ତୁ ଚାଷୀଙ୍କ ପାଇଁ ସରକାର କୌଣସି ବ୍ୟବସ୍ଥା କରୁନାହାନ୍ତି। ଗତ ୮ ଦିନ ହେଲା ଚାଷୀଙ୍କ ସମସ୍ୟା ପାଇଁ ବିଜେଡି ବିଧାନସଭାରେ ଲଢୁଛି; କିନ୍ତୁ ଏ ସରକାରର ଚାଷୀ ପ୍ରତି ଖାତିର ହିଁ ନାହିଁ ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି।

ନବୀନ ପୁଣି କହିଛନ୍ତି ଯେ ରାଜ୍ୟରେ ଆଇନଶୃଙ୍ଖଳା କଥା ନ କହିବା ଭଲ। ଏ ରାଜ୍ୟରେ କେହିବି ନିରାପଦ ନୁହନ୍ତି। ଚାଷୀ ତାର ହକ ପାଉନି; ମାମାନଙ୍କୁ ସୁରକ୍ଷା ମିଳୁନି। ଯୁବ ସମାଜକୁ ରୋଜଗାର ମିଳୁନି। ସବୁ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେଉଛି। ଏ ସରକାର ଗୋଟିଏ ହେଲେ ବି ପରୀକ୍ଷାକୁ ସଠିକ୍ ଢଙ୍ଗରେ କରିପାରିଲେ ନାହିଁ। ସାଧାରଣ ଲୋକର ଦୁଃଖ ସରୁନଥିବା ବେଳେ ଏ ସରକାର କରୁଛି କଣ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ସରକାରଙ୍କୁ ପରାମର୍ଶ ଦେଇ ନବୀନ କହିଥିଲେ ଯେ ଲୋକଙ୍କୁ ସେବା ଦରକାର, ନେତାଙ୍କ ପ୍ରବଚନ ନୁହେଁ। କାହାଣୀରେ ସରକାର ଚାଲେନି, କାମ ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଏହି ସମାବେଶରେ ୨୫ ହଜାରରୁ ଅଧିକ ଚାଷୀ ତଥା ବିଜେଡି କର୍ମୀ ଯୋଗ ଦେଇଥିଲେ।

### ଭାରତ ଉପରେ...

ଆମେରିକାକୁ ଠକି ଆସିଛନ୍ତି ସେମାନଙ୍କୁ ସତର୍କ ରହିବାକୁ ପଡିବ ବୋଲି ସେ ଚେତାଇ ଦେଇଛନ୍ତି।

ବଜାର ବିଶେଷଜ୍ଞମାନେ କୁହନ୍ତି ଯେ ଟ୍ରମ୍ପଙ୍କ ପୋଷ୍ଟର ସମୟ ଏବଂ ଶବ୍ଦ ଭାରତ ଆଡ଼କୁ ଇଙ୍ଗିତ କରୁଛି। ଟ୍ରମ୍ପଙ୍କ ପୋଷ୍ଟର କିଛି ଘଣ୍ଟା ପୂର୍ବରୁ, ଭାରତୀୟ ପ୍ରତିନିଧିମଣ୍ଡଳ ଆମେରିକା ଗସ୍ତ ସ୍ଥଗିତ ରଖିଥିଲା। ଏହି ପ୍ରତିନିଧିମଣ୍ଡଳ ଚଳିତ ମାସର ପ୍ରାରମ୍ଭରେ ଦୁଇ ଦେଶ ମଧ୍ୟରେ ଘୋଷିତ ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ଆମେରିକା ଯାତ୍ରା କରିବାରଥିଲା। ତଥାପି, ଅଧିକାରୀମାନେ କହିଛନ୍ତି ଯେ ଭାରତ ଦୁଇ ଦେଶ ମଧ୍ୟରେ ସମ୍ପ୍ରତି ଘୋଷିତ ବାଣିଜ୍ୟ ଚୁକ୍ତିରୁ ଓହରି ଯିବାକୁ ଚିନ୍ତା କରୁନାହିଁ। ଟ୍ରମ୍ପ ତାଙ୍କ ପୋଷ୍ଟରେ "ରିପ୍ ଅଫ୍" ଭଳି ଶବ୍ଦ ବ୍ୟବହାର କରିଛନ୍ତି। ସେ ପୂର୍ବରୁ ଭାରତ ବିରୁଦ୍ଧରେ ସମାନ ଶବ୍ଦ ବ୍ୟବହାର କରିଛନ୍ତି, ଅଭିଯୋଗ କରିଛନ୍ତି ଯେ ଭାରତ ଆମେରିକାର ଫାଇଦା ନେଇଛି। ପୂର୍ବତନ ବୈଦେଶିକ ସଚିବ କନୱାଲ ସିବଲ କହିଛନ୍ତି ଯେ ଟ୍ରମ୍ପଙ୍କ ପୋଷ୍ଟ ସ୍ପଷ୍ଟ ଭାବରେ ଭାରତ ପ୍ରତି ଇଙ୍ଗିତ। ସେ ଟ୍ୱିଟ୍ କରିଛନ୍ତି, ଟ୍ରମ୍ପ୍ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ଏକ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ଭାରତକୁ ସନ୍ଦର୍ଭରେ 'ରିପ୍ ଅଫ୍' ଶବ୍ଦ ବ୍ୟବହାର କରିଥିଲେ। ଅପରପକ୍ଷେ ଭାରତ ଏକମାତ୍ର ଦେଶ ନୁହେଁ ଯିଏ ଆମେରିକା ସହିତ ବାଣିଜ୍ୟ ଚୁକ୍ତିକୁ ସ୍ଥଗିତ ରଖିଛି। ୟୁରୋପୀୟ ସଂଘ ମଧ୍ୟ ଆମେରିକା ସହିତ ବାଣିଜ୍ୟ ଚୁକ୍ତିର ଅନୁମୋଦନକୁ ରୋକିଛି। ଗତ ବର୍ଷ ଜୁଲାଇରେ ଉଭୟ ପକ୍ଷ ମଧ୍ୟରେ ଏହି ଚୁକ୍ତି ହୋଇଥିଲା।

ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ୍ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଟ୍ରମ୍ପ୍ ପ୍ରଶାସନକୁ ଦୁର୍ବଳ କରିଛି। ଏହି ଦୁର୍ବଳତାର ସୁଯୋଗ ନେବାକୁ ଅନେକ ଦେଶ ଚେଷ୍ଟା କରିବେ। ଟ୍ରମ୍ପ୍ ପ୍ରଥମେ ଭାରତ ଉପରେ ୫୦% ଟାରିଫ୍ ଶୁଳ୍କ ଲାଗୁ କରିଥିଲେ, ଯାହାକୁ ପରେ ୧୮%କୁ ହ୍ରାସ କରାଯାଇଥିଲା। ତଥାପି, ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ, ଭାରତ ଏବେ ପୁଣି ଥରେ ଆଲୋଚନା କରିବା ସ୍ଥିତିରେ ଅଛି।

### ଦଳ-ସରକାରରେ...

ପ୍ରକ୍ରିୟା ଆରମ୍ଭ ହେବାର ୨-୩ମାସ ମଧ୍ୟରେ ଅର୍ଥାତ୍ ଆଗାମୀ ୬ମାସ ମଧ୍ୟରେ ପଞ୍ଚାୟତ ନିର୍ବାଚନ ହୋଇପାରେ ବୋଲି ଶ୍ରୀ ସାମଲ ସଙ୍କେତ ଦେଇଥିଲେ। ହେଲେ ଏହି ବୟାନ ଗଣମାଧ୍ୟମରେ ଚର୍ଚ୍ଚା ହେବାପରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ପରୋକ୍ଷରେ ଏହି ଆଗୁଆ ନିର୍ବାଚନ ସମ୍ଭାବନାକୁ ଖଣ୍ଡନ କରିଥିଲେ।

### କେରଳରୁ କେରଳମ୍...

ପାଇଁ ପଠାଇବେ। ବିଧାନସଭାର ଏହା ପାରିତ ହେବା ପରେ ସରକାର ସଂସଦରେ ବିଲ୍ ଆଗତ କରିବେ। ସଂସଦରେ ଏହା ପାରିତ ହେଲେ ଆନୁଷ୍ଠାନିକ ଭାବେ ରାଜ୍ୟର ନାମ ପରିବର୍ତ୍ତନ କରି କେରଳମ କରାଯିବ। ସୂଚନା ଅନୁଯାୟୀ, କେରଳ ବିଧାନସଭାରେ ୨୦୨୪ ଜୁନ୍ ୨୪ରେ ଏହି ପାରିତ ହୋଇଥିଲା। ଏହି ପ୍ରସ୍ତାବ ଅନୁଯାୟୀ, ମାଲାୟାଲମ୍ ଭାଷାରେ କେରଳର ପ୍ରକୃତ ନାମ ହେଉଛି କେରଳମ। ହିନ୍ଦୀ ଏବଂ ଅନ୍ୟ ଭାଷାରେ ଏହାକୁ କେରଳ କୁହାଯାଏ। କେରଳ ରାଜ୍ୟର ପରିଚୟ, ଭାଷା, ସଂସ୍କୃତି ଏବଂ ବିକାଶକୁ ଆଗକୁ ବଢ଼ାଇବା ହେଉଛି ଏହି ନାମ ପରିବର୍ତ୍ତନର ଉଦ୍ଦେଶ୍ୟ।

ଅନ୍ୟପଟେ ଏହି ନାମ ପରିବର୍ତ୍ତନ ଉପରେ ପ୍ରତିକ୍ରିୟା ରଖି ବରିଷ୍ଠ କଂଗ୍ରେସ ନେତା ଶଶି ଥରୁର ବାକ ଚାତୁରୀ ସହ ପ୍ରଶ୍ନ ପଚାରିଛନ୍ତି। ଏବେ ଇଂରାଜୀ ଭାଷାଭାଷୀ ଲୋକମାନେ ଏହି ରାଜ୍ୟର ବାସିନ୍ଦାମାନଙ୍କୁ କେଉଁ ନାମରେ ଡାକିବେ? କେରଳାଇଟ୍ ଏବଂ କେରଳାନ୍ ଭଳି ଶବ୍ଦଗୁଡ଼ିକର ଏବେ କ'ଣ ହେବ? କେରଳମାଇଟ୍ ଏକ ଅଣୁଜୀବ ଭଳି ଶୁଣାଯାଉଛି ଏବଂ କେରଳମିଆନ୍ ଏକ ବିରଳ ଖଣିଜ ପଦାର୍ଥ ଭଳି ଲାଗୁଛି! ବୋଧେ ନିର୍ବାଚନୀ ଉତ୍ସାହକୁ ଦେଖି ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ ନୂତନ ଶବ୍ଦଗୁଡ଼ିକ ପାଇଁ ଏକ ପ୍ରତିଯୋଗିତା ଆରମ୍ଭ କରିପାରନ୍ତି ବୋଲି ଥରୁର କଟାକ୍ଷ କରିଛନ୍ତି।

### ପାଚେରି ଭୁଶୁଡ଼ି...

ସେଠାରେ ସନ୍ନ୍ୟାସୀ ଓ ଦୁର୍ଯ୍ୟୋଧନଙ୍କୁ ମୃତ ଘୋଷଣା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଅନ୍ୟ ୩ ମହିଳା ଶ୍ରମିକ ବିକାଶୀ, ଛାୟା ଓ ଉର୍ମିଳାଙ୍କୁ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବଡ଼ଗଡ଼ ଥାନା ପୁଲିସ ଏମ୍‌ଏଲସି ଆଧାରରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ସନ୍ନ୍ୟାସୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଦୁର୍ଯ୍ୟୋଧନଙ୍କ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି।

ସେପଟେ, ଆଜି ଅପରାହ୍ଣରେ କାଳବୈଶାଖୀ ବର୍ଷା ହୋଇଥିଲା। ଜୋର୍‌ରେ ପବନ ବହିବା ସହ ପ୍ରବଳ ବର୍ଷା ହୋଇଥିଲା। ସେହି ସମୟରେ ଶ୍ରମିକ ଟୁନା, ଅଧ୍ୟାପିକା ମୌସୁମୀ ଓ କଲେଜ ଛାତ୍ର ସଚ୍ଚିଦାନନ୍ଦ ଆଇଗିଣିଆ ଦୁର୍ଗାମଣ୍ଡପ ଛକରେ ନିକଟରେ ଛିଡ଼ା ହୋଇଥିଲେ। ଅତ୍ୟଧିକ ବେଗରେ ପବନ ଯୋଗୁଁ ବିଜ୍ଞାପନ ହୋର୍ଡିଂ ଭାଙ୍ଗି ପଡ଼ିଥିଲା। ହୋର୍ଡିଂଟି ପାଖରେ ଥିବା କ୍ୟାବିନ୍ ସହ ଟୁନା, ମୌସୁମୀ ଓ ସଚ୍ଚିଦାନନ୍ଦଙ୍କ ଉପରେ ପଡ଼ିବାରୁ ସେମାନେ ଗୁରୁତର ହୋଇଥିଲେ। ଖବର ପାଇ ଅଗ୍ନିଶମବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଟୁନା ଓ ମୌସୁମୀଙ୍କୁ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଥିଲେ। ହେଲେ, ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଟୁନା ପ୍ରାଣ ହରାଇଥିଲେ। ହୋର୍ଡିଂ ତଳୁ ସଚ୍ଚିଦାନନ୍ଦଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲେ। ଖବର ଲେଖାହେବା ସୁଦ୍ଧା ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ହୋର୍ଡିଂ ତଳେ ଅନ୍ୟ କେହି ଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି।

### ଧୋଇଗଲା ପ୍ରଥମ...

ଦୋଷ ଲଦାଲଦି ହୋଇଥିଲେ। ବିଧାନସଭା ଚଳାଇବା ସହ ଚାଷୀ ସମସ୍ୟାର ସମାଧାନ ପାଇଁ ସରକାରଙ୍କର ଆନ୍ତରିକତା କିମ୍ବା ମାନସିକତା ନାହିଁ ବୋଲି ସିଧାସଳଖ ଅଭିଯୋଗ କରିଥିଲେ ବିରୋଧୀ। ସେହିପରି ଚାଷୀ ପ୍ରସଙ୍ଗରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଥିଲେ ହେଁ ବିରୋଧୀ ଜାଣିଶୁଣି ଗୃହକୁ ଅଚଳ କରୁଛନ୍ତି ବୋଲି ଶାସକ ଦଳ ଅଭିଯୋଗ କରିଥିଲା। ଆସନ୍ତା ମାର୍ଚ୍ଚ ୯ ତାରିଖରୁ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ବିଭିନ୍ନ ବିଭାଗର ଖର୍ଚ୍ଚଦାବୀ ଆଲୋଚନା ସହ ବ୍ୟୟମଞ୍ଜୁରୀ ବିଧେୟକ ମଧ୍ୟ ଆଗତ ହେବ।

## ଟ୍ରମ୍ପ ଭୟଭୀତ; କେତେ ଦିନ ବଞ୍ଚିବି ଜଣାନାହିଁ

ୱାସିଂଟନ, ୨୪।୨ (ଏଜେନ୍ସି): ଅନ୍ୟ ଦେଶରେ ଆକ୍ରମଣ କରି ମୁଖିଆଙ୍କୁ ଉଠାଇ ଆଣୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭୟଭୀତ ହୋଇଯାଇଛନ୍ତି। ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଟ୍ରମ୍ପଙ୍କୁ ମୃତ୍ୟୁ ଭୟ ଘାରୁଛି। କେତେ ଦିନ ପର୍ଯ୍ୟନ୍ତ ଜୀବିତ ରହିବି ତାହା ଜାଣି ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଏବେ ସେ ବହୁତ ଲୋକଙ୍କ ନିଶାଣରେ ଥିବା ଉଲ୍ଲେଖ କରିଛନ୍ତି। ହ୍ୱାଇଟ ହାଉସରେ ସାମ୍ବାଦିକଙ୍କ ସହ ଆଲୋଚନା କରୁଥିବା ସମୟରେ ଟ୍ରମ୍ପ ସୋମବାର ଏହା କହିଥିଲେ। ଟ୍ରମ୍ପଙ୍କ ଏହି ଟିପ୍ପଣୀକୁ ଦୁଇ ଦିନ ତଳେ ତାଙ୍କ ରିସୋର୍ଟରେ ହୋଇଥିବା ଅନୁପ୍ରବେଶ ଉଦ୍ୟମ ସହ ଯୋଡ଼ି ଦେଖାଯାଉଛି।

## ଅପମିଶ୍ରିତ କ୍ଷୀର ପିଇ ୪ ମୃତ

ହାଇଦରାବାଦ, ୨୪।୨ (ଏଜେନ୍ସି): ଆନ୍ଧ୍ରପ୍ରଦେଶ ପୂର୍ବ ଗୋଦାବରୀ ଜିଲ୍ଲାର ରାଜାମହେନ୍ଦ୍ରବରମ ସହରରୁ ଏକ ଜଘନ୍ୟ ମାମଲା ସାମ୍ନାକୁ ଆସିଛି। ଅପମିଶ୍ରିତ କ୍ଷୀର ପିଇ ୪ ଜଣଙ୍କ ମୃତ୍ୟୁହୋଇଛି। ପୁଲିସ ଏବଂ ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ, ସମସ୍ତ ଶିକାର ହୋଇଥିବା ବ୍ୟକ୍ତି ରାଜମହେନ୍ଦ୍ରବରମର ଜଣେ ସ୍ଥାନୀୟ କ୍ଷୀର ବିକ୍ରେତାଙ୍କଠାରୁ କ୍ଷୀର ନେଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଅପମିଶ୍ରିତ କ୍ଷୀର ଯୋଗୁଁ ପୀଡ଼ିତଙ୍କ ପରିସ୍ରା ହୋଇ ନ ଥିଲା। ବୃକକରେ ଗମ୍ଭୀର ସମସ୍ୟା ଦେଖା ଦେଇଥିଲା। ସମ୍ପୃକ୍ତ କ୍ଷୀର ବିକ୍ରେତାଙ୍କୁ ଗିରଫ କରାଯାଇଛି। ଖାଦ୍ୟ ସୁରକ୍ଷା ଟିମ୍ ପ୍ରଭାବିତ ପରିବାରଗୁଡିକରୁ କ୍ଷୀର ଏବଂ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। ପୂର୍ବ ଗୋଦାବରୀ ଜିଲ୍ଲାପାଳ କୀର୍ତ୍ତି ଚେକୁରୀ କହିଛନ୍ତି ଯେ କର୍ତ୍ତୃପକ୍ଷ ଘରକୁ ଘର ବୁଲି ସର୍ଭେ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୭୩ଟି ନମୁନା ସଂଗ୍ରହ କରିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସ୍ଥିତି ସମୀକ୍ଷା କରି ମୃତକଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ନିଆଁ ଲାଗି ୫ ଶିଶୁ ସମେତ ୬ ଜୀବନ୍ତ ଦଗ୍ଧ

ମିରଠ, ୨୪।୨ (ଏଜେନ୍ସି): ଉତ୍ତର ପ୍ରଦେଶ ମିରଠର ପୋଷାକ ବ୍ୟବସାୟୀଙ୍କ ଘରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପରିବାର ୬ ସଦସ୍ୟ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ମୃତକଙ୍କ ମଧ୍ୟରେ ଯାଆଁଳା ଝିଅଙ୍କ ସମେତ ୫ ଶିଶୁ ସାମିଲ ଅଛନ୍ତି। ସୂଚନା ଅନୁଯାୟୀ, ବ୍ୟବସାୟୀ ପିତା ସୋମବାର ସନ୍ଧ୍ୟାରେ ନମାଜ ପଢିବାକୁ ଯାଇଥିବା ବେଳେ ତିନି ମହଲା ବିଶିଷ୍ଟ ଘରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ସେହି ସମୟରେ ଘରେ ମହିଳା ଓ ଶିଶୁଙ୍କ ସମେତ ୧୨ ଜଣ ଥିଲେ। ତଳ ମହଲାରେ ଲାଗିଥିବା ନିଆଁ ଏତେ ଶୀଘ୍ର ବ୍ୟାପିଯାଇଥିଲା ଯେ କାହାକୁ ବାହାରକୁ ସମୟ ମିଳି ନ ଥିଲା। ସମସ୍ତେ ଭିତରେ ଫସି ରହିଥିଲେ। ଏହା ଦେଖି ପଡୋଶୀ ପ୍ରଥମ ମହଲାରେ ଫସି ରହିଥିବା ୫ ଜଣଙ୍କୁ ଉଠା ମାଧ୍ୟମରେ ବାହାର କରିବାରେ ସଫଳ ହୋଇଥିଲେ। ମାତ୍ର ଦ୍ୱିତୀୟ ମହଲାରେ ବ୍ୟବସାୟୀଙ୍କ ପତ୍ନୀ ଏବଂ ୫ ଜଣ ଶିଶୁ ଫସି ରହିଥିଲେ। ନିଆଁ ଏବଂ ଧୂଆଁ ଦେଖି ମହିଳା ଜଣକ ଭୟଭୀତ ହୋଇ ନିଜକୁ ଏକ ରୁମ୍ ଭିତରେ ବନ୍ଦ କରିଦେଇଥିଲେ। କିଛି ସମୟ ପରେ ପୁଲିସ ଏବଂ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିଥିଲେ। ଦ୍ୱିତୀୟ ମହଲାକୁ ଯିବା ପାଇଁ କୌଣସି ରାସ୍ତା ନ ମିଳିବାରୁ ପଡ଼ୋଶୀଙ୍କ କାନ୍ଥ ଭଙ୍ଗାଯାଇଥିଲା। ମାତ୍ର ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା।

## ଆଣ୍ଡାମାନ ସମୁଦ୍ରରେ ଖସି ପଡ଼ିଲା ହେଲିକପ୍ଟର

ଶ୍ରୀବିଜୟପୁରମ, ୨୪।୨ (ଏଜେନ୍ସି): ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ମଙ୍ଗଳବାର ସକାଳେ ଏକ ବଡ଼ ଦୁର୍ଘଟଣା ଘଟିଛି। ଏକ ପବନ ହଂସ ହେଲିକପ୍ଟର ସମୁଦ୍ର ଭିତରେ ଜରୁରୀ ଅବତରଣ କରିଛି। ଏହି ସମୟରେ ହେଲିକପ୍ଟରରେ ୩ ପୁରୁଷ ଏବଂ ୨ ମହିଳା ଯାତ୍ରୀଙ୍କ ସହ ୨ ପାଇଲଟ ଥିଲେ। ଏଥିରେ ସମସ୍ତେ ଆହତ ହୋଇଛନ୍ତି। ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ ପବନ ହଂସ କମ୍ପାନୀର ଏହି ହେଲିକପ୍ଟରଟି ସକାଳ ୮:୩୦ ସମୟରେ ପୋର୍ଟ ବ୍ଲେୟାରରୁ ଆଣ୍ଡାମାନର ମାୟାବନ୍ଦର ଅଭିମୁଖେ ଉଡ଼ାଣ ଭରିଥିଲା। ମାୟାବନ୍ଦରରେ ପହଞ୍ଚିବା ପୂର୍ବରୁ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଏହାପରେ ରନୱେରୁ ମାତ୍ର ୩୦୦ ମିଟର ଦୂରରେ ସମୁଦ୍ର ମଧ୍ୟରେ ହେଲିକପ୍ଟରର କ୍ରାସ୍ ଲ୍ୟାଣ୍ଡିଂ କରାଯାଇଥିଲା। ହେଲିକପ୍ଟର ସେବା ପ୍ରଦାନକାରୀ ସଂସ୍ଥା ପବନ ହଂସର ପ୍ରବକ୍ତା କହିଛନ୍ତି ଯେ ଘଟଣା ପରେ ପୋର୍ଟ ବ୍ଲେୟାରରୁ ଏକ ଉଦ୍ଧାରକାରୀ ହେଲିକପ୍ଟର ପଠାଯାଇଥିଲା। ବର୍ତ୍ତମାନ ଏହି ମାମଲାର ତଦନ୍ତ କରାଯାଉଛି।

### ୬୪ ଦେଶଙ୍କ ସହ ମୈତ୍ରି ଗ୍ରୁପ ଗଢ଼ିଲେ ବାଚସ୍ପତି

## ଅଖିଳେଶଙ୍କୁ ଜାପାନ ଦାୟିତ୍ୱ

ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ଲୋକସଭା ବାଚସ୍ପତି ଓମ ବିର୍ଲା ମଙ୍ଗଳବାର ୬୪ ଦେଶଙ୍କ ସହ ପାର୍ଲିଆମେଣ୍ଟ୍ରି ଫ୍ରେଣ୍ଡସିପ୍ ଗ୍ରୁପ (ପିଏଫଜି) ଗଠନ କରିଛନ୍ତି। ଅନ୍ୟ ଦେଶ ସହ ସଂସଦୀୟ କୂଟନୀତିକୁ ମଜବୁତ ଏବଂ ବିଶ୍ୱ ମଞ୍ଚରେ ଭାରତୀୟ ସଂସଦର ମିଳିତ ସ୍ୱରକୁ ଉପସ୍ଥାପନ କରିବା ଏହାର ଉଦ୍ଦେଶ୍ୟ। ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରନ ରିଜିଜୁ ସାମାଜିକ ଗଣମାଧ୍ୟମରେ କହିଛନ୍ତି ଯେ ଅପରେସନ ସିନ୍ଦୂର ପରେ ଅନ୍ୟ ଦେଶଙ୍କ ସହ ସମ୍ବାଦ ବୃଦ୍ଧି ପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏଫଜି ଗଠନର ପ୍ରସ୍ତାବ ଦେଇଥିଲେ। ୬୪ ଗ୍ରୁପରେ ଲୋକସଭା ଏବଂ ରାଜ୍ୟସଭାର ମୋଟ ୭୦୪ ସାଂସଦ ଅଛନ୍ତି। ପ୍ରତି ଗ୍ରୁପରେ ଜଣେ ନେତା ଏବଂ ୧୦ ସଦସ୍ୟ ରହିଛନ୍ତି। ଏଥିରେ ବିଜେପିର ସର୍ବାଧିକ ୩୦, କଂଗ୍ରେସର ୧୦, ଏସପି, ଡିଏମକେ, ଟିଏମସିର ତିନି ଜଣ ଲେଖାଏଁ ସାଂସଦଙ୍କୁ ଗ୍ରୁପ ନେତା କରାଯାଇଛି। ବିଜେପି ପକ୍ଷରୁ ହେମା ମାଳିନୀ, ମନୋଜ ତିୱାରୀ, ନିଶିକାନ୍ତ ଦୁବେ, କଂଗ୍ରେସରୁ ଶଶୀ ଥରୁର, ଟିଏମସିରୁ ଅଭିଷେକ ବାନାର୍ଜୀ, ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ ଓୱେସି ନେତା ଅଛନ୍ତି। ମାତ୍ର ପିଏଫଜି କେମିତି କାମ କରିବ ତାହାର ସୂଚନା ଦିଆଯାଇ ନାହିଁ। ଏସପି ମୁଖ୍ୟ ଅଖିଳେଶ ଯାଦବଙ୍କୁ ଜାପାନ, ଥରୁରଙ୍କୁ ଫ୍ରାନ୍ସ, ଅଭିଷେକଙ୍କୁ ଆଲଜେରିଆ, ବିଜେଡିର ଡ.ସସ୍ମିତ ପାତ୍ରଙ୍କୁ ଜର୍ଜିଆ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଟ୍ରମ୍ପଙ୍କ ଆମେରିକାରେ ଚୀନ୍ ସାମ୍ରାଜ୍ୟ!

ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିବାରେ ଲାଗିଛନ୍ତି। ଅଧିକ ଅର୍ଥ ଆଶାରେ ବିଶ୍ୱ ଉପରେ ଶୁଳ୍କ ପରେ ଶୁଳ୍କ ଲଗାଇ ଚାଲିଛନ୍ତି। ସୁପ୍ରିମକୋର୍ଟ ବେଆଇନ କହିବା ସତ୍ତ୍ୱେ ବି ଟ୍ରମ୍ପ ଅଟକୁ ନାହାନ୍ତି। ମିତ୍ର ଦେଶକୁ ଶତ୍ରୁ କରି ଚାଲିଛନ୍ତି। ୟୁରୋପୀୟ ରାଷ୍ଟ୍ରଙ୍କ ସହ ଶତ୍ରୁତା ବଢ଼ାଇ ଦେଇଛନ୍ତି। ବନ୍ଧୁକୁ ବଇରୀ କରି ଟ୍ରମ୍ପ ଚାପ ପକାଇ ଚାଲିଛନ୍ତି। ଏପରି ସ୍ଥଳେ ଚୀନ୍ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା ଦେଇଛି। ଶୁଳ୍କ ଏବଂ ଇରାନ ଆଦି ପ୍ରସଙ୍ଗରେ ବ୍ୟସ୍ତ ଥିବା ଆମେରିକା ରାଷ୍ଟ୍ରପତିଙ୍କ ନାକ ତଳେ ବେଜିଂ ଖେଳ କରିଦେଇଛି। ଆମେରିକାରେ ଚୀନ୍ ସାମ୍ରାଜ୍ୟ ଗଢ଼ି ଦେଇଛି। ଚୀନ୍ ଆମେରିକାର ଯୁବ ଗୋଷ୍ଠୀଙ୍କୁ ଚାଇନିଜ କରିଦେଇଛି। ଏହା ଆମେରିକା ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ଆମେରିକା ଭିତରେ ଏଭଳି ଏକ ସାମ୍ରାଜ୍ୟ ଗଢ଼ି ଦେଇଛି, ଯେଉଁଠି ଯୁବ ଗୋଷ୍ଠୀ ଚୀନ୍ ସମର୍ଥକ ପାଲଟି ଯାଇଛନ୍ତି। ଚୀନ୍ ଭାଷାରେ କଥା ହେଉଛନ୍ତି। ଚାଇନିଜ ଖାଦ୍ୟ ଖାଉଛନ୍ତି। କହିବାକୁ ଗଲେ ଆମେରିକାର ନୂଆ ପିଢି ଚୀନ୍ ସମର୍ଥକ ପାଲଟି ଯାଉଛନ୍ତି।



ଶୁଳ୍କ, ଇରାନରେ ଟ୍ରମ୍ପ ବ୍ୟସ୍ତ

ସାରା ବିଶ୍ୱ ଟ୍ରମ୍ପ ଚାପରେ ଚିନ୍ତିତ ଥିବାବେଳେ ଏପରି ଘଟିଛି।

ଆମେରିକା ସାମାଜିକ ଗଣମାଧ୍ୟମରେ ଏବେ ନୂଆ ଟ୍ରେଣ୍ଡ ଚାଲିଛି। ଲୋକେ ପରସ୍ପର ସହ ଚୀନ୍ ଭାଷାରେ କଥା ହୋଇ ଆପଣଙ୍କୁ ଚୀନ୍ ଗସ୍ତରେ ଭେଟିଥିଲି ବୋଲି କହୁଛନ୍ତି। ଉଭୟେ ଚୀନ୍ ସଂସ୍କୃତି ସହ ଜଡ଼ିତ କାର୍ଯ୍ୟରେ ଲିପ୍ତ ଥିବା ଉଲ୍ଲେଖ କରୁଛନ୍ତି। ଏ ସବୁ 'ଚାଇନାମ୍ୟାକ୍ସିଂ' ପାଇଁ ହୋଇପାରିଛି। ଏହା ଏକ ନୂଆ ଜୀବନଶୈଳୀ ଧାରା ପାଲଟି ଯାଇଛି। ଲୋକେ ରୋମାଣ୍ଟିକ ଶୈଳୀରେ ନିଜକୁ ଚୀନ୍ ଧାରାରେ ଉପସ୍ଥାପନ କରୁଛନ୍ତି। ଚୀନ୍ ସଂସ୍କୃତିର ପ୍ରଶଂସା କରିବା ସହିତ ନିଜର ଦୈନିକ ଜୀବନଚର୍ଯ୍ୟା ମଧ୍ୟ ସେହିଭଳି କରି ସାରିଲେଣି। ରିପୋର୍ଟ ଅନୁଯାୟୀ, ଟିକ୍ ଟକ୍ ଏବଂ ଟ୍ୱିଟରରେ ଯୁବ ଗୋଷ୍ଠୀ 'ଚାଇନାମ୍ୟାକ୍ସିଂ' ନାମରେ ପ୍ରସିଦ୍ଧି ଅର୍ଜନ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ନିଜକୁ ଚୀନ୍ ନାଗରିକ ମଧ୍ୟ ଦାବି କରୁଛନ୍ତି। ଚାଇନାମ୍ୟାକ୍ସିଂର ଏହି ଧାରାରେ ଜେନେରେସନ ଜେଡ ତଥା ଜେନ୍ ଜେଡ୍ ଗୋଷ୍ଠୀ ସକାଳୁ ଗରମ ପାଣି ମଧ୍ୟ ପିଇବାରେ ଲାଗିଛନ୍ତି। ସେମାନେ ନିଜ ରୋଷେଇରେ 'ତାଇ ଚି' କରୁଛନ୍ତି। ଚପ୍‌ଷ୍ଟିକ ଚଳାଇବାର କୌଶଳ ଶିଖୁଛନ୍ତି। ଚୀନ୍ ବୁଢାଙ୍କ ଭଳି ଦିଶିବାକୁ ଆଦିଦାସ ଟ୍ରାକ ସୁଟ୍ ପିନ୍ଧୁଛନ୍ତି। ଜୀବନର ଏକ ଅଜବ ପର୍ଯ୍ୟାୟରେ ଆପଣ ମୋତେ ଭେଟିଥିଲେ ବୋଲି ଲୋକଙ୍କୁ କହୁଛନ୍ତି।

ଏହି ଚାଇନାମ୍ୟାକ୍ସିଂ ମିମ୍ ପଛରେ ପ୍ରଭାବଶାଳୀ ବ୍ୟକ୍ତି ମଧ୍ୟରୁ ଅନ୍ୟତମ ସେରି ଝୁ ଅଛନ୍ତି। ସେ ଜଣେ ଚୀନ୍-ଆମେରିକୀୟ କ୍ରିଏଟର। ସେ ନିଜ ଟିକ୍‌ଟକ୍ ଫଲୋଅର୍ସଙ୍କୁ କାଲି ଆପଣ ଚିନି ପାଲଟି ଯିବେ ବୋଲି କହୁଛନ୍ତି। ତାଙ୍କ ଫଲୋଅର୍ସମାନେ ଏପରି କରିବାରୁ ଏହା ଧାରା ପାଲଟି ଯାଇଛି। ଏହାକୁ ନେଇ ନ୍ୟୁୟର୍କ ପୋଷ୍ଟ ରିପୋର୍ଟରେ ଦାବି କରାଯାଇଛି ଯେ ଅନେକ ଯୁବ ଗୋଷ୍ଠୀ ଚୀନ୍‌କୁ ସ୍ୱର୍ଗ ଭାବେ ଦେଖୁଛନ୍ତି। ସେମାନେ ନିଜ ଦେଶକୁ ନେଇ ନିରାଶ ଅଛନ୍ତି। ଏହା ସଫ୍ଟ ପାୱାର ଭାବେ ଚୀନ୍‌ର ଉଦୟକୁ ଦର୍ଶାଉଛି। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ଅନୁଯାୟୀ, ଏକ ଦଶନ୍ଧି ତୁଳନାରେ ଏବେ ଆମେରିକୀୟଙ୍କ ଜୀବନରେ ଚୀନ୍ ସକ୍ରିୟ ହୋଇଯାଇଛି। ସେମାନେ ଆମେରିକାକୁ ପଛୁଆ ଭାବୁଛନ୍ତି। ଏହା ପଛରେ ସାମାଜିକ ଗଣମାଧ୍ୟମରେ ଚୀନ୍ ସପକ୍ଷରେ ହେଉଥିବା ପ୍ରଚାରପ୍ରସାର ରହିଛି। ବିଶ୍ୱର ଚାରିଆଡେ ଚୀନ୍ ସାମଗ୍ରୀ ଥିବା ଦାବି କରି ଯୁବପିଢିଙ୍କୁ ଆକୃଷ୍ଟ କରାଯାଉଛି। ଚୀନ୍‌ର ଭବ୍ୟତାର ଗୁଣଗାନ କରାଯାଉଛି। ଏହା ଏବେ ଆମେରିକା ପାଇଁ ମୁଣ୍ଡବିନ୍ଧା ପାଲଟି ଯାଇଛି।

# ଜଳୁଛି ମେକ୍ସିକୋ

## ୨୫ ସୈନିକଙ୍କ ସମେତ ୩୨ ମୃତ



ମେକ୍ସିକୋ ସିଟି, ୨୪।୨ (ଏଜେନ୍ସି): ମେକ୍ସିକୋର ସବୁଠାରୁ ବଡ଼ ଡ୍ରଗ୍ ମାଫିଆ ଏଲ ମେଞ୍ଚୋକୁ ସେନା ନିପାତ କରିଛି। ତେବେ ମେଞ୍ଚୋର ପ୍ରେମିକା ପାଇଁ ଏହା ସମ୍ଭବ ହୋଇପାରି ଥିଲା। କ୍ରମାଗତ ଭାବେ ତାଙ୍କ ଉପରେ ନଜର ରଖାଯାଇଥିଲା। ପ୍ରେମିକା ମାଧ୍ୟମରେ ହିଁ ମେଞ୍ଚୋର ଠିକଣା ଜଣାପଡ଼ିଥିଲା ବୋଲି ମେକ୍ସିକୋ ପ୍ରତିରକ୍ଷାମନ୍ତ୍ରୀ ରିକାର୍ଡୋ ଟ୍ରେଭିଲା କହିଛନ୍ତି। ସେନା ପ୍ରମୁଖ ରିକାର୍ଡୋ ଟ୍ରେଭିଲା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଗୁପ୍ତଚର ସଂସ୍ଥାଗୁଡ଼ିକ ଏଲ୍ ମେଞ୍ଚୋର ପ୍ରେମିକା ସହ ଜଡ଼ିତ ଜଣେ ବିଶ୍ୱସ୍ତ ସହଯୋଗୀକୁ ଚିହ୍ନଟ କରିଥିଲେ। ତାଙ୍କର କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଥିଲା। ଏହି ବ୍ୟକ୍ତି ହିଁ ମେଞ୍ଚୋର ପ୍ରେମିକାକୁ ଜାଲିସ୍କୋ ନିକଟସ୍ଥ ଏକ ଠିକଣାକୁ ନେଇ

### ପ୍ରେମିକା ପାଇଁ ଧରାପଡ଼ିଲା ଡ୍ରଗ୍ ଲର୍ଡ ଏଲ୍ ମେଞ୍ଚୋ




ଯାଇଥିଲେ। ତାଙ୍କୁ ପିଛା କରି ସେନା ସେଠାରେ ପହଞ୍ଚିଥିଲା। ପ୍ରେମିକା ସେଠାରୁ ବାହାରିବା ପରେ ମେଞ୍ଚୋ ଥିବା ନେଇ ସ୍ପଷ୍ଟ ହୋଇଥିଲା। । ପରେ ସେନା ସ୍ୱତନ୍ତ୍ର ଅଭିଯାନ ଚଳାଇ ଡ୍ରଗ ଲର୍ଡକୁ ନିପାତ କରିଥିଲା

ଅନ୍ୟପଟେ ମେଞ୍ଚୋର ସମର୍ଥକମାନେ ଦେଶରେ ହିଂସା କରିଛନ୍ତି। ଏହା ୨୦ ରାଜ୍ୟକୁ ବ୍ୟାପି ଯାଇଛି। ମେଞ୍ଚୋର ସମର୍ଥକମାନେ ଅନେକ ସ୍ଥାନରେ ରାସ୍ତା ଅବରୋଧ କରିବା ସହ ଗାଡ଼ିଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି। ପ୍ରାୟ ୨୦ରୁ ଅଧିକ ସରକାରୀ ବ୍ୟାଙ୍କ ଶାଖାକୁ ଜଳାଇ ଦିଆଯାଇଛି। ବିଭିନ୍ନ ସହରରେ ଚାଲିଥିବା ଏହି ସଂଘର୍ଷରେ ଅତିକମରେ ୩୨ ଜଣଙ୍କର ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ୨୫ ଜଣ ସୈନିକ ସାମିଲ ଅଛନ୍ତି। ହିଂସା ଯୋଗୁଁ ଜାଲିସ୍କୋ ସହରରେ ଲକ୍‌ଡାଉନ୍ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଚିନ୍ତାର ବିଷୟ ଏହି କି ଯେ ଏହି ସହରରେ ଫିଫା ବିଶ୍ୱକପ-୨୦୨୬ର ଆୟୋଜନ ହେବାକୁ ଯାଉଛି। ତେଣୁ ହିଂସା ବନ୍ଦ ନ ହେଲେ ଆୟୋଜନ ଉପରେ ପ୍ରଭାବ ପଡ଼ିପାରେ।

# ନିଟ୍ ଚାପ: ବାପାଙ୍କୁ ହତ୍ୟା କରି ଖଣ୍ଡ ଖଣ୍ଡ କଲା ପୁଅ

ଲକ୍ଷ୍ନୌ, ୨୪।୨ (ଏଜେନ୍ସି): ଉତ୍ତର ପ୍ରଦେଶ ଲକ୍ଷ୍ନୌରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ବିକମ୍ ପଢୁଥିବା ୨୧ ବର୍ଷୀୟ ରାକ୍ଷସ ପୁଅ ଭଉଣୀ ସାମନାରେ ଗୁଳି ମାରି ବାପାକୁ ହତ୍ୟା କରିଛି। ମୃତଦେହକୁ ଗାଧୁଆ ଘରେ ଆରିରେ ଖଣ୍ଡ ଖଣ୍ଡ କରି ନୀଳ ଡ୍ରମ୍‌ରେ ଭର୍ତ୍ତି କରିଛି। ମୁଣ୍ଡକୁ କାଟି କାର୍‌ରେ ନେଇ ଘରଠୁ ୨୧ କିମି ଦୂରରେ ଫୋପାଡ଼ିଛି। ଅନ୍ୟ ଭାଗକୁ କିରୋସିନ ପକାଇ ଜଳାଇବାକୁ ଚାହୁଁଥିଲା। ଦୁର୍ଗନ୍ଧ ଏଡ଼ାଇବା ପାଇଁ ରୁମ୍ ସ୍ପ୍ରେ ପକାଇ ଥିଲା। କାହାକୁ କହିଲେ ମାରିଦେବାକୁ ସେ ଭଉଣୀକୁ ଧମକ ଦେଇଥିଲା। ବାପାଙ୍କ ମୁଣ୍ଡ ଫୋପାଡ଼ିବା ପରେ ଘରକୁ ଫେରି ଅଭିଯୁକ୍ତ କାର୍ ସଫା କରିଥିଲା। ତିନି ଦିନ ପରେ ନିଜେ



ଯାଇ ଥାନାରେ ବାପା ନିଖୋଜ ଥିବା ଅଭିଯୋଗ କରିବାରୁ ଧରା ପଡ଼ି ଯାଇଥିଲା। ଜେରା ସମୟରେ ପୁଅ ଭୟଭୀତ ହୋଇ ଶେଷରେ ନିଜେ ମାରିଥିବା ସ୍ୱୀକାର କରିଥିଲା। ତା' ସୂଚନା ଆଧାରରେ ପୁଲିସ ମୃତଦେହ ଠାବ କରିଥିଲା। ମାତ୍ର ଏ ପର୍ଯ୍ୟନ୍ତ ବାପାଙ୍କ ମୁଣ୍ଡ ମିଳିପାରି ନାହିଁ।

ସୂଚନା ଅନୁଯାୟୀ, ମୃତକଙ୍କ ନାମ ମାନବେନ୍ଦ୍ର ସିଂହ। ସେ ଲକ୍ଷ୍ନୌରେ ବର୍ଦ୍ଧମାନ ପାଥୋଲୋଜି ଲ୍ୟାବ ଚଳାଉ ଥିଲେ। ମଦ କାରବାର ସହ ମଧ୍ୟ ଜଡ଼ିତ ଥିଲେ। ହତ୍ୟାକାରୀ ପୁଅ ଅକ୍ଷତ ପ୍ରତାପ ସିଂହ କହିଛି ଯେ ନିଟ୍ ପାସ କରି ଡାକ୍ତର ହୁଏ ବୋଲି ବାପା ଚାହୁଁଥିଲେ। ମାତ୍ର ସେ ଏପରି ଚାହୁଁ ନ ଥିଲା। ସେ ପାଥୋଲୋଜି ବଦଳରେ ରେସ୍ତୋରାଁ ଖୋଲିବାକୁ ବାପାଙ୍କୁ କହୁଥିଲା। ଏହାକୁ ନେଇ ଗତ ୨୦ ତାରିଖରେ ବାପାଙ୍କ ସହ ତାର ଝଗଡ଼ା ହୋଇଥିଲା। ସେ ରାଗି ଯାଇ ବାପାଙ୍କ ଲାଇସେନ୍ସ ପ୍ରାପ୍ତ ବନ୍ଧୁକରେ ବାପାଙ୍କୁ ମାରି ଦେଇଥିଲା। ଆଶିୟାନା କୋତୱାଲି କ୍ଷେତ୍ରର ସେକ୍ଟର-ଏଲ୍‌ରେ ଏହି ଜଘନ୍ୟ କାଣ୍ଡ ଘଟିଥିଲା। ପୂର୍ବରୁ ପୁଅର ଅନେକ ଆପରାଧିକ କାର୍ଯ୍ୟକଳାପ ଥିଲା। ସେ ଘରୁ ସୁନା ଗହଣା ବି ଚୋରି କରିଥିଲା। ନିଜକୁ ରାବଣର ସମର୍ଥକ କହୁଥିଲା। ମେଡିକାଲ ନ ପଢିବା ପାଇଁ ଘର ଛାଡ଼ି ମଧ୍ୟ ପଳାଇ ଥିଲା।

# ଗିରଫ ଭୟ: ହାଇକୋର୍ଟରେ ଶଙ୍କରାଚାର୍ଯ୍ୟ

ବାରାଣସୀ, ୨୪।୨ (ଏଜେନ୍ସି): ଶିଶୁ ଯୌନ ଉତ୍ପୀଡ଼ନ ମାମଲାରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ମଙ୍ଗଳବାର ଆହ୍ଲାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଆଗୁଆ ଜାମିନ ଆବେଦନ ଦାଏର କରିଛନ୍ତି। ପ୍ରୟାଗରାଜ ପୁଲିସ ଗିରଫ କରିବାର ଭୟ ଥିବାରୁ ଶଙ୍କରାଚାର୍ଯ୍ୟ ଏହି ପଦକ୍ଷେପ ନେଇଛନ୍ତି। ଅନ୍ୟପକ୍ଷରେ ଗତ ୨୧ରେ ଏତଲା ଦାଏର ହେବା ପରେ ପ୍ରୟାଗରାଜ ପୁଲିସ ତଦନ୍ତକୁ ଜୋରଦାର କରିଛି। ସୋମବାର ପୁଲିସର ଏକ ଟିମ୍ ବାରାଣସୀରେ ପହଞ୍ଚିଥିଲା। ସ୍ଥାନୀୟ ପୁଲିସ ସହାୟତାରେ ଶଙ୍କରାଚାର୍ଯ୍ୟ ଏବଂ ତାଙ୍କ ସହଯୋଗୀଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିଥିଲା।ଆଜି ଶଙ୍କରାଚାର୍ଯ୍ୟଙ୍କୁ ପଚରାଉଚରା କରିବା ପାଇଁ ପୁଲିସ ତାଙ୍କ ଆଶ୍ରମରେ ପହଞ୍ଚିପାରେ। ଗିରଫ ମଧ୍ୟ କରାଯାଇପାରେ। ଏହି ଆଶଙ୍କାକୁ ଦୃଷ୍ଟିରେ ରଖି ଶଙ୍କରାଚାର୍ଯ୍ୟ ଓକିଲଙ୍କ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଏହା ମଧ୍ୟରେ ଶଙ୍କରାଚାର୍ଯ୍ୟ ମଙ୍ଗଳବାର ବାରାଣସୀରେ ସାମ୍ବାଦିକ ସମ୍ମିଳନୀ କରି ଅଭିଯୋଗ ଲଗାଇଛନ୍ତି ଯେ ଅତିରିକ୍ତ ପୁଲିସ କମିଶନର ଅଜୟ ପାଲ ତାଙ୍କ ବିରୋଧରେ

- ଷଡ଼ଯନ୍ତ୍ର କରୁଛନ୍ତି ଆଇପିଏସ ଅଜୟ ପାଲ
- ସବୁ ବ୍ୟବସ୍ଥା ମୋ ବିରୋଧରେ

ଷଡ଼ଯନ୍ତ୍ର ରଚିଛନ୍ତି। ମୋବାଇଲରେ ଅଜୟ ପାଲ ଶର୍ମା ଏବଂ ଅଭିଯୋଗକାରୀ ଆଶୁତୋଷ ମହାରାଜଙ୍କ ଏକ ଫଟୋ ମଧ୍ୟ ଦେଖାଇ ଥିଲେ। ଏଥିରେ ଅଜୟ ପାଲ ଶର୍ମା



କେକ୍ କାଟୁଥିବା ବେଳେ ଆଶୁତୋଷ ମହାରାଜ ତାଙ୍କ ପାଖରେ ଠିଆ ହୋଇଥିବା ଦେଖିବାକୁ ମିଳୁଛି। ଏବେ ଅଜୟଙ୍କ ଅଧୀନରେ ହିଁ ତଦନ୍ତ ଚାଲିଛି। ଅପରାଧିଙ୍କ ସହ ପୁଲିସର ଜଣେ ବଡ଼ ଅଧିକାରୀ ଜନ୍ମଦିନ ପାଳନ କରୁଛନ୍ତି। ଏହା କଣ ଦର୍ଶାଉଛି। ମୋ ବିରୋଧରେ ସବୁକିଛି ଯୋଜନାବଦ୍ଧ ଭାବେ କରାଯାଇଛି। ସମ୍ପୂର୍ଣ୍ଣ ସିଷ୍ଟମକୁ ମୋ ବିରୋଧରେ ଲଗାଇ ଦିଆଯାଇଛି।ଗୋରକ୍ଷା ଅଭିଯାନରୁ ପଛକୁ ହଟାଇବା ପାଇଁ ଏପରି କରାଯାଉଛି। କିନ୍ତୁ ଏଥିରୁ ପଛଘୁଞ୍ଚା ଦେବି ନାହିଁ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।

# କାନ୍ତାରା ବିବାଦ: ରଣବୀରଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

ବେଙ୍ଗାଲୁରୁ, ୨୪।୨ (ଏଜେନ୍ସି): ଚଳଚ୍ଚିତ୍ର କାନ୍ତାରା ବିବାଦକୁ ନେଇ କର୍ଣ୍ଣାଟକ ହାଇକୋର୍ଟ ମଙ୍ଗଳବାର ଅଭିନେତା ରଣବୀର ସିଂହଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଅଭିନେତା ନିଜେ ନିଜ ବୟାନ ପାଇଁ ଦାୟୀ ହେବା ଉଚିତ। ଖାଲି ସେଲିବ୍ରିଟି ହୋଇଥିବାରୁ କୌଣସି ସମୁଦାୟର ଧାର୍ମିକ ଭାବନାକୁ ଆଘାତ ଦେଇପାରିବେ ନାହିଁ। ଏହାର ଅଧିକାର ମଧ୍ୟ ଅଭିନେତାଙ୍କ ପାଖରେ ନାହିଁ ବୋଲି କୋର୍ଟ କହିଛନ୍ତି। ସାର୍ବଜନୀନ କାର୍ଯ୍ୟକ୍ରମରେ ସାମିଲ ହେବା ସମୟରେ ନିଜ ଭାଷା ଏବଂ ବ୍ୟବହାରରେ ସାବଧାନତା ଅବଲମ୍ବନ କରିବାକୁ କୋର୍ଟ ରଣବୀରଙ୍କୁ ପରାମର୍ଶ ଦେଇଛନ୍ତି। ଆପଣ ଯିଏ ବି ହୁଅନ୍ତୁ ଭାଷାଗତ ସଂଯମତା ଅବଲମ୍ବନ କରନ୍ତୁ। ଏଥିସହିତ କୋର୍ଟ ରଣବୀରଙ୍କୁ ଅନ୍ତରୀଣ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨ ତାରିଖରେ ହେବ।

ରଣବୀରଙ୍କ ପକ୍ଷରୁ ହାଜର ବରିଷ୍ଠ ଓକିଲ ସାଜନ ପୁବୈୟା ଆରମ୍ଭରୁ ହିଁ କୋର୍ଟରେ ଅଭିନେତାଙ୍କ ମନ୍ତବ୍ୟକୁ ସମ୍ପୂର୍ଣ୍ଣ ସମ୍ବେଦନହୀନ କହି ଦୁଃଖ ପ୍ରକାଶ କରିଥିଲେ। ଶୁଣାଣି ସମୟରେ କୋର୍ଟ କହିଥିଲେ, ଅଭିନେତାଙ୍କ ଦ୍ୱାରା ଅନେକ ଲୋକ ପ୍ରଭାବିତ ହୁଅନ୍ତି। ତେଣୁ ଆପଣ ଦାୟିତ୍ୱବାନ ହେବା ଜରୁରୀ। କ୍ଷମା ମାଗିଲେ କ'ଣ ଶବ୍ଦ ଫେରିଆସିବ? ଆମେ ହୁଏତ ଭୁଲିଯାଇପାରୁ, କିନ୍ତୁ ଇଣ୍ଟରନେଟ୍ ଭୁଲେ ନାହିଁ।

# ଯୁଦ୍ଧ ସ୍ଥିତି ବେଳେ ହଟହଟା ଆମେରିକା

ତେଲ ଅଭିଭ, ୨୪।୨ (ଏଜେନ୍ସି): ଆମେରିକା ଏବଂ ଇରାନ ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ଇରାନରେ ଆକ୍ରମଣ ପାଇଁ ମଧ୍ୟପ୍ରାଚ୍ୟର ସମୁଦ୍ରରେ ଆମେରିକା ସେନା ଡେରା ଜମାଇଛି। ଯେକୌଣସି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣ କରାଯାଇପାରେ ବୋଲି କୁହାଯାଉଛି। ଏପରି ସ୍ଥଳେ ଆମେରିକା ପାଇଖାନା ସଙ୍କଟର ସମ୍ମୁଖୀନ ହୋଇ ହଟହଟା ହୋଇଛି। କୌଣସି ଯାହି ତାହିଆ ବୋଟ୍‌ରେ ନୁହେଁ, ଯୁଦ୍ଧ ପାଇଁ ମଧ୍ୟପ୍ରାଚ୍ୟରେ ଡେରା ଜମାଇଥିବା ଆମେରିକାର ପରମାଣୁ ଶକ୍ତିଚାଳିତ ବିମାନବାହୀ ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ଜେରାଲ୍ଡ ଫୋର୍ଡରେ ଏହି ସଙ୍କଟ ସୃଷ୍ଟି ହୋଇଛି। ବିଶ୍ୱର ସବୁଠାରୁ ବଡ଼ ଏହି ଜାହାଜରେ ୫ ହଜାର ସେଲର ଅଛନ୍ତି। ମାତ୍ର ଏତେ ସଂଖ୍ୟକ ସୈନିକଙ୍କ ପାଇଁ ପାଇଖାନା ନାହିଁ। ଜାହାଜର ଅଧିକାଂଶ ପାଇଖାନା ଜାମ୍ ହୋଇଯାଇଛି। ଏଥିପାଇଁ ପାଇଖାନା ଯିବାକୁ ସେଲରଙ୍କୁ ୪୫ ମିନିଟ ପର୍ଯ୍ୟନ୍ତ




- ପରମାଣୁ ଯୁଦ୍ଧଜାହାଜରେ ପାଇଖାନା ଅବ୍ୟବସ୍ଥା
- ୪୫ ମିନିଟ ପର୍ଯ୍ୟନ୍ତ ଧାଡ଼ିରେ ରହୁଛନ୍ତି ସୈନିକ

ଲାଇନରେ ଛିଡ଼ା ହେବାକୁ ପଡୁଛି। ସଂକୀର୍ଣ୍ଣ ପାଇପଲାଇନ ଏବଂ ଭାକ୍ୟୁମ୍-ଭିତ୍ତିକ ସିଷ୍ଟମର ଡିଜାଇନରେ ତ୍ରୁଟି ଯୋଗୁଁ ଯୁଦ୍ଧଜାହାଜର ପାଇଖାନା ବାରମ୍ବାର ଜାମ ହେଉଛି। ଏହି ଜାହାଜ ଭାକ୍ୟୁମ୍-ସିୱେଜ୍ ସିଷ୍ଟମରେ ଚାଲିଥାଏ। ତେଣୁ ଗୋଟିଏ ଭାଲ୍‌ଭ ଖରାପ ହେଲେ ସମ୍ପୂର୍ଣ୍ଣ ବିଭାଗର ଟଏଲେଟ୍ ସିଷ୍ଟମ ଅଚଳ ହୋଇଯାଏ।

ପାଇଖାନା ଯିବାକୁ ନେଇ ଟେକ୍ନିସିଆନ ଏବଂ ସୈନିକଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଛି। କାରଣ ମରାମତି କରୁଥିବା ଇଞ୍ଜିନିୟରମାନେ ଦୈନିକ ପ୍ରାୟ ୧୯ ଘଣ୍ଟା କାମ କରୁଛନ୍ତି। ଗତ ବର୍ଷ ମାର୍ଚ୍ଚ ମାସରେ ମଧ ମାତ୍ର ଚାରି ଦିନ ମଧ୍ୟରେ ୨୦୫ଟି ଟଏଲେଟ୍ ଖରାପ ହୋଇଥିବା ଅଭିଯୋଗ ହୋଇଥିଲା। ଜେରାଲ୍ଡରେ୬୦୦ରୁ ଅଧିକ ପାଇଖାନା ୧୦ଟି ଅଲଗା ଅଲଗା ଜୋନ୍‌ରେ ବିଭକ୍ତ ରହିଛି। ଏହି ଜାହାଜ ଗତ ଆଠ ମାସ ଧରି ସମୁଦ୍ରରେ ରହିଛି। ଏଥିଯୋଗୁଁ ନିୟମିତ ଯାଞ୍ଚ ହୋଇପାରୁ ନାହିଁ।

# ଦୁଇ ଭଉଣୀଙ୍କ କଳା ସାମ୍ରାଜ୍ୟ: ଚଳାଇଥିଲେ ସେକ୍ସ ଓ ଧର୍ମାନ୍ତରଣ ର୍ୟାକେଟ

ଭୋପାଳ, ୨୪।୨ (ଏଜେନ୍ସି): ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଦୁଇ ଭଉଣୀଙ୍କ କଳା ସାମ୍ରାଜ୍ୟର ଗୁମର ଖୋଲି ଯାଇଛି। ଚାକିରି ଚାହୁଁଥିବା ଯୁବତୀଙ୍କୁ ଲୋଭ ଦେଖାଇ ସେକ୍ସ ଏବଂ ଧର୍ମାନ୍ତରଣ ର୍ୟାକେଟ ଚଳାଇଥିବା ଦୁଇ ଭଉଣୀ ଅମରିନ ଏବଂ ଅଫ୍ରିନଙ୍କୁ ପୁଲିସ ଗିରଫ କରିଛି। ଉଭୟଙ୍କ ସହଯୋଗୀ ଚନ୍ଦନ ଯାଦବଙ୍କୁ ମଧ୍ୟ ପୁଲିସ ବାନ୍ଧିଛି। ଏବେ ଆଉ ତିନି ଜଣ ସହଯୋଗୀ ବିଲାଲ, ଚାନୁ ଏବଂ ୟାସିର ଫେରାର ଅଛନ୍ତି। ୨୧ ଏବଂ ୩୨ ବର୍ଷର ଦୁଇ ମହିଳାଙ୍କ ଅଭିଯୋଗ କ୍ରମେ ବାଘ ସେୱାନିଆ ଥାନା ଏହି



କାର୍ଯ୍ୟାନୁଷ୍ଠାନ ନେଇଛି। ପୁଲିସ ସୂଚନା ଅନୁଯାୟୀ, ବେଆଇନ ର୍ୟାକେଟ ଚଳାଇ ଦୁଇ ଭଉଣୀ କୋଟିପତି ହୋଇଯାଇଥିଲେ। ଏତେ ଟଙ୍କା ଆୟ କରିଥିଲେ ଯେ ବସ୍ତିରୁ ଭୋପାଳର ସାଗର ରୟାଲ୍ସ ବଙ୍ଗଳାକୁ ସ୍ଥାନାନ୍ତର ହୋଇଥିଲେ। ଦୁହେଁ ଚାକିରି ଆଶାୟୀ ଆର୍ଥିକ ଦୁର୍ବଳ ମହିଳା ଏବଂ ଯୁବତୀଙ୍କୁ ବ୍ଲାକମେଲ କରୁଥିଲେ। ମାସକୁ ୧୦ ହଜାର ଟଙ୍କାର ଦରମା, ଖାଦ୍ୟ ସହିତ ଚାକଚକ୍ୟ ଜୀବନର ସ୍ୱପ୍ନ ଦେଖାଉ ଥିଲେ। ସେମାନେ ଆସିବା ପରେ ଦେହ ବ୍ୟବସାୟକୁ ଠେଲୁ ଥିଲେ। ମୁମ୍ବଇ, ଅହମଦାବାଦ ଆଦିକୁ ଯୁବତୀଙ୍କୁ ପଠାଉ ଥିଲେ। ପୀଡ଼ିତାଙ୍କୁ ପାର୍ଟି, ପବ୍ ଏବଂ ଲଞ୍ଚକୁ ନେଇ ଧନୀ ବ୍ୟକ୍ତିଙ୍କ ସହ ମିଶିବାକୁ ବାଧ୍ୟ କରାଯାଉଥିଲା। ମଦ ଏବଂ ନିଶା ସେବନ କରିବାକୁ କୁହାଯାଉଥିଲା। ଛତିଶଗଡ଼ ମୁଙ୍ଗେଲିର ଜଣେ ଯୁବତୀଙ୍କୁ ଦୁଇ ଭଉଣୀ ଗତ ବର୍ଷ ଡିସେମ୍ବରରେ ଡାକି ଦେହ ବ୍ୟବସାୟକୁ ଠେଲି ଦେଇଥିଲେ। ପରେ ୟାସିର ତାଙ୍କୁ ଦୁଷ୍କର୍ମ କରିଥିଲା। ପୀଡ଼ିତାଙ୍କୁ ଧର୍ମ ବଦଳାଇବାକୁ ମଧ୍ୟ ବାଧ୍ୟ କରାଯାଉଥିଲା। ଇସଲାମ ଗ୍ରହଣ କରିବାକୁ ଚାପ ପକା ଯାଉଥିଲା। ବୁର୍ଖା ପିନ୍ଧି ନମାଜ କରିବାକୁ କୁହାଯାଉଥିଲା। ଅଭିଯୁକ୍ତ ଦୁଇ ଭଉଣୀ ଏବଂ ଚନ୍ଦନର ମୋବାଇଲକୁ ପୁଲିସ ଜବତ କରିଛି।

### ଇଂଲଣ୍ଡରେ ମହିଳା ଟି-୨୦ ବିଶ୍ୱକପ୍ ଜୁନ୍ ୧୨ରୁ ଜୁଲାଇ ୫

# ଭାରତ-ପାକିସ୍ତାନ ମୁକାବିଲା ଜୁନ୍ ୧୪ରେ

ଦୁବାଇ,୨୪।୨(ଏଜେନ୍ସି)

ମହିଳା କ୍ରିକେଟ ଇତିହାସରେ ସର୍ବବୃହତ୍ ଟି-୨୦ ବିଶ୍ୱକପ୍ ଲାଗି ଆୟୋଜକ ଆଇସିସି ପକ୍ଷରୁ ଖେଳସୂଚୀ ଘୋଷଣା କରାଯାଇଛି। ଇଂଲଣ୍ଡରେ ମହିଳା କ୍ରିକେଟର ଏହି ମେଗା ଇଭେଣ୍ଟ ଜୁନ୍ ୧୨ରୁ ଆରମ୍ଭ ହୋଇ ଜୁଲାଇ ୫ରେ ଶେଷ ହେବ। ଏଥିରେ ପ୍ରଥମଥର ଲାଗି ସର୍ବାଧିକ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଇଂଲଣ୍ଡର ୭ଟି ଗ୍ରାଉଣ୍ଡ ଯଥା ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ ଗ୍ରାଉଣ୍ଡ, ହେଡିଂଲେ, ହାମ୍ପସାୟର ବାଉଲ, ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡ, ଏଜ୍‌ବାଷ୍ଟନ, ଦ ଓଭାଲ ଓ ଶେଷରେ ଫାଇନାଲ ମୁକାବିଲା କ୍ରିକେଟର ମକ୍କାଭାବେ ବିବେଚିତ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ମୋଟ ୩୩ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଜୁନ୍ ୧୨ରେ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଏଜ୍‌ବାଷ୍ଟନରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଜୁଲାଇ ୫ରେ ଫାଇନାଲ ମୁକାବିଲା ଜୁଲାଇ ୫ରେ ଖେଳାଯିବ। ଏହା ମଧ୍ୟରେ ଦିନିକିଆ ବିଶ୍ୱଚାମ୍ପିଅନ ଭାରତ ତାହାର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ସହ ଏଜ୍‌ବାଷ୍ଟନରେ ଜୁନ୍ ୧୪ରେ ଖେଳିବ।

ଏଥର ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଗତ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ୮ଟି ସ୍ଥାନରେ ଥିବା ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ। ଏଥର ଖେଳାଯାଇଥିବା କ୍ୱାଲିଫାଇଙ୍ଗ୍ ଟୁର୍ଣ୍ଣାମେଣ୍ଟରୁ ବାଂଲାଦେଶ, ଆୟର୍ଲାଣ୍ଡ, ସ୍କଟଲାଣ୍ଡ ଓ ପ୍ରଥମଥର ନେଦରଲାଣ୍ଡ୍ସ ଟି-୨୦ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ, ୬ଥରର ଚାମ୍ପିଅନ ଅଷ୍ଟ୍ରେଲିଆ, ୨୦୧୬ ଚାମ୍ପିଅନ ୱେଷ୍ଟଇଣ୍ଡିଜ୍, ଆୟୋଜକ ଇଂଲଣ୍ଡ, ଦିନିକିଆ ବିଶ୍ୱ ଚାମ୍ପିଅନ ଭାରତ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ଅଷ୍ଟ୍ରେଲିଆ, ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ନେଦରଲାଣ୍ଡ୍ସକୁ ସ୍ଥାନ ମିଳିଛି। ସେହିପରି ଗ୍ରୁପ-ବି'ରେ ଚାମ୍ପିଅନ ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍, ଶ୍ରୀଲଙ୍କା, ଆୟର୍ଲାଣ୍ଡ ଓ ସ୍କଟ୍‌ଲାଣ୍ଡକୁ ସ୍ଥାନ ମିଳିଛି। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଜୁନ୍ ୩୦ରେ ପ୍ରଥମ ଓ ଜୁଲାଇ ୨ରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଐତିହାସିକ ଲର୍ଡ୍ସ ମଇଦାରେ ଫାଇନାଲ ମ୍ୟାଚ୍ ଜୁଲାଇ ୫ରେ ଅନୁଷ୍ଠିତ ହେବ।



ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ସଂଯୋଗ ଗୁପ୍ତାଙ୍କ ଅନୁଯାୟୀ ମହିଳା କ୍ରିକେଟରେ ଏହି ଟୁର୍ଣ୍ଣାମେଣ୍ଟ ଏକ ମାଇଲଷ୍ଟୋନ୍। ଏହି ପ୍ରତିଯୋଗିତା ଫଳରେ ମହିଳା କ୍ରିକେଟର ପ୍ରଚାର ଓ ପ୍ରସାର ହୋଇପାରିବ। ଖେଳ ଓ ଖେଳାଳିଙ୍କର ଉନ୍ନତି ହେବ ବୋଲି ଗୁପ୍ତା କହିଛନ୍ତି। ନିକଟରେ ଶେଷ ହୋଇଥିବା ଟୁର୍ଣ୍ଣାମେଣ୍ଟରେ ମହିଳା କ୍ରିକେଟକୁ ଭଲ ସଫଳତା ମିଳିଛି। ଏହାକୁ ପ୍ରସାର କରିବାରେ ଆମେ ଯେଉଁ ସ୍ୱପ୍ନ ଦେଖୁଛୁ ଓ ଲକ୍ଷ୍ୟ ରଖିଛୁ ତାହାକୁ ପୂରଣ କରିବାରେ ପର୍ଯ୍ୟାୟକ୍ରମେ ସମର୍ଥ ହେଉଛୁ। ଭାରତରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପ୍‌ରେ ଆମେ ପରିକଳ୍ପନା କରିଥିବା ସମସ୍ତ ରେକର୍ଡ ଅତିକ୍ରମ କରିଯାଇଥିଲା। ଜୁନ୍ ଓ ଜୁଲାଇରେ ଇଂଲଣ୍ଡରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ମଧ୍ୟ ସମାନ ରେକର୍ଡ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

**ଗ୍ରୁପ୍-ଏ'** : ଅଷ୍ଟ୍ରେଲିଆ, ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ନେଦରଲାଣ୍ଡ୍ସ।

**ଗ୍ରୁପ-ବି'**: ଚାମ୍ପିଅନ ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍, ଶ୍ରୀଲଙ୍କା, ଆୟର୍ଲାଣ୍ଡ ଓ ସ୍କଟ୍‌ଲାଣ୍ଡ।

### ଭାରତର ଗ୍ରୁପ୍-ଏ' ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୧୪।୬ | ପାକିସ୍ତାନ | ଏଜ୍‌ବାଷ୍ଟନ |
| ୧୭।୬ | ନେଦରଲାଣ୍ଡ୍ସ | ହେଡିଂଲେ |
| ୨୧।୬ | ଦକ୍ଷିଣ ଆଫ୍ରିକା | ଓଲ୍ଡ ଟ୍ରାଫୋର୍ଡ |
| ୨୫।୬ | ବାଂଲାଦେଶ | ଓଲ୍ଡ ଟ୍ରାଫୋର୍ଡ |
| ୨୮।୬ | ଅଷ୍ଟ୍ରେଲିଆ | ଲର୍ଡ୍ସ |

### ଗ୍ରୁପ-ଏ'ରେ ଭାରତ

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଗ୍ରୁପ-ଏ'ରେ ଅଷ୍ଟ୍ରେଲିଆ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ନେଦରଲାଣ୍ଡ୍ସ ସହ ସ୍ଥାନ ପାଇଛି। ପାକିସ୍ତାନ ସହ ଜୁନ୍ ୧୪ରେ, ନେଦରଲାଣ୍ଡ୍ସ ସହ ୧୭ରେ, ଦକ୍ଷିଣ ଆଫ୍ରିକା ସହ ୨୧ରେ, ବାଂଲାଦେଶ ସହ ୨୫ରେ ଓ ଅଷ୍ଟ୍ରେଲିଆ ସହ ଜୁନ୍ ୨୮ରେ ଭାରତ ତାହାର ଲିଗ୍ ମ୍ୟାଚ୍ ଖେଳିବ।

### ବେଥ୍ ମୁନୀଙ୍କ ଆଗରେ ଫିକା ପଡ଼ିଲେ ମନ୍ଧାନା-ହରମନ୍‌ପ୍ରୀତ୍

# ପ୍ରଥମ ଦିନିକିଆରେ ହାରିଲା ଚାମ୍ପିଅନ ଭାରତ



ବ୍ରିସ୍‌ବେନ୍,୨୪।୨(ଏଜେନ୍ସି): ଦିନିକିଆ ମହିଳା କ୍ରିକେଟରେ ବିଶ୍ୱଚାମ୍ପିଅନ ହେବା ଓ ଦ୍ୱିତୀୟଥର ଅଷ୍ଟ୍ରେଲିଆ ବିପକ୍ଷରେ ଐତିହାସିକ ଟି-୨୦ ସିରିଜ୍ ଜିତିବା ପରେ ଭାରତୀୟ କ୍ରିକେଟ ଦଳ ଖେଳିଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ପରାଜିତ ହୋଇଯାଇଛି। ଆଜି ଏଠାରେ ଖେଳାଯାଇଥିବ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆ ନିକଟରୁ ୭ ୱିକେଟରେ ହାରିଯାଇଛି। ଏହା ଫଳରେ ଚାମ୍ପିଅନ ଭାରତକୁ ଶକ୍ତ ଧକ୍କା ଲାଗିଛି। ବିଜୟୀ ଅଷ୍ଟ୍ରେଲିଆ ପକ୍ଷରୁ ୭୯ ବଲ୍‌ରେ ୭୬ ରନ୍ କରିଥିବା ବେଥ୍ ମୁନୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଫେବୃଆରୀ ୨୭ ଓ ତୃତୀୟ ମ୍ୟାଚ ମାର୍ଚ୍ଚ ୧ରେ ଖେଳାଯିବ।

ଆଜିର ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଭାରତ ୪୮.୩ ଓଭରରେ ୨୧୪ ରନ୍ କରିଥିଲା। ଦଳ ପକ୍ଷରୁ ଆହତ ପରେ ଫେରିଥିବା ପ୍ରତୀକା ରାୱଲ ୦, ଶେଫାଳି ବର୍ମା ୪ ଓ ଜେମିମା ରୋଡ୍ରିଗ୍ସ ୮ ରନ୍‌ରେ ଆଉଟ ହେବା ଫଳରେ ଭାରତ ୫୨ ରନ୍‌ରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ସ୍ମୃତି ମନ୍ଧାନା ୬୮ ବଲ୍‌ରେ ୫୮, ଅଧିନାୟିକା ହରମନ୍‌ପ୍ରୀତ୍ କୌର ୮୪ ବଲ୍‌ରେ ୫୩ ଓ କାଶବି ଗୌତମ ୪୩ ରନ୍ କରିବା ଫଳରେ ଦଳର ସମ୍ମାନ ରହିଥିଲା। ଆଶଲେ ଗାର୍ଡନର ୩ଟି ଓ ମେଗାନ୍ ସ୍କଟ୍ ୨ଟି ୱିକେଟ ନେଇ ପ୍ରତିପକ୍ଷ ଦଳ ପକ୍ଷରୁ ସଫଳ ବୋଲିଂ କରିଥିଲେ। ଜବାବରେ ଜର୍ଜିଆ ଭଲଙ୍କୁ ବାଦ୍‌ଦେଲେ ଅଷ୍ଟ୍ରେଲିଆର ପ୍ରଥମ ୫ଜଣଙ୍କ ମଧ୍ୟରୁ ୪ଜଣ ବ୍ୟାଟର ଭଲ ଖେଳିବା ଫଳରେ ଦଳ ୩୮.୨ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ନଂ-୪ରେ ଖେଳିଥିବା ବେଥ ମୁନୀ ୭୯ ବଲ୍‌ରୁ ୫ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୭୬, ଓପନର ତଥା ଅଧିନାୟିକା ଆଲିସା ହିଲୀ ୫୦, ନଂ-୨ ଫୋଏବେ ଲିଚ୍‌ଫିଲ୍ଡ ୩୨ ଓ ନଂ-୫ ଆନାବେଲ ସଦରଲାଣ୍ଡ ୪୮ ରନ୍‌ର ଅପରାଜେୟ ଇନିଂସ ଖେଳିଥିଲେ।



ବାହାରିନରେ ଅନୁଷ୍ଠିତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ବିଜୟୀ ହୋଇ ୬ଷ୍ଠ ଟାଇଟଲ୍ ଜିତିଥିବା ପ୍ରମୋଦ ଭଗତଙ୍କୁ ମଙ୍ଗଳବାର ଭୁବନେଶ୍ୱର ବିମାନବନ୍ଦରରେ ଉଚ୍ଛ୍ୱସିତ ସ୍ୱାଗତ କରାଯାଉଛି।

■ ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# ଭାରତ ପାଇଁ ବିଜୟ ଦୁଃସ୍ୱପ୍ନ

ହୋବାର୍ଟ, ୨୪।୨ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ପାଇଁ ବିଜୟ ସ୍ୱପ୍ନ ହୋଇଯାଇଛି। ମଙ୍ଗଳବାର ଏଠାରେ ଖେଳାଯାଇଥିବା ସ୍ପେନ ବିପକ୍ଷ ମୁକାବିଲାକୁ ଭାରତୀୟ ଦଳ ସୁଟ୍‌ଆଉଟ୍‌ରେ ୩-୪ ଗୋଲ୍‌ରେ ହାରିଯାଇଛି। ଏହି ମ୍ୟାଚର ନିର୍ଦ୍ଧାରିତ ୬୦ ମିନିଟ୍ ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ମ୍ୟାଚ୍ ୧-୧ ଗୋଲ୍‌ରେ ଡ୍ର ରହିଥିଲା। ଭାରତ ପକ୍ଷରୁ ମନିନ୍ଦର ସିଂହ ୧୮ତମ ମିନିଟ୍‌ରେ ଗୋଲ୍ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ମ୍ୟାଚ୍ ଶେଷ ହେବାକୁ ଗୋଟିଏ ମିନିଟ୍ ବାକି ଥିବାବେଳେ ସ୍ପେନର ବ୍ରୁନୋ ଫଣ୍ଟ (୫୯ତମ ମିନିଟ) ଏହି ଗୋଲ୍‌ଟି ଶୁଝି ଦେଇଥିଲେ। ଫଳରେ ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ସ୍ପେନ ୪-୩ ଗୋଲରେ ବାଜିମାତ୍ କରିନେଇଥିଲା। ଏହି ମ୍ୟାଚ୍ ଖେଳି ଭାରତର ଜରମନପ୍ରୀତ୍ ସିଂହ ଅନ୍ତର୍ଜାତୀୟ ହକିରେ ୧୫୦ତମ ମ୍ୟାଚ୍ ମାଇଲଖୁଣ୍ଟ ଛୁଇଁଛନ୍ତି। ଚଳିତ ପ୍ରୋ ଲିଗ୍‌ରେ ଭାରତ ୭ଟି ମ୍ୟାଚରୁ ୫ ପରାଜୟ ଓ ୨ଟି ସୁଟ୍‌ଆଉଟ୍ ପରାଜୟ ସହ ୯ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ୮ମ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ବୁଧବାର ଘରୋଇ ଅଷ୍ଟ୍ରେଲିଆକୁ ଭେଟିବ। ଉଲ୍ଲେଖଯୋଗ୍ୟ, ରାଉରକେଲା ଲେଗ୍‌ରେ ଭାରତ ୪ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇଥିଲେ।

## ଭେଣ୍ଟିଲେଟରେ ବାପା; ଘରକୁ ଫେରିଲେ ରିଙ୍କୁ

ଚେନ୍ନଇ, ୨୪।୨(ଏଜେନ୍ସି): ବିଶ୍ୱକପ୍ ମଝିରେ ଘରୋଇ ଭାରତୀୟ ଦଳକୁ ଝଟକା ଲାଗିଛି। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ବ୍ୟାଟର୍ ରିଙ୍କୁ ସିଂ ଟୁର୍ଣ୍ଣାମେଣ୍ଟ ମଝିରେ ଘରକୁ ଫେରିଯାଇଛନ୍ତି। ମଙ୍ଗଳବାର ଭାରତୀୟ ଦଳ ଏମ୍. ଚିଦାମ୍ବରମ ଷ୍ଟାଡିୟମରେ ଜୋରଦାର ଅଭ୍ୟାସ କରିଥିଲା। ଅଭ୍ୟାସ ସେସନରେ କିନ୍ତୁ ରିଙ୍କୁ ଅନୁପସ୍ଥିତ ରହିଥିଲେ। ସେ ଉତ୍ତର ପ୍ରଦେଶ ଚାଲିଯାଇଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ ଲିଭର କ୍ୟାନସରରେ ପୀଡ଼ିତ ଥିବା ରିଙ୍କୁଙ୍କ ବାପା ଖାନଚାନ୍ଦ ସିଂଙ୍କ ଗତ ଏକ ବର୍ଷ ଧରି ଚିକିତ୍ସା ଜାରି ରହିଛି। ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିବା ଜଣାପଡ଼ିଛି। ଭାରତ ଗୁରୁବାର ଜିମ୍ବାୱେ ବିପକ୍ଷରେ ପରବର୍ତ୍ତୀ ସୁପର୍-୮ ମ୍ୟାଚ୍ ଖେଳିବ। ରିଙ୍କୁ ମ୍ୟାଚବେଳକୁ ଦଳ ସହ ଯୋଗଦେବେ କି ନାହିଁ କିଛି ସ୍ପଷ୍ଟ ଜଣାପଡ଼ିନି।

## ଆଇଏସ୍‌ଏଲ୍-୧୨'ର ପ୍ରଥମ ଗୋଲଶୂନ୍ୟ

ଭୁବନେଶ୍ୱର, ୨୪।୨ (ସମିସ): ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଦ୍ୱାଦଶ ସଂସ୍କରଣର ପ୍ରଥମ ଗୋଲ୍‌ଶୂନ୍ୟ ମୁକାବିଲା କଳିଙ୍ଗ ଷ୍ଟାଡିୟମରେ ଦେଖିବାକୁ ମିଳିଛି। ମଙ୍ଗଳବାର ଏଠାରେ ଘରୋଇ ଓଡ଼ିଶା ଏଫ୍‌ସି ଓ ଇଣ୍ଟର କାଶୀ ମଧ୍ୟରେ ଖେଳାଯାଇଥିବା ସିଜନର ୧୪ତମ ମ୍ୟାଚ୍‌ଟି ଗୋଲଶୂନ୍ୟ ଭାବେ ଡ୍ର ରହିଥିଲା। ଫଳରେ ଉଭୟ ଦଳକୁ ଏକ ପଏଣ୍ଟ ଲେଖାଏ ମିଳିଛି। ଓଡ଼ିଶା ଏଫ୍‌ସି ଏଥିସହ ପ୍ରଥମ ମ୍ୟାଚରେ ପଏଣ୍ଟ ଖାତା ଖୋଲିଛି। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ମାର୍ଚ୍ଚ ୧ରେ ଏଠାରେ ଚେନ୍ନାଇନ ଏଫ୍‌ସି ସହ ଖେଳିବ।

### ସେମିଫାଇନାଲ ଲାଗି ଯୋଗ୍ୟତା

# ଭାରତକୁ ଶେଷ ୨ଟି ମ୍ୟାଚ୍ ଜିତିବାକୁ ହେବ

ନୂଆଦିଲ୍ଲୀ,୨୪।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ର ପ୍ରଥମ ସୁପର ଏଇଟ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଠାରୁ ୭୬ ରନ୍‌ରେ ଭାରତ ହାରିବା ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୧୦୭ ରନ୍‌ରେ ଜିମ୍ବାୱେକୁ ହରାଇଛି। ଏହି ମ୍ୟାଚ୍ ଦୁଇଟିର ଫଳାଫଳ ପରେ ଭାରତର ସେମିଫାଇନାଲ ଖେଳିବା ଆଶା କଷ୍ଟକର ହୋଇପଡ଼ିଛି। ଅବଶ୍ୟ ଗ୍ରୁପ୍‌ରେ ପ୍ରତ୍ୟେକ ଦଳ ଆଉ ୨ଟି ଲେଖାଏଁ ସୁପର ଏଇଟ୍ ଲିଗ୍ ମ୍ୟାଚ୍ ଖେଳିବାକୁ ବାକି ରହିଛି। ଏହା ମଧ୍ୟରୁ ଭାରତ ଯଦି ଏହି ଦୁଇଟି ମ୍ୟାଚ୍‌ରେ ବିଜୟୀ ହୁଏ ତେବେ ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିବ। ଯଦି ବଡ ବ୍ୟବଧାନରେ ବିଜୟୀ ହୁଏ, ତେବେ ଦଳ ସେମିଫାଇନାଲ ଖେଳିବା ନିଶ୍ଚିତ ହେବ। ଏଭଳି ସ୍ଥିତିରେ ଭାରତ ଫେବୃଆରୀ ୨୬ରେ ଜିମ୍ବାୱେ ଓ ମାର୍ଚ୍ଚ ୧ରେ ୱେଷ୍ଟଇଣ୍ଡିଜ୍ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟ ଦଳଗୁଡ଼ିକର ଫଳାଫଳ ଯାହା ହେଉନା କାହିଁକି ଭାରତକୁ ସେମିଫାଇନାଲ ଦୌଡ଼ରେ ରହିବାକୁ ହେଲେ ଏହି ମ୍ୟାଚ୍ ଦୁଇଟିରେ ଜିତିବାକୁ ହେବ। ଗୋଟିଏ ମ୍ୟାଚ୍‌ରେ ପରାଜୟ ଅର୍ଥ ସୁପର ଏଇଟ୍‌ରୁ ବିଦା ହେବା।

ପ୍ରଥମେ ଦକ୍ଷିଣ ଆଫ୍ରିକା ଯଦି ତାହାର ଅବଶିଷ୍ଟ ୨ଟି ଓ ଭାରତ ମଧ୍ୟ ୨ଟି ମ୍ୟାଚ୍‌ରେ ବିଜୟୀ ହୁଅନ୍ତି, ତେବେ ଉଭୟ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଦ୍ୱିତୀୟରେ ଦକ୍ଷିଣ ଆଫ୍ରିକା ଯଦି ୱେଷ୍ଟଇଣ୍ଡିଜ୍ ନିକଟରୁ ପରାଜିତ ହୁଏ ଏବଂ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ବିଜୟୀ ହୁଏ, ତେବେ ୩ଟି ଦଳର ପଏଣ୍ଟ ସଂଖ୍ୟା ସମାନ ହେବ। ଏହା ପରେ ନେଟ ରନ୍‌ରେଟ୍ ହିସାବକୁ ନିଆଯିବ। ଏଥିରେ ଯେଉଁ ଦୁଇ ଦଳର ନେଟ୍ ରନ୍ ଅଧିକ ରହିବ, ସେହି ଦଳ ସେମିଫାଇନାଲ ଖେଳିବେ। ଏହି ସମୀକରଣରେ ଜିମ୍ବାୱେକୁ ସମସ୍ତ ମ୍ୟାଚ୍‌ରେ ହାରିବାକୁ ହେବ। ଜିମ୍ବାୱେ ଯଦି ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୁଏ, ତେବେ ସମସ୍ତ ସମୀକରଣ ଓଲଟ ପାଲଟ ହୋଇଯିବ। ସୁପର ଏଇଟ୍ ଗ୍ରୁପ୍-୧'ରେ ୨ଟି ମ୍ୟାଚ୍ ପରେ ୱେଷ୍ଟଇଣ୍ଡିଜ୍‌ର ନେଟ ରନ୍ +୫.୩୫୦, ଦକ୍ଷିଣ ଆଫ୍ରିକାର +୩.୮୦୦ ଓ ଭାରତର -୩.୮୦୦ ରହିଛି। ଏଣୁ ଭାରତକୁ ସେମିରେ ପ୍ରବେଶ କରିବାକୁ ହେଲେ ଖାଲି ବିଜୟ ନୁହେଁ, ବଡ଼ ବ୍ୟବଧାନରେ ବିଜୟୀ ହେବାକୁ ପଡ଼ିବ। ମାତ୍ର ୨ ମାସ ତଳେ ଦଳର ବିସ୍ଫୋରକ ବ୍ୟାଟିଂ ଲାଗି ଅପରାଜେୟ ମନେ ହେଉଥିବା ଭାରତ ଗୋଟିଏ ମ୍ୟାଚ ହାରିଯିବା ପରେ ଏବେ ସେମିଫାଇନାଲ ଯିବାକୁ ସଂଘର୍ଷ କରୁଛି। ଏଭଳି ଦଳଠାରୁ ଆଉ ଅଧିକ କିଛି ଆଶା କରାଯାଉନାହିଁ।

### ଗ୍ରୁପ-୧ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟା. | ବି. | ପ. | ପଏଣ୍ଟ | ନେଟ୍‌ରନ୍ |
|---|---|---|---|---|---|
| ୱେଷ୍ଟଇଣ୍ଡିଜ୍ | ୧ | ୧ | ୦ | ୨ | +୫.୩୫୦ |
| ଦ.ଆଫ୍ରିକା | ୧ | ୧ | ୦ | ୨ | +୩.୮୦୦ |
| ଭାରତ | ୧ | ୦ | ୧ | ୦ | -୩.୮୦୦ |
| ଜିମ୍ବାୱେ | ୧ | ୦ | ୧ | ୦ | -୫.୩୫୦ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ

## ଟି-୨୦ ବିଶ୍ୱକପ୍ | ବ୍ରୁକ୍‌ଙ୍କ ଶତକ: ପାକ୍‌କୁ ହରାଇ ସେମିରେ ଇଂଲଣ୍ଡ

ପାଲେକେଲେ, ୨୪।୨ (ଏଜେନ୍ସି): ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ର ପ୍ରଥମ ଦଳ ଭାବେ ଇଂଲଣ୍ଡ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଶ୍ରୀଲଙ୍କାର ପାଲେକେଲେ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ସୁପର୍-୮ ପର୍ଯ୍ୟାୟର ଗ୍ରୁପ୍-୨'ର ଏକ ମ୍ୟାଚରେ ଇଂଲଣ୍ଡ ୨ ୱିକେଟରେ ରୋମାଞ୍ଚକ ଭାବେ ପାକିସ୍ତାନକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚରେ ଶ୍ରୀଲଙ୍କାକୁ ୫୧ ରନରେ ହରାଇଥିବା ଇଂଲଣ୍ଡ ଏଥିସହ ସେମିଫାଇନାଲରେ ପହଞ୍ଚିଛି। ଅପରପକ୍ଷରେ ୨ଟି ମ୍ୟାଚରୁ ଗୋଟିଏ ଲେଖାଏ ପରାଜୟ ଓ ବାତିଲ ସହ ପାକିସ୍ତାନ ଏକପ୍ରକାର ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ବୁଧବାର ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଖେଳାଯିବ।

୧୬୫ ରନର ଲକ୍ଷ୍ୟକୁ ପିଛା କରିଥିବା ଇଂଲଣ୍ଡ ଅଧିନାୟକ ହ୍ୟାରୀ ବ୍ରୁକ୍‌ଙ୍କ ଶତକ ବଳରେ ୧୯.୧ ଓଭରରେ ୮ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ବ୍ରୁକ୍ ୧୦ ଚୌକା ଓ ୪ ଛକା ବଳରେ ୫୧ ବଲରେ ଠିକ୍ ୧୦୦ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିଲ୍ ଜ୍ୟାକ୍ ୨୮, ସାମ କରାନ ୧୬ ରନର ଉପଯୋଗୀ ପାଳି ଖେଳିଥିଲେ। ବୋଲିଂରେ ଆଫ୍ରିଦୀ ୪ଟି ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଓପନର୍ ଶାହିବଜାଦ ଫରହାନ (୬୩ ରନ)ଙ୍କ ଅର୍ଦ୍ଧଶତକ ବଳରେ ୯ ୱିକେଟରେ ୧୬୪ ରନ କରିଥିଲା।

## ବଧିର ଏସିଆ କପ୍ | ଭାରତକୁ ଜିତାଇଲେ ଓଡ଼ିଶାର ଶିବୁନା

ଭୁବନେଶ୍ୱର, ୨୪।୨ (ସମିସ): କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ବଧିର ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ ଏହାର ବିଜୟଧାରା ବଜାୟ ରଖିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୯ ୱିକେଟ୍‌ରେ ନେପାଳକୁ ପରାସ୍ତ କରିଛି। ଭାରତ ଏହି ବିଜୟରେ ଘରୋଇ ଓଡ଼ିଶାର ଯୁବ ଅଲ୍‌ରାଉଣ୍ଡର ଶିବୁନା ନନ୍ଦ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେ ୩ ଓଭର ବୋଲିଂ କରି ମାତ୍ର ୪ ରନ ବ୍ୟୟରେ ନେପାଳର ୨ଜଣ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ୧୯.୨ ଓଭରରେ ମାତ୍ର ୫୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ନେପାଳ ପକ୍ଷରୁ ଏକମାତ୍ର ବ୍ୟାଟର ଭାବେ ଅଭିଷେକ କୁମାର (୧୭ ରନ) ଦୁଇଅଙ୍କ ସ୍କୋର ଛୁଇଁପାରିଥିଲେ। ଅନ୍ୟତମ ସଫଳ ଭାରତୀୟ ବୋଲର ଭାବେ ଆକାଶ ସାଇନିଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଭାରତ ୫.୧ ଓଭରରେ ମାତ୍ର ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସାଇ ଆକାଶ ୨୦ ବଲରେ ୩୩ ଓ ଅଭିଷେକ ସିଂ ୯ ବଲରେ ୧୪ ରନ କରି ଅପରାଜିତ ରହିଥିଲେ। ଶିବୁନାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଏସୀୟ ବଧିର କ୍ରିକେଟ୍ ସଂଘର ସଭାପତି ସୁମିତ ଜୈନ, ଶର୍ମିଳା ସୁବ୍ରମଣିଅନ ଓ ସାଗରକାନ୍ତ ସେନାପତି ଅତିଥିଭାବେ ଉପସ୍ଥିତ ରହିଥିଲେ।




### ରଣଜୀ ଟ୍ରଫି ଫାଇନାଲ: ଶୁଭମଙ୍କ ଅପରାଜିତ ଶତକ

# ପ୍ରଥମ ଦିନରେ ଜମ୍ମୁ-କଶ୍ମୀରର ଲଢୁଆ ବ୍ୟାଟିଂ

ହୁବ୍‌ଲୀ,୨୪।୨(ଏଜେନ୍ସି): ଓପନର ଶୁଭମ ପୁନ୍ଦିରଙ୍କ ଅପରାଜିତ ଶତକ ଓ ଦୁଇଟି ଶତକୀୟ ପାର୍ଟନରସିପ୍ ବଳରେ ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା କର୍ଣ୍ଣାଟକ ବିପକ୍ଷ ୨୦୨୬ ରଣଜୀ ଟ୍ରଫି ଫାଇନାଲର ପ୍ରଥମ ଦିନରେ ଜମ୍ମୁ-କଶ୍ମୀର ପ୍ରଥମ ଇନିଂସରେ ୨ ୱିକେଟ ହରାଇ ୨୮୪ ରନ୍ କରିଛି। ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଶୁଭମ ୧୧୭ ଓ ଅବ୍‌ଦୁଲ ସମଦ ୫୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୱେର ହାସନ ୮୮ ରନ୍ କରିଥିଲେ। କିନ୍ତୁ ଅନ୍ୟତମ ଓପନର କମରାନ ଇକବାଲ ୬ ରନ୍‌ରେ ଆଉଟ ହୋଇଥିଲାବେଳେ ଅଧିନାୟକ ପାରସ ଡୋଗ୍ରା ୯ ରନ୍ କରିଥିଲାବେଳେ ରିଟାୟର୍ଡ ହର୍ଟ ହୋଇଥିଲେ। କର୍ଣ୍ଣାଟକର ଶକ୍ତିଶାଳୀ ବୋଲିଂ ବିପକ୍ଷରେ ଲଢୁଆ ବ୍ୟାଟିଂ କରିଥିବା ପୁନ୍ଦିର ଦ୍ୱିତୀୟ ୱିକେଟରେ ୟୱେର ହାସନଙ୍କ ସହ ୧୩୯ ଓ ଅବିଭକ୍ତ ତୃତୀୟ ୱିକେଟରେ ଅବ୍‌ଦୁଲ ସମାଦଙ୍କ ସହ ୧୦୫ ରନ୍ ସଂଗ୍ରହ କରି ଦଳକୁ ଏକ ଦୃଢ଼ ମୂଳଦୁଆ ଦେଇଥିଲେ। କର୍ଣ୍ଣାଟକ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୨ଟି ୱିକେଟ ପାଇଥିଲେ। ରଣଜୀ ଟ୍ରଫିରେ କର୍ଣ୍ଣାଟକ ୧୪ ଥର, ଜମ୍ମୁ-କଶ୍ମୀର ପ୍ରଥମଥର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।



ଏହି ମ୍ୟାଚ୍‌ରେ ଟସ୍ ଜିତିବା ପରେ ଜମ୍ମୁ-କଶ୍ମୀର ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳୀୟ ସ୍କୋର ମାତ୍ର ୧୮ ରନ୍ ଥିଲାବେଳେ ଓପନର କମରାନ ଇକବାଲ ଆଉଟ ହୋଇଯାଇଥିଲେ। ସେ ମାତ୍ର ୬ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ସର୍ଟ ଅଫ୍ ଲେନ୍ଥ ବୋଲିଂରେ ଦ୍ୱିତୀୟ ସ୍ଲିପ୍‌ରେ ଲୋକେଶ ରାହୁଲଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ଫର୍ମରେ ନ ଥିବା ଓପନର ୟୱେର ହାସନ ଓ ନଂ-୩ ବ୍ୟାଟର ଶୁଭମ ପୁନ୍ଦିର ଫ୍ଲାଟ ପିଚ୍‌ରେ ଧୈର୍ଯ୍ୟର ସହ ଖେଳି ୧୩୯ ରନ୍‌ର ପାର୍ଟନରସିପ୍ କରିଥିଲେ। ସିଜନ ସାରା ବିଫଳ ହୋଇଥିବା ଓପନର ହାସନ ଏଠାରେ ୮୮ ରନ୍ କରି ଫର୍ମକୁ ଫେରିଥିଲେ। ସେ ୧୫୦ଟି ବଲ୍ ଖେଳି ୧୩ଟି ଚୌକା ମାରିଥିଲେ। ତାଙ୍କ ଆଉଟ ପରେ ଅଧିନାୟକ ପାରସ ଡୋଗ୍ରା ବାରମ୍ବାର କର୍ଣ୍ଣାଟକ ପେସ୍ ବୋଲରଙ୍କ ଦ୍ୱାରା ବିଟ୍ ହୋଇଥିଲେ। ଫଳରେ ୯ ରନ୍ କରିଥିଲାବେଳେ ଡୋଗ୍ରାଙ୍କୁ ରିଟାୟର୍ଡ ଆଉଟ ହେବାକୁ ପଡ଼ିଥିଲା। ତାଙ୍କ ଆଉଟ ପରେ ଶୁଭମଙ୍କ ସହ ଚଳିତ ସିଜନର ଟପ୍ ସ୍କୋରର ଅବଦୁଲ ସମଦ ଯୋଗ ଦେଇ ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ଉଭୟ ଖେଳାଳି ଶେଷ ପର୍ଯ୍ୟନ୍ତ ଆଉଟ ହୋଇ ନ ଥିଲେ ଓ ଅବିଭକ୍ତ ତୃତୀୟ ୱିକେଟ ଭାଗୀଦାରିରେ ୧୪୪ ବଲ୍‌ରୁ ୧୦୫ ରନ୍ ଉଠାଇ ଦଳକୁ ଏକ ଭଲ ସ୍ଥିତିରେ ପହଞ୍ଚାଇଥିଲେ। କ୍ୟାରିୟରର ଚତୁର୍ଥ ଶତକ ହାସଲ କରିଥିବା ଶୁଭମ ୧୨୧ଟି ବଲ୍‌ରେ ୧୨ ଚୌକା ଓ ୨ ଛକା ସହ ୧୧୭ ରନ୍‌ରେ ଅପରାଜିତ ରହିଥିଲେ। ତାଙ୍କ ସହ ସମଦ ୬୭ ବଲ୍ ଖେଳି ୫ ଚୌକା ଓ ୧ ଛକା ସହ ୫୨ ରନ୍‌ରେ ବ୍ୟାଟିଂ କରୁଥିଲେ। କର୍ଣ୍ଣାଟକ ପକ୍ଷରୁ ଦୁଇ ସ୍ପିନର ଶ୍ରେୟସ ଗୋପାଳ ଓ ଶିଖର ସେଟ୍ଟୀ କୌଣସି ସଫଳତା ପାଇ ନ ଥିଲେ। ପେସରମାନେ ଲାଇନ୍ ଓ ଲେନ୍ଥରେ ବୋଲିଂ କରି ବ୍ୟାଟରଙ୍କୁ ବିଟ୍ କରିଥିଲେ ମଧ୍ୟ ଭାଗ୍ୟ ସେମାନଙ୍କୁ ସାଥ ଦେଇ ନ ଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS